


ସରକାର ବଦଳାଅ, ମମତାଙ୍କୁ ଗୁଡବାଏ କୁହ
ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17


Vol. 34 | ISSUE 12 ଭାଗ ୩୪ | ସଂଖ୍ୟା ୧୨ | Friday 3 April 2026 | Page 8 Rs. 5.00 | ● ଭୁବନେଶ୍ୱର ଶୁକ୍ରବାର ୩ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

# ହର୍ମୁଜ ଖୋଲିବାକୁ ଅଣ୍ଟା ଭିଡ଼ିଲା ଭାରତ

- ବ୍ରିଟେନ୍ ନେତୃତ୍ୱରେ ବୈଠକ
- ଯୋଗଦେଲେ ୪୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରର ପ୍ରତିନିଧି
- ଭାରତ ଏକମାତ୍ର ଦେଶ ଯିଏ ହର୍ମୁଜରେ ନାବିକଙ୍କୁ ହରାଇଛି
- ଟ୍ରମ୍ପଙ୍କ ସମ୍ବୋଧନ ପରେ ଘନେଇଲା ଯୁଦ୍ଧ
- ମଧ୍ୟପ୍ରାଚ୍ୟର ଉଚ୍ଚତମ ବ୍ରିଜ୍‌ରେ ବିସ୍ଫୋରଣ
- ୨୪ ଘଣ୍ଟା ନଜର ରଖିବାକୁ ଆଇଏମ୍‌ସିର ପରାମର୍ଶ



ନୂଆଦିଲ୍ଲୀ,୨।୪: ଆମେରିକାକୁ ଟ୍ରମ୍ପଙ୍କ ସମ୍ବୋଧନ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଭୟଙ୍କର ରୂପ ଧାରଣ କରିଛି। ଗୋଟେପଟେ ଇରାନର ପରମାଣୁ ଶକ୍ତିକୁ ସମ୍ପୂର୍ଣ୍ଣ ନଷ୍ଟ କରିବାକୁ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଆକ୍ରମଣ କରୁଛନ୍ତି। ସେପଟେ ଟ୍ରମ୍ପଙ୍କ ସମ୍ବୋଧନର କିଛି ଘଣ୍ଟା ପରେ ଇସ୍ରାଏଲ ଉପରେ ଘନ ଘନ ମିସାଇଲ ମାଡ଼ କରି ଇରାନ ନିଜ ଦମ ଦେଖାଇଛି। ଟ୍ରମ୍ପଙ୍କ ସମ୍ବୋଧନ ଅନୁଯାୟୀ ଆସନ୍ତା ଦୁଇରୁ ତିନି ସପ୍ତାହ ମଧ୍ୟରେ ତେହେରାନକୁ ବଡ ହମଲାର ସାମାନା କରିବାକୁ ପଡିବ।

ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଜାରି ଯୁଦ୍ଧରେ ଗୁରୁବାର ଇରାନକୁ ଏକ ବହୁତ ବଡ଼ ରଣନୈତିକ ଓ ଆର୍ଥିକ ଝଟକା ଲାଗିଛି। ଆମେରିକା ଓ ଇସ୍ରାଏଲ ବାୟୁସେନାର ମିଳିତ ଆକ୍ରମଣରେ ଇରାନର ଅଲବୋର୍ଜ ପ୍ରାନ୍ତରେ ଥିବା ମଧ୍ୟପ୍ରାଚ୍ୟର ସବୁଠୁ ଉଚ୍ଚା ବି-୧ ବ୍ରିଜକୁ ଟାର୍ଗେଟ କରାଯାଇଛି। ଏଥିରେ ପୋଲଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଏହା ଏକ ନିର୍ମାଣାଧୀନ ପୋଲ ଓ ଏହାକୁ ଦେଶର ପ୍ରମୁଖ ଇଞ୍ଜିନିୟରିଂ ଉପଲବ୍ଧି ମନେ କରାଯାଉଥିଲା। ଏହି ପୋଲର ନିର୍ମାଣ କାମ ଶେଷ ହୋଇସାରିଥିଲା। ତେବେ ଉପଯୋଗରେ ଆସିବା ପୂର୍ବରୁ ଆମେରିକା ଓ ଇସ୍ରାଏଲ ଏହାକୁ ନଷ୍ଟ କରିଦେଇଛନ୍ତି। ଏହି ପୋଲ ତେହରାନକୁ କରାଜ ସହ ସଂଯୁକ୍ତ କରୁଥିଲା। ଏହାର ଦୈର୍ଘ୍ୟ ୧,୦୫୦ ମିଟର ହୋଇଥିବା ବେଳେ ଏହା ୧୩୬ ମିଟର ଉଚ୍ଚ ଖମ୍ବ ଉପରେ ଥିଲା। ଏହାର ନିର୍ମାଣରେ ପାଖାପାଖି ୩୭ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ଆକ୍ରମଣକୁ ଇରାନ ପାଇଁ ଏକ ସାମରିକ ପରାଜୟ ସହ ବିରାଟ ଆର୍ଥିକ କ୍ଷତି ଭାବେ ଦେଖାଯାଉଛି।

ସେପଟେ ବିଶ୍ୱ ଅର୍ଥନୀତି ଶ୍ୱାସନଳୀ କୁହାଯାଉଥିବା 'ହର୍ମୁଜ୍ ପ୍ରଣାଳୀ'କୁ ପୁନର୍ବାର ଖୋଲିବା ପାଇଁ ଅଣ୍ଟା ଭିଡ଼ିଛି ଭାରତ। ବ୍ରିଟେନ ପକ୍ଷରୁ ବୈଦେଶିକ ସଚିବଙ୍କ ଦ୍ୱାରା ଆଭାସୀରେ ଅନୁଷ୍ଠିତ ଆଲୋଚନାରେ ଭାରତ ଅଂଶଗ୍ରହଣ କରି ନିଜର ପକ୍ଷ ଉପସ୍ଥାପନ କରିଛି। ଏଥିରେ ୪୦ଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିବା ବେଳେ ଭାରତ ପକ୍ଷରୁ ବୈଦେଶିକ ସଚିବ ବିକ୍ରମ ମିସ୍ରି ଯୋଗଦେଇ ଅନ୍ତର୍ଜାତୀୟ ଜଳପଥରେ ଅବାଧ ଚଳାଚଳର ସ୍ୱାଧୀନତା ଉପରେ ଗୁରୁତ୍ୱାରୋପ କରିଥିଲେ। ହର୍ମୁଜ ପ୍ରଣାଳୀରେ କଟକଣା ଲାଗିବା ପରେ ଏହା ଭାରତର ଶକ୍ତି ନିରାପତ୍ତା ଉପରେ ବିପଦ ସୃଷ୍ଟି ହୋଇଛି। ଏପରିକି ଭାରତ ଏକମାତ୍ର ଦେଶ ଯିଏକି ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ସମୟରେ ନିଜର ତିନି ଜଣ ନାବିକଙ୍କୁ ହରାଇଛି। ତେଣୁ ହର୍ମୁଜ୍ ପ୍ରଣାଳୀକୁ ନେଇ ସୃଷ୍ଟି ହୋଇଥିବା ଅନିଶ୍ଚିତତାକୁ ଦୂରେଇବା ସକାଶେ କୂଟନୈତିକ ସ୍ତରରେ ଅଂଶୀଦାର ଦେଶମାନଙ୍କ ସହ ଆଲୋଚନା ଜରୁରୀ ବୋଲି ଶ୍ରୀ ମିସ୍ରି ମତ ଦେଇଥିବା ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ସୂଚନାରେ ➪ପୃଷ୍ଠା-୬

# ଏଣିକି ଏପ୍ରିଲ୍ ୨ରୁ ସକାଳୁଆ ସ୍କୁଲ୍

- ସାଢ଼େ ୬ଟାରୁ ପାଠପଢ଼ା
- ପ୍ରତିଷେଧକମୂଳକ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ
- ଛାତ୍ରଛାତ୍ରୀ ପଢ଼ିବେ ଅଂଶୁଘାତ ମୁକାବିଲା ଟିପ୍ସ
- ସ୍କୁଲରେ ହେବ ପାଣି ପିଇବା ବ୍ରେକ୍

ଭୁବନେଶ୍ୱର, ୨।୪ (ସଂଚାର ବ୍ୟୁରୋ) : ଏଣିକି ଏପ୍ରିଲ ୨ ତାରିଖରୁ ଆରମ୍ଭ ହେବ ସକାଳୁଆ ସ୍କୁଲ। ଖରାଛୁଟି ଆରମ୍ଭ ପର୍ଯ୍ୟନ୍ତ ସବୁ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ସ୍କୁଲ ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଚାଲିବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଏହି ସମୟରେ ସକାଳୁଆ ସ୍କୁଲ ହେବ ବୋଲି ସବୁ ଜିଲ୍ଲାପାଳଙ୍କୁ ଆଜି ଅବଗତ କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଡକ୍ଟର ଏନ. ଥିରୁମଲ୍ଲା ନାୟକ। ତେବେ ଜିଲ୍ଲାପାଳମାନେ ନିଜ ନିଜ ଅଞ୍ଚଳରେ ପାଣିପାଗ ଦେଖି ସ୍କୁଲ ସମୟ ନିର୍ଘଣ୍ଟ ପରିବର୍ତ୍ତନ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଖରାଛୁଟି ପରେ ପୂର୍ବପରି ନିର୍ଦ୍ଧାରିତ ସମୟରେ ସ୍କୁଲ ଖୋଲିବ। ଏଥିସହ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସବୁ ସ୍କୁଲ ପାଇଁ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି। ପ୍ରଚଣ୍ଡ ଖରା ଓ ଗରମ ପାଇଁ ସବୁ ସ୍କୁଲରେ ପାନୀୟ ଜଳର ପର୍ଯ୍ୟାପ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ସ୍କୁଲ କ୍ୟାମ୍ପସରେ ଥିବା ଟ୍ୟୁବ୍‌ୱେଲ୍ ମରାମତି କରିବାକୁ ମଧ୍ୟ କୁହାଯାଇଛି। ଏଣିକି ସବୁ ସ୍କୁଲରେ ଶିକ୍ଷାର୍ଥୀମାନେ ପାଣି ପିଇବା ପାଇଁ ଏକ ବ୍ରେକ ହେବ ଓ ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରାଯିବ। ସବୁଦିନ ସେଇ ସମୟରେ ପାଣି ପିଇବାକୁ ଛାତ୍ରଛାତ୍ରୀମାନଙ୍କୁ ବ୍ରେକ ଦିଆଯିବ।

ସ୍କୁଲରେ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ ପ୍ୟାକେଟ ମହଜୁଦ ରଖିବାକୁ କୁହାଯାଇଛି। ଆବଶ୍ୟକ ପଡ଼ିଲେ ତାହା ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ଦିଆଯିବ। ଏହି ସମୟରେ କୌଣସି ପ୍ରକାର ଆଉଟଡୋର କାର୍ଯ୍ୟକ୍ରମ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ➪ପୃଷ୍ଠା-୬

### ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ର ମନ୍ତ୍ରୀଙ୍କ ଚିଠି

# ଦୁଇ ପ୍ରକଳ୍ପ ପାଇଁ ଦେଲେ ପ୍ରସ୍ତାବ

ଛେଣ୍ଡିପଦା-ଜରପଡ଼ା ଜିଲ୍ଲା ମୁଖ୍ୟ ରାସ୍ତାର ସମ୍ପ୍ରସାରଣ ହେଉ



ନୂଆଦିଲ୍ଲୀ, ୨।୪ (ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୁଳ ଜିଲ୍ଲାରେ କୋଇଲା ପରିବହନ ଓ ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏ ସମ୍ପର୍କରେ ଏକ ପତ୍ର ଲେଖି ଶ୍ରୀ ପ୍ରଧାନ ଛେଣ୍ଡିପଦା-ଅନୁଗୁଳ ରାଜ୍ୟ ରାଜପଥ (ଏସଏଚ-୬୩)ର ପ୍ରଶସ୍ତିକରଣ ଓ ବାଇପାସ ନିର୍ମାଣ ପାଇଁ ପ୍ରସ୍ତାବ ଦେବା ସହ ଛେଣ୍ଡିପଦା-ଜରପଡ଼ା ଜିଲ୍ଲା ମୁଖ୍ୟ ରାସ୍ତାର ➪ପୃଷ୍ଠା-୬

### କଂଗ୍ରେସରେ ଆରମ୍ଭ ହେଲା ପୁରୁଣା ରୋଗ

# ଏଥର ପିସିସି ନୁହେଁ, ସିଏଲପି ଲଢ଼େଇ

ଦିଲ୍ଲୀରେ ୬ ବିଧାୟକଙ୍କ ଡେରା



ଭୁବନେଶ୍ୱର୨।୪(ସଂଚାର ବ୍ୟୁରୋ): ରାଜ୍ୟ କଂଗ୍ରେସରେ ପୁଣି ନେତା ପରିବର୍ତ୍ତନ ଚର୍ଚ୍ଚା। ତେବେ ଏଥର ପିସିସି ସଭାପତି ରେସ୍ ପାଇଁ ନୁହେଁ, କଂଗ୍ରେସ ବିଧାୟକ ଦଳ ନେତା ପଦ ପାଇଁ ଚାଲିଛି ଲବି। କଂଗ୍ରେସର ୬ ଜଣ ବିଧାୟକ ବିଧାନସଭାରେ ବିଧାୟକ ଦଳ ନେତାଙ୍କୁ ପରିବର୍ତ୍ତନ ନେଇ ଦିଲ୍ଲୀ ଯାଇଥିବା ଚର୍ଚ୍ଚା ଜୋର୍ ଧରିଛି। ଆଉ ଏହି ପ୍ରସଙ୍ଗରେ ଆଜି ପିସିସି ସଭାପତି ମୁହଁ ଖୋଲିଛନ୍ତି। ➪ପୃଷ୍ଠା-୬


SIKSHA 'O' ANUSANDHAN (DEEMED TO BE UNIVERSITY)

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


### ପଞ୍ଚାୟତ ନିର୍ବାଚନ ନେଇ ବଢ଼ୁଛି ଆଶଙ୍କା

# ବାଟ ଓଗାଳିବ ଜନଗଣନା ଓ ସୀମା ନିର୍ଦ୍ଧାରଣ!

ଭୁବନେଶ୍ୱର,୨।୪(ସଂଚାର ବ୍ୟୁରୋ): ଆସନ୍ତାବର୍ଷ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କର ପାଞ୍ଚବର୍ଷିଆ କାର୍ଯ୍ୟକାଳ ସରିବାକୁ ଯାଉଥିବା ବେଳେ ଠିକଣା ସମୟରେ ପଞ୍ଚାୟତ ନିର୍ବାଚନ ହେବା ନେଇ ଆଶଙ୍କା ପ୍ରକାଶ ପାଇଲାଣି। କେତେକ କାରଣ ଯୋଗୁଁ ଏହି ନିର୍ବାଚନ ବିଳମ୍ବ ନେଇ ଆଲୋଚନା ଆରମ୍ଭ ହୋଇଛି।

ରାଜ୍ୟରେ ଏବେ ଡିଜିଟାଲ ଜନଗଣନା ଆରମ୍ଭ ହୋଇଥିବା ବେଳେ ଏସଆଇଆର ଜାରି ରହିଛି। ଏହା ସାଙ୍ଗକୁ ନିର୍ବାଚନମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟ ବି ଜୋରସୋରରେ ଚାଲିଛି। ଏହିସବୁ କାର୍ଯ୍ୟରେ ରାଜ୍ୟ ନିର୍ବାଚନ କମିଶନଙ୍କଠାରୁ ଆରମ୍ଭ କରି ମୁଖ୍ୟ ନିର୍ବାଚନ ଅଧିକାରୀ ଓ ରାଜ୍ୟ ପ୍ରଶାସନର ବିଭିନ୍ନ ସ୍ତରର ଅଧିକାରୀମାନେ ବ୍ୟସ୍ତ ରହିଛନ୍ତି। ଏହା ଭିତରେ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଶାସନ କେତେଦୂର ପ୍ରସ୍ତୁତ ହେବ, ତାହାକୁ ନେଇ ଏବେ ତର୍ଜମା ଆରମ୍ଭ ହୋଇଯାଇଛି।

### ଆସନ୍ତା ବର୍ଷ ସରୁଛି ପଞ୍ଚାୟତ କାର୍ଯ୍ୟକାଳ




ଆସନ୍ତା ବର୍ଷର ପ୍ରଥାର୍ଦ୍ଧରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କ କାର୍ଯ୍ୟକାଳ ସରିବାକୁ ଯାଉଥିବା ବେଳେ ଜାନୁଆରୀ-ଫେବ୍ରୁଆରୀରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବା ପାଇଁ ପୂର୍ବରୁ ପ୍ରଶାସନିକ ଓ ରାଜନୈତିକ ସ୍ତରରେ ସୂଚନା ଦିଆଯାଇଥିଲା। ତେବେ ଜନଗଣନା ପାଇଁ ଆସନ୍ତା ବର୍ଷ ଫେବ୍ରୁଆରୀକୁ ସମୟ ଧାର୍ଯ୍ୟ ହୋଇଛି। ଯେଉଁସବୁ ଅଧିକାରୀ ଓ କର୍ମଚାରୀମାନେ ପଞ୍ଚାୟତ ନିର୍ବାଚନ ପରିଚାଳନା କରିବା କଥା, ସେମାନେ ଜନଗଣନାରେ ମଧ୍ୟ ବ୍ୟସ୍ତ ରହିବେ। କାରଣ କେନ୍ଦ୍ର ସରକାର ଏଥିପାଇଁ ସମୟ ଧାର୍ଯ୍ୟ କରିବା ସହ ଏହାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି।

ପଞ୍ଚାୟତ ନିର୍ବାଚନ ବାଲାଟ ପେପରରେ ହେଉଥିବାରୁ ଏଥିପାଇଁ ଅତି କମ୍‌ରେ ବର୍ଷକ ପୂର୍ବରୁ ରାଜ୍ୟ ନିର୍ବାଚନ କମିଶନ ଓ ଏଥିସହ ଜଡ଼ିତ ଅନ୍ୟ ବିଭାଗଗୁଡ଼ିକ ପ୍ରସ୍ତୁତି ଚଳାଇଥାନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସେଭଳି କୌଣସି ପ୍ରସ୍ତୁତି ଆରମ୍ଭ ହୋଇଥିବା ନେଇ ସଙ୍କେତ ମିଳୁନାହିଁ। ଏନେଇ ➪ପୃଷ୍ଠା-୬









## ପବିତ୍ର ଗୁଡ୍ ଫ୍ରାଇଡ଼େ - ୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ । ପ୍ରଭୁ ଯୀଶୁ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମପାଟି)





## ଗୁଡ୍ ଫ୍ରାଇଡେ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଗୁଡ୍ ଫ୍ରାଇଡେ ଆମ ଖ୍ରୀଷ୍ଟିଆନ ଭାଇଭଉଣୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ଏହି ଦିବସ ଆମକୁ ତ୍ୟାଗ ଓ ବଳିଦାନର ମୂଲ୍ୟ ସମ୍ପର୍କରେ ସଚେତନ କରିଥାଏ । ମାନବ ସମାଜର କଲ୍ୟାଣ ପାଇଁ ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗକୁ ଆଧାର କରି ଆସନ୍ତୁ, ଏକ ଆଦର୍ଶ ସମାଜ ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL/320920-15001/2/2627

# ରାସ୍ତା କଡ଼ରୁ ମୂଲ୍ୟବାନ ଗଛ କାଟିନେଲେ ଦୁର୍ବୃତ୍ତ

**● ବନ ବିଭାଗର ମିଳିନି ଅନୁମତି ● କାର୍ଯ୍ୟାନୁଷ୍ଠାନ ହେବ ନା ଖସିଯିବେ ?**

**ମହାକାଳପଡ଼ା,୨।୪(ସଂଚାର ବ୍ୟୁରୋ):** ରାସ୍ତା କଡ଼ରେ ବନବିଭାଗ ତରଫରୁ ଲଗାଯାଇଥିବା ମୂଲ୍ୟବାନ ଆକାଶି ଗଛକୁ ଦୁର୍ବୃତ୍ତମାନେ କାଟି ଦେଇଛନ୍ତି। କଟାଯାଇଥିବା କେତେକ ଗଛ ସ୍ଥାନାନ୍ତରିତ କରିଦିଆଯାଇଥିଲା ବେଳେ ଆଉ ଅବଶିଷ୍ଟ ଗଛ ପଡ଼ି ରହିଛି। ହେଲେ ବିଭାଗୀୟ ଅନୁମତି ବିନା ଏତେ ସଂଖ୍ୟକ ଗଛ କଟାକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଛନ୍ତି ଅଞ୍ଚଳର ଯୁବକମାନେ।



ସୂଚନା ଅନୁଯାୟୀ ମହାକାଳପଡ଼ା ବ୍ଲକ ଅଧୀନ ଦେଉଳପଡା ପଞ୍ଚାୟତର ନଳପଦା ଠାରୁ ଅମିରାବାଦ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ବନବିଭାଗ ତରଫରୁ ବନୀକରଣ କରାଯାଇଥିଲା। ଗଛ ଗୁଡିକ ଆକାରରେ ବଡ଼ ହେବା ସହିତ ଯାତ୍ରୀ ମାନଙ୍କ ସହିତ ଗ୍ରାମବାସୀ ମାନଙ୍କ ପାଇଁ ବେଶ୍ ଲାଭଦାୟକ ହେଉଥିଲା। ହେଲେ ଗତକାଲି ୩୦ ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଆକାଶି ଗଛ ଗୁଡିକୁ କଟାଯାଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଗ୍ରାମର ଗୋବରୀ ନଦୀ କୂଳରେ ନଦୀ ତଟବନ୍ଧ ତରଫରୁ ପଥର ବିଛା କାମ ହେବାକୁ ଥିଲା ବେଳେ କାମ ତଦାରଖ କରୁଥିବା ବ୍ୟକ୍ତିମାନେ ଏହି ଗଛ କାଟିଥିବା ଯୁବକମାନେ ଅଭିଯୋଗ କରିଛନ୍ତି। ଗଛ କାଟିବା ସମ୍ପର୍କରେ ତାଙ୍କୁ ପଚାରିବାରୁ ସେମାନେ ଉପରୁ ଅନୁମତି ମିଳିଛି ବୋଲି କହିଥିବା ଯୁବକମାନେ କହିଛନ୍ତି। ଏନେଇ ରେଞ୍ଜର ସାନ୍ତନୁ କୁମାର ଦଳାଇ ଙ୍କୁ ଫୋନ ଯୋଗେ ପଚାରିବାରୁ ଗଛ କାଟିବା ପାଇଁ କୌଣସି ଅନୁମତି କାର୍ଯ୍ୟାଳୟ ତରଫରୁ ଦିଆଯାଇନଥିବା ସେ ସ୍ପଷ୍ଟ କରିଛନ୍ତି। ଲୋକଙ୍କ ଅଭିଯୋଗ ଆଧାରରେ ସେ ଏକ ତଦନ୍ତ ପାଇଁ ସୁପାରିଶ ମଧ୍ୟ କରିଛନ୍ତି। ଆଜି ବନବିଭାଗର କିଛି କର୍ମଚାରୀ ଓ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ତ୍ରିଲୋଚନ ବେହେରା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣା ପଡ଼ିଛି। ଅଞ୍ଚଳରୁ ଏତେ ସଂଖ୍ୟକ ଗଛ କଟା ହେଉଛି ହେଲେ ବନବିଭାଗ ଜାଣି ପାରୁନାହିଁ କେମିତି ?

ଖୋଦ୍ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ମାଆଙ୍କ ନାମରେ ଗଛଟିଏ ଲଗାଇବାର ଆହ୍ୱାନ କରୁଥିବା ବେଳେ ଅଞ୍ଚଳରେ ଅଧିକାରୀ ଓ ଅସାଧୁ ବ୍ୟକ୍ତିମାନଙ୍କ ମଧୁଚନ୍ଦ୍ରିକା ପାଇଁ ମୂଲ୍ୟବାନ ଗଛ ଗୁଡିକ ବଳିପଡୁଛି। ତେବେ ଏ ଘଟଣାରେ ବିଭାଗ ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ପରିବେଶବିତ୍ ଓ ସାଧାରଣ ଲୋକେ।

## ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ

**ରାଜନଗର,୨।୪(ସଂଚାର ବ୍ୟୁରୋ):** ରାଜନଗର ଥାନା ଅଞ୍ଚଳରେ ଜଣେ ୧୯ ବର୍ଷୀୟ ଯୁବତୀଙ୍କୁ ଦୁଷ୍କର୍ମ କରାଯାଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି | ପୋଲିସ ଅଭିଯୋଗ ପାଇବା ପରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିବା ନେଇ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି | ସୂଚନା ମୁତାବକ ରାଜନଗର ଥାନା ଅଞ୍ଚଳର ଜଣେ ୧୯ ବର୍ଷୀୟ ଯୁବତୀ ଗାଁ ପାଖ ଗାଁରେ ହେଉଥିବା ଯଜ୍ଞ ଦେଖିବାକୁ ଯାଇଥିଲା | ଯଜ୍ଞ ସ୍ଥଳରେ ପ୍ରସାଦ ସେବନ କରିବା ସମୟରେ ଜଣେ ଯୁବକ ଅଶୀଳ ଇଙ୍ଗିତ କରିଥିଲା | ଯଜ୍ଞରୁ ଘରକୁ ଫେରିବା ସମୟରେ ଯୁବକ ଜଣଙ୍କ ତାଙ୍କୁ ପିଛା କରି ଅଶୀଳ ଇଙ୍ଗିତ କରିଥିଲା | ଯୁବତୀ ଜଣଙ୍କ ବିରୋଧ କରିବାରୁ ଯୁବକ ଜଣଙ୍କ ଯୁବତୀଙ୍କୁ ମାଡି ବସି ଦୁଷ୍କର୍ମ କରିଥିଲେ | ଯୁବତୀଙ୍କ ଚିତ୍କାର ଶୁଣି ଲୋକ ମାନେ ଚାଲି ଆସି ଯୁବତୀଙ୍କୁ ଉଦ୍ଧାର କରି ଘର ଲୋକଙ୍କୁ ଖବର ଦେଇଥିଲେ ବୋଲି ଦୁଷ୍କର୍ମ ପୀଡ଼ିତା ଯୁବତୀଙ୍କ ମାଆ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି | ଅଭିଯୁକ୍ତ ଜଣକ ତାଙ୍କ ଝିଅଙ୍କୁ ଦୁଷ୍କର୍ମ କରିବା ସହିତ ଝିଅ ବେକରୁ ଚେନ ଟାଣି ନେଇଥିବା ନେଇ ଅଭିଯୋଗ କରିଛନ୍ତି | ଦୁଷ୍କର୍ମର ଶିକାର ହେବା ପରେ ଝିଅ ମାନସିକ ଆଘାତ ପାଇବା ସହ ନିଜକୁ ଅସୁରକ୍ଷିତ ମନେ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି | ରାଜନଗର ଥାନାରେ କେସ ନମ୍ବର ୧୩୩/୨୦୨୬, ଦଫା ୭୯, ୬୪ ( ୧ ), ୩୦୩ ( ୨ ), ୩୫୧ ବିଏନଏସରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ କିଆଯୋଡି ଗାଁର ଗୁରୁ ଚରଣ ସ୍ୱାଇଁଙ୍କୁ ଗିରଫ କରିଥିବା ପୁଲିସ ସୂତ୍ରରୁ ସୂଚନା ଦିଆଯାଇଛି |

## ଯୁବ ବ୍ୟବସାୟୀଙ୍କ ପରଲୋକ



**ରାଜନଗର,୨।୪(ସଂଚାର ବ୍ୟୁରୋ):** ରାଜନଗର ଗ୍ରାମର ଯୁବ ବ୍ୟବସାୟୀ ଜତିକୃଷ୍ଣ ମିଶ୍ରଙ୍କ ୫୭ ବର୍ଷ ବୟସରେ ଆଜି ସକାଳ ୯ଟା ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ସ୍ୱର୍ଗତ ମିଶ୍ର ଗତ କିଛି ଦିନ ତଳେ ନିଜ ହାର୍ଡୱେର ଦୋକାନରେ ବସିଥିବା ଅବସ୍ଥାରେ ହୃଦଘାତ ହୋଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦୁଇଦିନ ତଳେ ତାଙ୍କର ଓପନ ହାର୍ଟ ଅସ୍ତ୍ରୋପଚାର କରାଯାଇଥିଲା । ଆଜି ତାଙ୍କର ମୃତ୍ୟୁ ଘଟିଛି। ଗତ ମାସ ୨୯ ତାରିଖରେ ତାଙ୍କ ବାପାଙ୍କର ମୃତ୍ୟୁ ହୋଇଥିଲା। ସେ ହସ୍ପିଟାଲରେ ଥିବାରୁ ତାଙ୍କୁ ଏବିଷୟରେ ଜଣା ଜଣାଯାଇନଥିଲା। ତାଙ୍କ ମୃତ୍ୟୁରେ ରାଜନଗର ବଣିକ ସଙ୍ଘ ପକ୍ଷରୁ ଦିନ ୧ ଘଟିକା ଠାରୁ ରାତ୍ରି ୧୦ ଘଟିକା ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟୀ ଅନୁଷ୍ଠାନ ବନ୍ଦ ରଖାଯାଇଛି । ତାଙ୍କ ମୃତ୍ୟୁ ଖବର ପାଇ ବଣିକ ସଙ୍ଘ ସଭାପତି ବାଇଧର ସେଠୀଙ୍କ ସମେତ ବ୍ୟବସାୟୀ ଭାଇମାନେ ତାଙ୍କର ଶେଷ ଦର୍ଶନ କରିବା ସହିତ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି । ତାଙ୍କ ବଡ଼ପୁଅ ସ୍ୱଂୟଭୂ ମୁଖାଗ୍ନି ଦେଇଥିଲେ। ଗାଁ ସ୍ମଶାନରେ ଶେଷକୃତ ସଂପର୍ଣ୍ଣ କରାଯାଇଥିଲା

## ଜଳଛତ୍ର ଉଦ୍‌ଘାଟିତ



**ଗରଦପୁର,୨।୪(ସଂଚାର ବ୍ୟୁରୋ):** ବଙ୍ଗାଳପୁର ପଞ୍ଚାୟତ ମାହଳ କୋରୁଆ ମୁଖ୍ୟ ରାସ୍ତା ପଞ୍ଚମୁଖି ହନୁମାନଙ୍କ ସମ୍ମୁଖରେ ଆଞ୍ଚଳିକ ପେନସନ ଉପୋଭୋକ୍ତା ସଙ୍ଘ ଓ ପତିତପାବନ ମହାପାତ୍ର ସ୍ମାରକୀ ଟ୍ରଷ୍ଟ ତରଫରୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଦୁଇ ମାସ ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ କରି ଦହି ସର୍ବତ ଓ ବିଶୁଦ୍ଧ ପାନୀୟଜଳ ବଣ୍ଟନ ନିମନ୍ତେ ଏକ ଜଳଛତ୍ରର ଶୁଭ ଉଦଘାଟନ କରାଯାଇଅଛି। ଏହି ଉଦଘାଟନରେ ଉଦଘାଟକ ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମହାଳ ଶାଖାର ମୁଖ୍ୟ ପରିଚାଳକ ସୁରେଶ ଚନ୍ଦ୍ର ପୃଷ୍ଟି ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ। ଏଥି ସହିତ ପତିତ ପାବନ ସ୍ମାରକୀ ଚରେଟେବୁଲ ଟ୍ରଷ୍ଟର ସଭାପତି ପୁଷ୍ପେନ୍ଦ୍ର ମହାପାତ୍ର ଏବଂ ଆଞ୍ଚଳିକ ପେନସନ ଉପୋଭୋକ୍ତା ମହାସଂଘର ସଭାପତି ଦୁର୍ଯ୍ୟଧନ ତ୍ରିପାଠୀ,ସମ୍ପାଦକ ପ୍ରତାପ ଚନ୍ଦ୍ର ମହାପାତ୍ର ଓ ବିଶିଷ୍ଟ ନାରୀ ସମାଜସେବୀ ଶ୍ରୀମତୀ ତପସ୍ୱିନୀ ପଟ୍ଟନାୟକ ଉପସ୍ଥିତ ରହି ପଥଚାରୀ ମାନଙ୍କୁ ଦହି ପାଣି ସହିତ ଥଣ୍ଡା ପାନୀୟ ବଣ୍ଟନ କରିଥିଲେ। ଦୁଇ ସଂଘଠନର ଏହିଭଳି ମହାନ କାର୍ଯ୍ୟକୁ ସାଧାରଣରେ ପ୍ରସଂଶା ଅନେକ କରାଯାଉଅଛି।

## ଅନନ୍ତ ଆଶ୍ରମରେ ପଦ୍ମଶ୍ରୀ ବାବା ବଳିଆଙ୍କ ଆଧ୍ୟାତ୍ମିକ ପ୍ରବଚନ ସଭା

**ରାଜନଗର,୨।୪(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସାନବଡ ଗୋପାଳପୁରସ୍ଥିତ ଅନନ୍ତ ସେବା ଆଶ୍ରମରେ ପବିତ୍ର ଚୈତ୍ର ପୂର୍ଣ୍ଣିମା ଅବସରରେ ଆଜି ଆଧ୍ୟାତ୍ମିକ ଗୁରୁ ପଦ୍ମଶ୍ରୀ ଶ୍ରୀମଦ ବାବା ବଳିଆ ଦୀକ୍ଷାନ୍ତ ପ୍ରବଚନ ମାଧ୍ୟମରେ ମଧ୍ୟ ପ୍ରାଚୀର ଯୁଦ୍ଧ ବିଭୀଷିକାର କରୁଣ ପରିଣତି ବିଷୟରେ ସାରା ବିଶ୍ୱବାସୀଙ୍କୁ ସୂଚାଇ ଦେଇଛନ୍ତି ଯେ ହିଂସା, ବିଭୀଷିକା, ଜିଦ, ଅହଂକାର ପାଇଁ କେତେଯେ ନିରୀହ ଜୀବନ ଆହୁତି ଦେବାକୁ ପଡୁଛି ତାର ଉତ୍ତର କାହା ପାଖରେ ଅଛି ଆମ ଆଗାମୀ ପିଢ଼ି ପାଇଁ? ଏଥିପାଇଁ ଶାନ୍ତି ଲୋଡ଼ା. ମାନବବାଦକୁ ସମ୍ମାନ ଜଣାଇ ଯୁଦ୍ଧର ପରିସମାପ୍ତିହେବା ଜରୁରୀ. ଆଜିର ଯୁବକ ଯୁବତୀ ନିଶା, ମାଦକ ଦ୍ରବ୍ୟ ଠାରୁ ଦୁରେଇ ରହି ଏକ ସୁସ୍ଥ ସମାଜ ଗଢି ତୋଳିବାକୁ ପ୍ରତିଟି ଯୁବକ ସଂକଳ୍ପ ନେବାର ସମୟ ଆସିଛି ବୋଲି ବାବା ବଳିଆ ଆଶାବାଦୀ ଅଛନ୍ତି ବୋଲି ପ୍ରବଚନ ମାଧ୍ୟମରେ କହିଥିଲେ। ବିଶ୍ୱତାପନ ଜଳବାୟୁର ଅହେତୁକ ପରିବର୍ତ୍ତନ ଯୋଗୁ ମଣିଷ ଏତେ ଅଣନିଶ୍ୱାସୀ ହେଇଲାଣି ଯେ ଜୀବନ ବଞ୍ଚାଇବା ଦୁର୍ବିସହ ହୋଇପଡ଼ିଲାଣି । ସଭିଏଁ ଗଛଟିଏ ଲଗାଇ ଆମ ପର ପିଢ଼ି ପାଇଁ ସବୁଜ ସବିଜିମାରେ ଧରିତ୍ରୀ ମା ର କୋଳକୁ ପୂର୍ଣ୍ଣ କରିବା ଆମର ମାନବିକତାକୁ ଜାଗ୍ରତ କରିବାକୁ ଆହ୍ୱାନ ଦେଇଥିଲେ ।

## ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ପକ୍ଷରୁ ଓଡ଼ିଶା ଦିବସ ପାଳିତ



**ଡେରାବିଶ,୨।୪(ସଂଚାର ବ୍ୟୁରୋ):** ବାଲିଆ ସ୍ଥିତ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସଭାକକ୍ଷରେ ଆଜି ପୂର୍ବାହ୍ନରେ ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ଆନୁକୂଲ୍ୟରେ ପବିତ୍ର ୯୧ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବରିଷ୍ଠ ସଦସ୍ୟ ତପନ କୁମାର ସିଂ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବରେ କଳିଙ୍ଗ ଆବାସିକ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ ମନୋଜ କୁମାର ପ୍ରଧାନ ଓ ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ନିରୀକ୍ଷକ ହେମନ୍ତ କୁମାର ଜେନା ଯୋଗଦେଇଥିଲେ।

ସମ୍ମାନିତ ଅତିଥିଭାବରେ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ସୁଲୋଚନା ଦେହୁରି, ଭାଗବତପୁର ପଞ୍ଚାୟତ ସମିତିସଭ୍ୟା ପ୍ରମିଳା ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ସ୍ୱାଇଁ, ଅବନୀ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ମୁରଲିଧର ରଥ, ସମାଜସେବୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାନର ଗୁରୁଛାତ୍ରଛାତ୍ରୀମାନେ ସମବେତ କଂଠରେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ମଦନ ମୋହାନ ବେହରା, ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପାର୍ବତୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥିମାନେ ଦେଶର ପ୍ରଥମ ଭାଷାଭିତିକ ରାଜ୍ୟ ମାନ୍ୟତା ପାଇଥିବା ଆମ ଓଡ଼ିଶାର ସମ୍ମାନ ରକ୍ଷା କରିବା ପାଇଁ ଓଡ଼ିଆ ଭାଷାର ସୁରକ୍ଷା ସହିତ ଓଡ଼ିଆ ସଂସ୍କୃତିକ ଓ ପରମ୍ପରାକୁ ବଜାୟ ରଖିବାକୁ ପଡ଼ିବ ବୋଲି ସେମାନଙ୍କ ବକ୍ତବ୍ୟରେ କହିଥିଲେ।

ଏହି ଅବସରରେ ଗୁରୁଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ଓଡ଼ିଶାର ବରପୁତ୍ର ମାନଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ଓ ସାଧାରଣଜ୍ଞାନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।

## ମା'ବାସନ୍ତୀକ ଭସାଣୀ ଉତ୍ସବ



**କେନ୍ଦ୍ରାପଡ଼ା,୨।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର-ପାରାଚକ ଗ୍ରାମରେ ମା'ବାସନ୍ତୀକ ଦୁର୍ଗାଦେବୀଙ୍କ ଭଷାଣୀ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ମା'ବାସନ୍ତୀକ ଦୁର୍ଗାଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ ହେବା ପରେ ଘଣ୍ଟ,ଘଣ୍ଟା ବାଜା ବଜାଇ ଓ ବାଣ ଫୁଟାଯାଇ ମା'ଙ୍କ ଆସ୍ଥାନ ନିକଟରୁ ଏକ ବିରାଟ ଭଷାଣୀ ଶୋଭାଯାତ୍ରାରେ ବାହାରିଥିଲେ । ସ୍ଥାନୀୟ ଜଗନ୍ନାଥପୁର ଗ୍ରାମ ପରିକ୍ରମା କରି ବିଭିନ୍ନ ସ୍ଥାନରେ ଭୋଗଲାଗି ହେବା ପରେ ମା'ଙ୍କ ପ୍ରତିମୂର୍ତ୍ତିକୁ ଉଦ୍ଦିଷ୍ଟ ବିସର୍ଜନ ଘାଟରେ ଜଳରେ ବିସର୍ଜିତ କରାଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ମା'ବାସନ୍ତୀକ ଦୁର୍ଗାଦେବୀଙ୍କ ଷଷ୍ଠାଧିକଳ୍ପାରମ୍ଭ, ବିଲ୍ୱାଧିବାସ ଓ ଦେବୀଙ୍କୁ ଆମନ୍ତ୍ରଣ କରାଯିବା ପରେ ମହାସପ୍ତମୀ ପୂଜା, ଅଷ୍ଟୋର ଶତକଳସ ଯାତ୍ରା, ନବପତ୍ରିକା ପ୍ରବେଶ, ଘଟସ୍ଥାପନ, ସପ୍ତମୀ ବିହିତ ମହାସ୍ନାନ, ଦେବୀଙ୍କ ଚକ୍ଷୁଦାନ, ପ୍ରାଣପ୍ରତିଷ୍ଠା, ସପ୍ତମୀ ବିହିତ ପୂଜା ଓ ଚଣ୍ଡୀପାଠ କରାଯାଇଥିଲା । ମହାଷ୍ଟମୀରେ ପାଇଁ ମା'ବାସନ୍ତୀକ ଦୁର୍ଗାଦେବୀଙ୍କ ପୀଠରେ ଷୋଡଶ ଉପାଚାରରେ ପୂଜାର୍ଚ୍ଚନା କରାଯିବା ସହ ସନ୍ଧିପୂଜା କରାଯାଇଥିଲା । ଏଥିସହିତ ମହାଷ୍ଟମୀ ବିହିତ ପୂଜାରମ୍ଭ, ଚଣ୍ଡୀପାଠ, ସନ୍ଧୀବଳି ପ୍ରେକ୍ଷଣ ପରେ ଅଷ୍ଟୋରଶତ ଦୀପ ଉତ୍ସର୍ଗ କରାଯାଇଥିଲା । ଶ୍ରୀରାମନବମୀରେ ମହାନବମୀ ବିହିତ ପୂଜା, ଚଣ୍ଡୀପାଠ, ନବକୁମାରୀ ପୂଜା, ଗୀତାହୁତି, ଚଣ୍ଡୀ ଆହୁତି, ପୂର୍ଣ୍ଣ ଆହୁତି ଓ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା । ବିଜୟା ଦଶମୀରେ ମା'ବାସନ୍ତୀକ ଦଶମୀ ବିହିତ ପୂଜା, ଅପରାଜିତା ପୂଜା, ସମୂହ ପୁଷ୍ପାଞ୍ଜଳି, ପୂର୍ଣ୍ଣ ଆଳତୀ, ବଳୟଧାରଣ, ଅଳତା ଓ ସିନ୍ଦୁର ଲାଗି, ସପ୍ତଦୀପ ବନ୍ଦାପନା, ଦେବୀଙ୍କ ପୁନଃ ଆଗମନ ପାଇଁ ମେଲାଣୀ, ଘଟକଳସ ଓ ନବପତ୍ରିକା ବିସର୍ଜନ କରାଯାଇଥିଲା। ଏହି ପୂଜାକୁ ମୁଖ୍ୟ ପୂଜକ ଉମାଶଙ୍କର ପତିଙ୍କ ସମେତ ଆଚାର୍ଯ୍ୟ ବିରାଜ କୁମାର ପଣ୍ଡା, ପୁସ୍ତକାଚାର୍ଯ୍ୟ ମନୋଜ କୁମାର କର, ସହ ପୁସ୍ତକାଚାର୍ଯ୍ୟ ପ୍ରଭଞ୍ଜନ ମିଶ୍ର ଓ ଚଣ୍ଡୀପାଠକ ପ୍ରକାଶ କୁମାର ତ୍ରିପାଠୀ ପ୍ରମୁଖ ନିର୍ବାହ କରିଥିଲେ । ଏହାବ୍ୟତିତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ଆନନ୍ଦବଜାରରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । କୁନି ପ୍ରବଚକ କେଶବ ଦାସ ଦ୍ୱିତୀକୃଷ୍ଣଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ, କଟକ ଝାଞ୍ଜିରମଙ୍ଗଳାର ମେଲୋଡି ରକଷ୍ଟାର ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ, ଏବଂ ମୟୁର ଗଣନାଟ୍ୟ ପକ୍ଷରୁ ଯାତ୍ରା ପରିବେଷଣ କରାଯାଇଥିଲା ବୋଲି ପୂଜା କମିଟି ସଭାପତି ଦୀପକରଞ୍ଜନ ସ୍ୱାଇଁ, ସମ୍ପାଦକ କୈଳାସ ଚନ୍ଦ୍ର ନାୟକ ଓ ମୁଖ୍ୟ ଉପଦେଷ୍ଟା ଶିକ୍ଷାବୀତ ନିଳମଣୀ ସ୍ୱାଇଁ ପ୍ରମୁଖ ଜଣାଇଛନ୍ତି ।

## କୃଷକ ସମବାୟ ସମିତି ପକ୍ଷରୁ ଚାଷୀ ସମାବେଶ ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡା,୨।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର କୃଷି ସମବାୟ ସମିତି ପକ୍ଷରୁ ବିରାଟ ଚାଷୀ ସମାବେଶ ପାଇଁ ସଭାପତି ପ୍ରମୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୦ ତାରିଖ ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ଏହି ସମାବେଶ ପାଇଁ ପ୍ରସ୍ତୁତି ବୈଠକ ହୋଇଛି । ଏହି ବୈଠକରେ କୃଷି କ୍ଷେତ୍ର ସମ୍ପର୍କୀୟ ବିଭିନ୍ନ ରାଜନେତା, ଉଚ୍ଚ ଅମଲାତନ୍ତ୍ର ଅଧିକାରୀ, ବିଭିନ୍ନ ବୈଜ୍ଞାନିକ ମାନଙ୍କୁ ଅକ୍ଷୟ ତୃତୀୟା ଦିବସରେ ଏହି ସମାବେଶରେ ଯୋଗ ଦେବାପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ସମାବେଶରେ ଅଭିବକ୍ତ କଟକ ଜିଲ୍ଲାର ଚାଷୀ ଭାଇ ଭଉଣୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ସମାବେଶରେ କୃଷି ଏବଂ ଆନୁସାଙ୍ଗିକ କ୍ଷେତ୍ରରେ ବିଭିନ୍ନ ବର୍ଗର ସଫଳ ଚାଷୀ ଓ ଅନ୍ୟାନ୍ୟ କୃତୀ ପ୍ରତିଭାମାନଙ୍କୁ ସମ୍ମାନୀତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ।



ଆଜିର ଏହି ବୈଠକରେ ଉପସଭାନେତ୍ରୀ ପ୍ରାର୍ବତୀ ନାୟକଙ୍କ ସମେତ ନିର୍ଦ୍ଦେଶକ ନୃସିଂହ ଚରଣ ମହାନ୍ତି, ରଂଜନ କୁମାର ସେଠୀ, ଅଭୟ ସାମଲ, ମହେଶ୍ୱର ଜେନା, ରବିନ୍ଦ୍ର ଧଳ, ନିର୍ଦ୍ଦେଶିକା ମାନସୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ପାରମ୍ପରିକ ପୋଷାକ ପରିଧାନ କଲେ ସରକାରୀ ଅଧିକାରୀ ଓ କର୍ମଚାରୀ



**ଯାଜପୁର,୨।୪(ସଂଚାର ବ୍ୟୁରୋ):** ଏପ୍ରିଲ ପହିଲାରୁ ୧୪ ତାରିଖ ଯାଏଁ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏଥିନେଇ ଏପ୍ରିଲ ୨ ଏବଂ ୩ ରେ ପାରମ୍ପରିକ ପୋଷାକ ଦିବସ ପାଳନ କରାଯାଉଛି। ଏହାର ମୁଳ ଲକ୍ଷ୍ୟ "ଆମ ପୋଷାକ, ଆମ ପରିଚୟ"। ଯାଜପୁରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ଏହାକୁ ଆନ୍ତରିକତାର ସହ ପାଳନ କରାଯାଇଛି। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀଗଣ ଓ କର୍ମଚାରୀମାନେ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିଥିଲେ। ସମ୍ବଲପୁରୀ ବସ୍ତ୍ର, ଶାଢ଼ୀ, ଖଦି ପୋଷାକ, ବ୍ରହ୍ମପୁରୀ ଇତ୍ୟାଦି ପାରମ୍ପରିକ ହାତବୁଣା ଓଡ଼ିଆ ପୋଷାକ ପରିଧାନ କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଫ୍ଲାଗପୋଷ୍ଟ ନିକଟରେ ସମସ୍ତେ ଏକତ୍ରିତ ହୋଇ ଫଟୋ ସେସନ୍ କାର୍ଯ୍ୟକ୍ରମ ହୋଇଥିଲା। ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଏଥିରେ ସାମିଲ ହୋଇଥିଲେ। ପାରମ୍ପରିକ ପୋଷାକ ପରିଧାନ ଯୋଗୁଁ କାର୍ଯ୍ୟାଳୟରେ ଏକ ସାଂସ୍କୃତିକ ପରିବେଶ ସୃଷ୍ଟି ହୋଇଥିଲା। ଓଡ଼ିଶାର ହସ୍ତତନ୍ତ ଶିଳ୍ପ ଏବଂ କାରିଗରୀକୁ ପ୍ରୋତ୍ସାହନ ଦେବା ସହ ଏହାର ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ ଏହି ଦିବସ ପାଳନ କରାଯାଇଥିଲା।

**ସରପଞ୍ଚଙ୍କ ସ୍ୱାମୀ ନାଁରେ ମିଥ୍ୟା ମାମଲା ଅଭିଯୋଗ**

## ବାପାଙ୍କ ଶବଦାହରେ ଯୋଗଦେଇପାରିଲେନି

**ମହାକାଳପଡା,୨।୪(ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ଅନ୍ତର୍ଗତ ରାଜଗଡ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ପରିବାରକୁ ମିଥ୍ୟା ମାମଲାରେ ଫସାଇବା ପାଇଁ ଷଡ଼ଯନ୍ତ୍ର ରଚାଯାଇଥିବା ଅଭିଯୋଗ ନେଇ ଗୁରୁବାର ଦଳୀୟ କାର୍ଯ୍ୟାଳୟରେ ପ୍ରେସ୍‌ମିଟ୍ କରି ବର୍ଷିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ମହାକାଳପଡ଼ାର ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ। ଅତନୁଙ୍କ ସହିତ ବର୍ତ୍ତମାନ ସରପଞ୍ଚ ମମତା ସାମଲ, ବାରଡାଙ୍ଗ ସରପଞ୍ଚ ଅରବିନ୍ଦ ଜେନା, ବିଜୟ ଜେନା, ଅନୁରାଧା ସ୍ୱାଇଁ ମଧ୍ୟ ଉପସ୍ଥିତ ରହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଅଶୋକ ମହାପାତ୍ରଙ୍କ ପତ୍ନୀ ତଥା ରାଜଗଡ ପଞ୍ଚାୟତର ସରପଞ୍ଚ ମମତା ସାମଲଙ୍କ ଘରକୁ ସେହି ପଞ୍ଚାୟତର ପିଇଓ ମୃତ୍ୟୁଞ୍ଜୟ ରାଉତ ପୂର୍ବ ତାରିଖର ବିଲ୍ ଓ ଭାଉଚରରେ ଦସ୍ତଖତ କରାଇବାକୁ ସରପଞ୍ଚଙ୍କ ଉପରେ ଚାପ ସୃଷ୍ଟି କରିଥିଲେ। ସରପଞ୍ଚ ଏଥିରେ ଅସ୍ୱୀକାର କରିବାରୁ ପିଇଓ ତାଙ୍କୁ ଧମକ ଦେଇ ଘରୁ ଚାଲି ଆସିଥିଲେ। ଏହି ଘଟଣା ପରେ ପିଇଓ ମହାକାଳପଡା ଥାନାରେ ଅଶୋକ ମହାପାତ୍ରଙ୍କ



**ସାମ୍ବାଦିକ ସମ୍ମିଳନୀରେ ବର୍ଷିଲେ ଅତନୁ**

ବିରୋଧରେ ମିଥ୍ୟା ଅଭିଯୋଗ କରିଥିଲେ। ଅଶୋକ ମହାପାତ୍ର ମୋବାଇଲ ଓ ସୁନା ଚେନ ସହିତ ୩୦ ହଜାର ଟଙ୍କା ଛଡାଇନେଇଥିବା କଥା ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି। ଏହି ଘଟଣା ପରେ ପୁଲିସ ଅଶୋକ ମହାପାତ୍ରଙ୍କୁ ଖୋଜୁଥିବା ବେଳେ, ଇତି ମଧ୍ୟରେ ଅଶୋକଙ୍କ ପିତାଙ୍କ ଦେହାନ୍ତ ଘଟିଛି। କିନ୍ତୁ ପୁଲିସ ଚାପରେ ସେ ବାପାଙ୍କ ଶବଦାହ କାର୍ଯ୍ୟରେ ଯୋଗ ଦେଇପାରିନଥିବା ଓ ମୁଖାଗ୍ନି ଦେବାରୁ ବଞ୍ଚିତ ହୋଇଥିବା ଆଜି ବିଜେଡି ଅଭିଯୋଗ କରିଛି। ଏ ସମ୍ପର୍କରେ ପ୍ରେସ୍‌ମିଟ୍ କରି ବର୍ଷିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ମହାକାଳପଡ଼ାର ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ। ଅତନୁ କହିଛନ୍ତି ଯେ, ମହାକାଳପଡା ଅଞ୍ଚଳରେ ଆଇନ-ଶୃଙ୍ଖଳା ପରିସ୍ଥିତି ଭୁଶୁଡି ପଡିଛି ଏବଂ ନିର୍ଦ୍ଦୋଷ ଲୋକଙ୍କୁ ମିଥ୍ୟା ମାମଲାରେ ଫସା ଯାଉଛି। ଯଦି ଅଶୋକ ମହାପାତ୍ରଙ୍କ ବିରୋଧରେ ହୋଇଥିବା ମାମଲା ପ୍ରତ୍ୟାହାର କରାଯିବ ନାହିଁ, ତେବେ ଆଗାମୀ ଦିନରେ ବିଜେଡି ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ବଡ଼ମାଣିତିଆ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**କେନ୍ଦ୍ରାପଡ଼ା,୨।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନ ସାନମାଣିତିଆ ପାୟତର ଜଗନ୍ନାଥ ସେବା ସଂସ୍ଥା ଆନୁକୂଲ୍ୟରେ ବଡମାଣିତିଆ ଶ୍ରୀଜଗନ୍ନାଥ ମନ୍ଦିରର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି । ଏହି ଉପଲକ୍ଷେ ଜଗନ୍ନାଥ ସେବା ସଂସ୍ଥାର ସଭାପତି ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ଏଭଳି ଭବ୍ୟ ସମାରୋହର ଆୟୋଜନ ଶ୍ରୀଜଗନ୍ନାଥଙ୍କ ଆର୍ଶିର୍ବାଦରୁ ସମ୍ଭବ ହୋଇପାରିଛି ବୋଲି କହିଥିଲେ । ଏହି ଅବସରରେ ସେ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ । ବିଶିଷ୍ଟ ସମାଜସେବୀ



ଇଂ ଭଗବାନ ବିଶ୍ୱାଳ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପିତାମାତା, ଗୁରୁଜନ ଓ ଅସହାୟ ଲୋକଙ୍କ ସେବା କଲେ ଶ୍ରୀଜଗନ୍ନାଥଙ୍କ କୃପା ମିଳିଥାଏ ବୋଲି କହିଥିଲେ । ଇଂ ଦେବାଶିଷ ମହାନ୍ତି ଅତିଥି ଭାବେ ଯୋଗଦେଇ କହିଲେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସମସ୍ତେ ସମ୍ମିଳିତ ଭାବେ କାର୍ଯ୍ୟକରିବା ସହ ଆଗାମୀକାଲିର ଭବିଷ୍ୟତଙ୍କ ମଧ୍ୟରେ ଏହି ଭାବନା ଜାଗ୍ରତ କରିବା ଉଚିତ । ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ଆଇନଜୀବୀ ମୋହନ ଚରଣ ସାହୁ, ବ୍ୟବସାୟୀ ନଳିନୀକାନ୍ତ ଜେନା, ରମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।

ଏହି ଅବସରରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କଳାକାର ରମେଶ ଚନ୍ଦ୍ର ଦାସଙ୍କୁ ପୁଷ୍ପଗୁଚ୍ଛ, ଉରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। 'ଖୁସି ମ୍ୟୁଜିକ ଡ୍ୟାନ୍ସ ଗ୍ରୁପ'ର କୁନି କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଅତିଥିମାନେ କୃତି କଳାକାରମାନଙ୍କୁ ପୁରସ୍କୃତ କରିଥିଲେ ।

## ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳନ

**କେନ୍ଦ୍ରାପଡା,୨।୪(ସଂଚାର ବ୍ୟୁରୋ):** ଆମେ ଓଡ଼ିଆ ଆମ ପରମ୍ପରା ଭାରି ବଢ଼ିଆ । ସାରା ଓଡିଶା ର ଜନତାଙ୍କ ପାଇଁ ପାରମ୍ପରିକ ପୋଷାକ ପରିଧାନ ଦିବସ ର ଆବଶ୍ୟକତା ରହିଛି କାରଣ ଆମ ପୋଷଜ ଆମ ପରିଚୟ । ଏହି ଅବସରରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପାଶ୍ଚାତ୍ୟ ସଭ୍ୟତା ର ଅନୁଗାମୀ ନ ହୋଇ ଆମ ପାରମ୍ପରିକ ପୋଷକ, ଖାଦ୍ୟ ଓ ଚଳଣି ପ୍ରତି ରୁଚି ରଖିବା ପାଇଁ ପ୍ରୟାସ କରାଯାଇଛି । ଯେଉଁ ବୟସ୍କ ବୃଦ୍ଧା ଆଜୀବନ ଧୋତି ଓ ପଞ୍ଜାବୀ ପିନ୍ଧି ଜୀବନ ଅତିବାହିତ କରିଥାନ୍ତି, ସେପରି କିଛି ବୟସ୍କ କୁ ଏକତ୍ରିତ କରି ଆଜି କେନ୍ଦ୍ରାପଡ଼ା ସହର ର ପଞ୍ଚମୁଖୀ ହନୁମାନ ମନ୍ଦିର ରେ ଏହି ବୟସ୍କ ଙ୍କୁ ଉତ୍ତରୀୟ, ପାଣି ବୋତଲ ଓ ବଙ୍କୁଲି ବାଡ଼ି ପ୍ରଦାନ କରାଯାଇଥିଲା । ଆମ ପୋଷାକ ଆମ ପରିଚୟ ଲକ୍ଷ୍ମ ନେଇ ଆଜିର କାର୍ଯ୍ୟକ୍ରମ ପରିକଳ୍ପନା କର ଯାଇଥିଲା । ଆଜି ର କାର୍ଯ୍ୟକ୍ରମ ରେ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି, ଟ୍ରଷ୍ଟ ର ପରାମର୍ଶଦାତା ନିମାଇଁ ଚରଣ କର, ବରୋଦାକାନ୍ତ ବରାଳ, ନିଗମ ସ୍ୱାଇଁ, ଦେବେନ୍ଦ୍ର ନାୟକ,ପୁନାନନ୍ଦ ବେହେରା, ଯୋଗେନ୍ଦ୍ର ସେଠୀ,ନରେନ୍ଦ୍ର ସ୍ୱାଇଁ, ଆଇନଜୀବୀ ବିନୋଦ ବିହାରୀ ନାୟକ ଓ ଚଗଲା ନନା ପ୍ରମୁଖ ସାମିଲ ଥିଲେ ।



### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ମମତାଙ୍କୁ ଏସଆଇଆର ଝଟ୍‌କା

ପଶ୍ଚିମବଙ୍ଗର ରାଜନୀତିରେ ନିର୍ବାଚନ ଆୟୋଗଙ୍କର ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସଆଇଆର) ଏକ ବିବାଦିତ ପ୍ରସଙ୍ଗ ହୋଇ ଉଠିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ବିରୋଧ କରି ଆସୁଥିବା ବେଳେ ସୁପ୍ରିମ୍ କୋର୍ଟ ଏବଂ ନିର୍ବାଚନ ଆୟୋଗଙ୍କ ପଦକ୍ଷେପ ତାଙ୍କ ପାଇଁ ଏକ ବଡ଼ ଧାକ୍କା ପ୍ରମାଣିତ ହୋଇଛି। ଏହି ପ୍ରସଙ୍ଗ କେବଳ ନିର୍ବାଚନୀ ତାଲିକା ସଂଶୋଧନ ନୁହେଁ, ବରଂ ଗଣତନ୍ତ୍ରର ମୌଳିକ ନୀତି ଏବଂ ରାଜ୍ୟ ସରକାରର କ୍ଷମତାର ସୀମା ଉପରେ ପ୍ରଶ୍ନ ଉଠାଇଛି।



ନିର୍ବାଚନ ଆୟୋଗ ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ସମସ୍ତ ରାଜ୍ୟରେ ଏସଆଇଆର ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ଭୋଟର ତାଲିକାରୁ ମୃତ, ବଦଳି ହୋଇଥିବା ଏବଂ ଜାଲ ଭୋଟରଙ୍କ ନାମ ହଟାଇ ସ୍ୱଚ୍ଛ ତାଲିକା ପ୍ରସ୍ତୁତ କରିବା। ପଶ୍ଚିମବଙ୍ଗରେ ଏହି ପ୍ରକ୍ରିୟା ଆରମ୍ଭ ହେବା ପରେ ମମତା ବାନାର୍ଜୀ ଏହାକୁ 'ଭୋଟ୍ ବନ୍ଦୀ' ବୋଲି ଆଖ୍ୟା ଦେଇ ବିରୋଧ ଆରମ୍ଭ କଲେ। ସେ ଦାବି କରିଥିଲେ ଯେ ଏହା ଟିଏମ୍‌ସି ସମର୍ଥକଙ୍କ ନାମ ହଟାଇବା ପାଇଁ ବିଜେପି-ନିର୍ବାଚନ ଆୟୋଗଙ୍କ ଷଡ଼ଯନ୍ତ୍ର। ସେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ଚିଠି ଲେଖି ପ୍ରକ୍ରିୟା ବନ୍ଦ କରିବାକୁ ଦାବି କରିଥିଲେ, ଧାରଣା ଦେଇଥିଲେ ଏବଂ ସୁପ୍ରିମ୍ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଏହି ସମସ୍ତ ପ୍ରୟାସ ତାଙ୍କ ପାଇଁ ଶକ୍ତ ଧକ୍କା ହୋଇଛି।

ସୁପ୍ରିମ୍ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଏସଆଇଆର ପ୍ରକ୍ରିୟାରେ କୌଣସି ବାଧା ସୃଷ୍ଟି କରାଯିବ ନାହିଁ। ମାଲଦାରେ ନ୍ୟାୟିକ ଅଧିକାରୀଙ୍କୁ ଘେରାଇ ରଖିବା ଘଟଣାରେ କୋର୍ଟ ରାଜ୍ୟ ସରକାରକୁ କଡ଼ା ଭର୍ତ୍ସନା କରିଛନ୍ତି। ସେହିପରି ନିର୍ବାଚନ ଆୟୋଗ ମମତାଙ୍କ ଅଭିଯୋଗକୁ ଖାରଜ କରି କହିଛନ୍ତି ଯେ ଏହା ସମ୍ପୂର୍ଣ୍ଣ ମିଥ୍ୟା ଏବଂ ରାଜନୈତିକ ଉଦ୍ଦେଶ୍ୟପୂର୍ଣ୍ଣ। କୋର୍ଟ ମଧ୍ୟ ରାଜ୍ୟ ସରକାରଙ୍କୁ ମାଇକ୍ରୋ-ଅବଜର୍ଭର ପାଇଁ ମାନବବଳ ଯୋଗାଇ ନ ଦେବା ପାଇଁ ପ୍ରଶ୍ନ କରିଛନ୍ତି। ଏହା ସ୍ପଷ୍ଟ କରୁଛି ଯେ ମମତା ସରକାର ଏସଆଇଆରକୁ ବାଧା ଦେବାର ପ୍ରୟାସ କରୁଥିଲେ ଏବଂ ତାହା ଗଣତନ୍ତ୍ରର ମର୍ଯ୍ୟାଦା ଉପରେ ଆଘାତ ହୋଇଛି।

ଏହି ଧାକ୍କା କେବଳ ଆଇନଗତ ନୁହେଁ, ରାଜନୈତିକ ମଧ୍ୟ। ମମତା ବାନାର୍ଜୀ ନିଜେ ସୁପ୍ରିମ୍ କୋର୍ଟରେ ହାଜର ହୋଇ ଯୁକ୍ତି ଦେଇଥିଲେ ଯେ ଏସଆଇଆର ଦ୍ୱାରା ଲକ୍ଷ ଲକ୍ଷ ବୈଧ ଭୋଟରଙ୍କ ନାମ କଟାଯାଉଛି। କିନ୍ତୁ କୋର୍ଟ ଏବଂ ଆୟୋଗ ତାଙ୍କ ଦାବିକୁ ଅସ୍ୱୀକାର କରିଛନ୍ତି। ତାଙ୍କର ଧାରଣା ଏବଂ ପ୍ରତିବାଦ ପରେ ମଧ୍ୟ ଏସଆଇଆର ପ୍ରକ୍ରିୟା ଜାରି ରହିଛି ଏବଂ ଭୋଟର ତାଲିକା ପ୍ରକାଶିତ ହୋଇଛି। ଏହା ତାଙ୍କ ନେତୃତ୍ୱକୁ ଦୁର୍ବଳ କରିଛି। ବିରୋଧୀ ଦଳ ବିଜେପି ଏହାକୁ ମମତାଙ୍କ ବ୍ୟର୍ଥତା ବୋଲି କହୁଛି ଏବଂ ଦାବି କରୁଛି ଯେ ତାଙ୍କ ସରକାର ଜାଲିଆ ଭୋଟରଙ୍କୁ ରକ୍ଷା କରିବାକୁ ଚେଷ୍ଟା କରୁଥିଲା।

ଏହି ପ୍ରସଙ୍ଗ ମମତା ବାନାର୍ଜୀଙ୍କ ରାଜନୈତିକ କୌଶଳର ଏକ ପରୀକ୍ଷା ହୋଇଛି। ସେ ପୂର୍ବରୁ କେନ୍ଦ୍ର ସରକାର ଏବଂ ଆୟୋଗଙ୍କୁ ବିରୋଧ କରି ନିଜର ଭିତ୍ତି ମଜବୁତ କରିଥିଲେ, କିନ୍ତୁ ଏସଆଇଆରରେ ତାଙ୍କର ବିଫଳତା ଦେଖାଇଛି ଯେ ଗଣତନ୍ତ୍ରର ସଂସ୍ଥାଗୁଡ଼ିକର ସ୍ୱାଧୀନତାକୁ ସେ ସମ୍ମାନ କରୁନାହାନ୍ତି। ନିର୍ବାଚନ ଆୟୋଗଙ୍କ କର୍ତ୍ତବ୍ୟ ହେଉଛି ସ୍ୱଚ୍ଛ ନିର୍ବାଚନ ନିଶ୍ଚିତ କରିବା। ଯଦି ରାଜ୍ୟ ସରକାର ଏଥିରେ ବାଧା ଦିଅନ୍ତି, ତେବେ ତାହା ଗଣତନ୍ତ୍ର ପାଇଁ ବିପଦଜନକ।

ମମତାଙ୍କ ଏହି ଧାକ୍କା ତାଙ୍କ ଆଗାମୀ ନିର୍ବାଚନ ରଣନୀତିକୁ ପ୍ରଭାବିତ କରିବ। ଜନସାଧାରଣ ଏବେ ବୁଝିପାରୁଛନ୍ତି ଯେ ଭୋଟର ତାଲିକା ସଂଶୋଧନ ଜାଲିଆ ଭୋଟ ରୋକିବା ପାଇଁ ଆବଶ୍ୟକ। ଯଦି ମମତା ସରକାର ଏହାକୁ ବିରୋଧ କରି ଚାଲନ୍ତି, ତେବେ ଜନତା ତାଙ୍କୁ କ୍ଷମତାରୁ ଦୂର କରିବାର ସମ୍ଭାବନା ଅଧିକ। ଏହା ତାଙ୍କ ପାଇଁ ଏକ ଶିକ୍ଷା ହେବା ଉଚିତ୍ ଯେ ରାଜନୀତିରେ ଗଣତନ୍ତ୍ରର ନିୟମ ଉପରେ ଖେଳ ଖେଳିବା ସମ୍ଭବ ନୁହେଁ। ଏସଆଇଆର ପ୍ରସଙ୍ଗ ପ୍ରମାଣ କରିଛି ଯେ ଆଇନ ଏବଂ ସଂସ୍ଥା ସବୁଠୁ ଉପରେ। ମମତାଙ୍କ ପାଇଁ ଏହା ଏକ ବଡ଼ ରାଜନୈତିକ ଏବଂ ଆଇନଗତ ପରାଜୟ।

# ଉତ୍ତମ ଶୁକ୍ରବାର ବାର୍ତ୍ତା

ବ୍ରଜକାନ୍ତ ସିଂ



ଖ୍ରୀଷ୍ଟୀୟ ଧର୍ମଗ୍ରନ୍ଥ ପବିତ୍ର ବାଇବଲ ଅନୁସାରେ ଦୁଇ ହଜାର ବର୍ଷ ପୂର୍ବେ ଆଜିର ଶୁକ୍ରବାର ଦିନରେ ପ୍ରଭୁ ଯୀଶୁଖ୍ରୀଷ୍ଟ ସମସ୍ତ ମାନବଜାତିକୁ ପାପରୁ ପରିତ୍ରାଣ ବା ମୁକ୍ତି କରିବା ନିମନ୍ତେ କ୍ରୁଶୀୟ ଦଣ୍ଡ ପାଇ ନିଜ ପବିତ୍ର ରକ୍ତ ଝରାଇ କ୍ରୁଶ ଉପରେ ନିଜ ଜୀବନକୁ ବଳିଦାନ କଲେ। ଏଣୁ ଆଜିର ଦିନକୁ "ଶୁଭ ଶୁକ୍ରବାର ବା ଉତ୍ତମ ଶୁକ୍ରବାର ଓ ଇଂରାଜୀରେ ଗୁଡ ଫ୍ରାଇଡେ ବୋଲି କୁହାଯାଏ।

ବିଶେଷ କରି ଏହି ଦିନରେ ପ୍ରଭୁଯୀଶୁଙ୍କ ଏହି ମୃତ୍ୟୁ ଦିବସକୁ ସ୍ମରଣ କରି ଖ୍ରୀଷ୍ଟଅବଲମ୍ବୀମାନେ ଉପବାସ ରହି, ଗୀର୍ଜା ଯାଇ ପ୍ରାର୍ଥନା ଉପାସନା ଓ କ୍ରୁଶ ଉପରେ ପ୍ରଭୁ ଯୀଶୁ କହିଥିବା ବାଣୀଗୁଡ଼ିକୁ ମଧ ପବିତ୍ର ବାଇବଲରୁ ବାକ୍ୟ ଶ୍ରବଣ କରନ୍ତି। ପବିତ୍ର ବାଇବଲ କହେ ଯେ, ସେ ଜଣେ ନିଷ୍ପାପୀ ଓ ନିର୍ଦ୍ଦୋଷ ହେଲେ ମଧ ତାଙ୍କୁ କ୍ରୁଶ ଦଣ୍ଡ ଯାହା ସର୍ବୋଚ୍ଚ ଦଣ୍ଡ ଦିଆଗଲା (କ୍ରୁଶକାଠରେ ବାନ୍ଧି ଝୁଲାଇବା)। କିନ୍ତୁ ତାଙ୍କୁ କ୍ରୁଶକାଠରେ ନ ବାନ୍ଧି ଦୁଇ ହାତରେ କଣ୍ଟା ବାଡ଼େଇ ଓ ଦୁଇ ଗୋଡ ଛନ୍ଦି କଣ୍ଟା ବାଡ଼େଇ ଝୁଲାଇ ଦିଆଗଲା; ପୁଣି ମୁଣ୍ଡରେ କଣ୍ଟାର ମୁକୁଟ ପିନ୍ଧାଇ ଦିଆଗଲା ଫଳରେ କ୍ରୁଶ ଉପରେ ସେ ଅଧିକ ଯନ୍ତ୍ରଣା ପାଇବା ଏହା ପୂର୍ବରୁ ତାଙ୍କୁ ୩୯ ଥର କୋରଡ଼ା ପ୍ରହାର, ଅନେକ ମାଡ଼, ମୁହଁରେ ଛେପ ଓ ଦୁଃଖ ଦିଆଗଲା। ଏପରିକି ସେ ଯେଉଁ କ୍ରୁଶ କାଠ ଉପରେ ଝୁଲି ଥିଲେ ସେହି ବହୁ ଓଜନ ବିଶିଷ୍ଟ କ୍ରୁଶକୁ ବୋହି ମାଡ଼ ଖାଇ ଅତି ଦୟନୀୟ ଅବସ୍ଥାରେ ମଧ ବୋହି ବୋହି ପର୍ବତକୁ ଚଢ଼ିଥିଲେ।

ପ୍ରଭୁଯୀଶୁଙ୍କ ବିଚାର ମଧ ଅତି ଆଶ୍ଚର୍ଯ୍ୟଜନକ ଥିଲା। ପ୍ରଥମତଃ ଯୀଶୁଙ୍କ ମୃତ୍ୟୁ ବିଷୟ ପ୍ରାୟ ୭୦୦ ବର୍ଷ ପୂର୍ବେ ଯିଶାଇୟ ଭବିଷ୍ୟଦବକ୍ତା ଭବିଷ୍ୟବାଣୀ କହିଥିଲେ।ଦ୍ୱିତୀୟତଃତାହାଙ୍କୁ ବିଚାର କରୁଥିବା ଦୁଇ ରାଜ୍ୟର ବିଚାରକର୍ତ୍ତା ଦୀର୍ଘଦିନର ଶତ୍ରୁ ଥିଲେ ମାତ୍ର ଦୁହେଁ ଅତି ଘନିଷ୍ଠ ବନ୍ଧୁ ହୋଇଗଲେ। ତୃତୀୟତଃ ବିଚାରକର୍ତ୍ତା ଅଭିଯୋଗକାରୀମାନଙ୍କୁ ପଚାରିଲେ, ଯାହାଙ୍କୁ ତୁମ୍ଭେ ଅଭିଯୋଗ କରୁଅଛ ତାହା ପ୍ରତି ଆମ୍ଭେ କଅଣ କରିବା? ସେମାନେ କହିଲେ, ତାହାକୁ କ୍ରୁଶରେ ଚଢ଼ାଅ। ବାସ୍ତବରେ ଜଣେ ବିଚାରପତି ଅଭିଯୋଗକାରୀଙ୍କୁ ପଚାରି ଦଣ୍ଡ ଶୁଣାଏ ନାହିଁ ବରଂ ଉଭୟ ପକ୍ଷ ଶୁଣି ତାହାର ରାୟ ପ୍ରଦାନ କରିଥାଏ, ନଚେତ ବିଚାର– ଅନ୍ୟାୟ ବିଚାର ଓ ପକ୍ଷପାତ ବିଚାର ହୁଏ। ଆଉ ତାହା ହିଁ ଘଟିଲା। ଚତୁର୍ଥ ବିଷୟ ହେଲା ବିଚାରକର୍ତ୍ତା ଅଭିଯୋଗକାରୀମାନଙ୍କୁ କହିଲେ, 'ଆମ୍ଭେ ଏହାଙ୍କଠାରେ କୌଣସି ଦୋଷ ପାଇ ନାହୁଁ।'ପୁଣି ବିଚାର କରି ଆଉ ଥରେ ସେ ମନ୍ତବ୍ୟ ଦେଲେ, 'ଦେଖ, ଆମ୍ଭେ ତାହାଠାରେ କୌଣସି ଦୋଷ ପାଉ ନାହୁଁ'। ତଥାପି ଅଭିଯୋଗକାରୀମାନଙ୍କୁ ଭୟ କରି କାଳେ ନିଜ ପଦବୀ ଚାଲି ଯିବା ଭୟରେ ନିର୍ଦ୍ଦୋଷଙ୍କୁ ୩୯ ଥର କୋରଡ଼ା ପ୍ରହାର କରି କ୍ରୁଶୀୟ ମୃତ୍ୟୁ ଦଣ୍ଡ ଘୋଷଣା କଲେ। ଏସମସ୍ତ ବିଷୟ ଘଟିଲା ଏଥିପାଇଁ ଯେପରି ଧର୍ମଶାସ୍ତ୍ରର ଭାବବାଣୀ ସଫଳ ହେବ।ଯେପରି ଲେଖାଅଛି – ସେ କୌଣସି ଦୌରାତ୍ମ୍ୟ ନ କଲେ ହେଁ ଓ ତାହାଙ୍କ ମୁଖରେ କୌଣସି ଛଳ ନ ଥିଲେ ହେଁ ଲୋକମାନେ ଦୁଷ୍ଟଗଣର ସହିତ ସମାନ କଲେ। ସେ ଉପଦ୍ରବ ପ୍ରାପ୍ତ ହେଲେ, ତଥାପି ସେ ଆପଣାକୁ ନମ୍ର କରି ଆପଣା ମୁଖ ଫିଟାଇଲେ ନାହିଁ। ସେ ଉପଦ୍ରବ ଓ ବିଚାର ଦ୍ୱାରା ଦୂରୀକୃତ ହେଲେ। ତାହାଙ୍କ ପ୍ରାଣକୁ ଈଶ୍ୱର ପାପାର୍ଥକ ବଳି କଲେ ଓ ତାହାଙ୍କୁ ଚୂର୍ଣ୍ଣ କରିବାକୁ ଈଶ୍ୱରଙ୍କ ଅଭିମତ ଥିଲା, ଯେପରି ତାହାଙ୍କ ହସ୍ତରେ ଈଶ୍ୱରଙ୍କ ଇଷ୍ଟ ସିଦ୍ଧ ହେବ। ଯେପରି ଲେଖାଯାଏ –ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତବିକ୍ଷତ ହେଲେ ଓ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ; ଆମ୍ଭମାନଙ୍କର ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ କ୍ଷତରେ ଆମ୍ଭେମାନେ ଆରୋଗ୍ୟ ଲାଭ କଲୁ। ତାଙ୍କୁ ଶାନ୍ତିର ରାଜକୁମାର କୁହାଯାଏ। ସେ କହିଲେ – ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକସମସ୍ତେ ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି। ଜଗତ ଯେପରି ଶାନ୍ତି ଦାନ କରେ ସେପରି ମୁଁ ଶାନ୍ତି ଦାନ କରେ ନହିଁ ବରଂ ମୁଁ ମଓ ନିଜର ଶାନ୍ତି ତୁମ୍ଭମାନଙ୍କୁ ପ୍ରଦାନ କରେ।

ପ୍ରଭୁଯୀଶୁ କ୍ରୁଶ ଉପରେ ଦଣ୍ଡ ପାଉଥିବା ସମୟରେ କହିଥିବା ସାତୋଟି ବାଣୀ ମଧ୍ୟରୁ ଗୋଟିଏ ହେଲା – 'ହେ ପିତଃ, ଏମାନଙ୍କୁ କ୍ଷମା କର, କାରଣ ଏମାନେ କଅଣ କରୁଅଛନ୍ତି, ତାହା ଜାଣନ୍ତି ନାହିଁ'। ତାହାଙ୍କ ଶତ୍ରୁମାନେ ତାହାଙ୍କୁ ମୁହଁରେ ଛେପ, ଚାପୁଡ଼ା, ଛାତିରେ ବର୍ଚ୍ଛାଘାତ, ବସ୍ତ୍ରକୁ ଚିରିବା, ଦାଢ଼ିକୁ ଟାଣି ଦେବା, ହାତରେ ଗୋଡରେ କଣ୍ଟା ମାରିବା, ମୁଣ୍ଡରେ କଣ୍ଟାର ମୁକୁଟ ପିନ୍ଧାଇ ଆଦି କେତେ ଯେ ଯନ୍ତ୍ରଣା ଦେଇଥିଲେ ମଧ ସେମାନଙ୍କୁ କ୍ଷମା ପ୍ରଦାନ କରିଥିଲେ। ଏଣୁ ତାଙ୍କୁ କ୍ଷମାରସାଗର କ୍ଷମାମୟ ବୋଲି କୁହାଯାଏ। ବାସ୍ତବରେ କ୍ଷମା ଥିଲେ ପ୍ରେମ, ଶାନ୍ତି ଆନନ୍ଦ, ଏକତା ଆଦି ଥାଏ। କ୍ଷମା ଣ ଦେବାର ପରିଣାମ ଶାରିରିକ, ଆତ୍ମିକ ଓ ସାମାଜିକ ଭାବେ ପଡ଼ିଥାଏ। ପ୍ରଭୁଯୀଶୁ କ୍ରୁଶ ବୋହି ନେଇ ଯାଉଥିବାର ଯନ୍ତ୍ରଣା ଦେଖି ମାଆମାନେ କାନ୍ଦି ପକାଉଥିଲେ, କିନ୍ତୁ ସେ ଅତି ଶିକ୍ଷଣୀୟ କଥା ସେମାନଙ୍କୁ କହିଲେ, ମୋ ପାଇଁ କାନ୍ଦ ନାହିଁ ମାତ୍ର ନିଜ ନିଜ ପିଲାମାନଙ୍କ ନିମନ୍ତେ ଈଶ୍ୱରଙ୍କଠାରେ ପ୍ରାର୍ଥନାରେ କାନ୍ଦ। ପ୍ରଭୁଯୀଶୁ କ୍ରୁଶ ଉପରେ ଦଣ୍ଡ ପାଉଥିବା ସମୟରେ କହିଥିବା ଆଉ ଏକ ବାଣୀ ହେଲା – 'ଗୋ ନାରୀ, ଦେଖ ତୁମ୍ଭର ପୁତ୍ର, ଦେଖ ତୁମ୍ଭର ମାତା। ଏହା ପିତାମାତାଙ୍କୁ ସମ୍ମାନ, ଆଜ୍ଞାବହ ଓ ବିଶେଷ କରି ସେମାନଙ୍କ ବାର୍ଦ୍ଧକ୍ୟ ସମୟରେ ଅବହେଳିତ, ଅପମାନିତ, ଅସହାୟ ଓ ତିରସ୍କାର ହେବାକୁ ଦେବା ନାହିଁ ବରଂ ସେମାନଙ୍କ ସେବାଯତ୍ନ କରିବା।ଆଜି ଖବରକାଗଜ, ଟିଭି ଓ ବିଭିନ୍ନ ମିଡ଼ିଆରୁ ଦେଖୁ ଯେ ଅନେକ ବୃଦ୍ଧ ବାପା, ବୃଦ୍ଧା ମାଆ ପିଲାମାନଙ୍କ ଦ୍ୱାରା ତାଡିତ ଓ ଅବହେଳିତ ହେବାର ଦେଖାଯାଏ ଯାହା ସମାଜ ପ୍ରତି ଭଲ ବିଷୟ ନୁହେଁ। ଯେପରି କୁହାଯାଏ – ପିତୃଦେବୋ ଭବ, ମାତୃଦେବୋ ଭବ। ପିତାମାତାଙ୍କୁ ଈଶ୍ୱର ତୁଲ୍ୟ ବ୍ୟବହାର କରିବା।

ଜାଗମରା, ଭୁବନେଶ୍ୱର – ୩୦
ମୋବାଇଲ – ୭୩୮୧୮୧୬୮୧୮



# କାଳିକା ନୃତ୍ୟ: ମା' ମଙ୍ଗଳାଙ୍କ ମନ୍ଦିରର ଏକ ଅନନ୍ୟ ପରମ୍ପରା




ସନ୍ତୋଷ କୁମାର ଦାଶ

ସାରା ରାଜ୍ୟ ରେ ପ୍ରସିଦ୍ଧି ଲାଭ କରିଥିବା ଅଷ୍ଟଚଣ୍ଡୀ ମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା କାକଟପୁର ର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କୁ ଗଣ୍ୟ କରାଯାଏ। ମା ମଙ୍ଗଳା ଙ୍କ ର ଶ୍ରୀ ଜଗନ୍ନାଥ ସଂସ୍କୃତି ସହିତ ରହିଛି ନିବିଡ଼ ସମ୍ପର୍କ। ଏଣୁ ମା ମଙ୍ଗଳା ଙ୍କୁ ପରମବୈଷ୍ଣବୀ ର ଆଖ୍ୟା ଦିଆଯାଇଥିବା ବେଳେ ସେ ମହାମାୟା, ଯୋଗମାୟା, ଆଦିଶକ୍ତି ଅଟନ୍ତି ବୋଲି ବିଭିନ୍ନ ପୁରାଣ ରେ ବର୍ଣ୍ଣିତ ହୋଇଛି। ମା ମଙ୍ଗଳା ପବିତ୍ର ଚୈତ୍ର ମାସରେ ପ୍ରାଚୀ ନଦୀ ରୁ ଉଦ୍ଧାର ହୋଇ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନବ କଳେବର ଉତ୍ସବ ରେ ସାହାଯ୍ୟ କରିଥିଲେ। ନୂତନ ଦାରୁ ମାନଙ୍କ ଠିକଣା ବତାଇ ଦେଇଥିଲେ ଦଇତାପତି ସେବକ ମାନଙ୍କୁ। ସେହି କାରଣରୁ ପ୍ରତିବର୍ଷ ଚୈତ୍ର ମାସ ର ପ୍ରତି ମଙ୍ଗଳବାର ମା ଙ୍କ ମନ୍ଦିର ରେ ଚୈତ୍ର ମଙ୍ଗଳବାର ଓଷା ପାଳିତ ହୋଇଥାଏ। ଚୈତ୍ରମାସ ପ୍ରଥମ ମଙ୍ଗଳବାର ଠାରୁ ଚତୁର୍ଥ ମଙ୍ଗଳବାର ପର୍ଯ୍ୟନ୍ତ ମା ମଙ୍ଗଳା ଙ୍କ ମନ୍ଦିର ରେ ପାଲି ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ପଞ୍ଚମ (ବୈଶାଖ ମାସ ପ୍ରଥମ) ମଙ୍ଗଳବାର ଦିନ ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରଥମ ମଙ୍ଗଳବାର ଦିନ ମନ୍ଦିର ରେ ନେତୋତ୍ସବ ଅନୁଷ୍ଠିତ ହେଉଥିବା ବେଳେ ପଞ୍ଚମ ( ବୈଶାଖ ମାସ ପ୍ରଥମ) ମଙ୍ଗଳବାର ଦିନ ମନ୍ଦିର ସମ୍ମୁଖରେ ନିର୍ମିତ ରଡ଼ ନିଆଁ ପୂର୍ଣ୍ଣ ଗର୍ତ୍ତ ମଧ୍ୟରେ ଘଣ୍ଟପାଟୁଆ (କାଳେସୀ) ଘଟ ମୁଣ୍ଡାଇ ଖାଲି ପାଦ ରେ ଝାମୁ ଚାଲିଥାନ୍ତି। ପ୍ରତି ମଙ୍ଗଳବାର ଦିନ ପାଟୁଆ ମାନେ ମନ୍ଦିର ବେଢ଼ା ଓ ସମ୍ମୁଖରେ ଘଣ୍ଟପାଟୁଆ ନୃତ୍ୟ ଓ ରଣପା ନୃତ୍ୟ ପରିବେଷଣ କରିଥାନ୍ତି। ତୃତୀୟ, ଚତୁର୍ଥ ଓ ପଞ୍ଚମ (ଶେଷ) ମଙ୍ଗଳବାର ବିଳମ୍ବିତ ରାତି ରେ ମନ୍ଦିର ରେ କାଳୀକା ନୃତ୍ୟ ଅନୁଷ୍ଠିତ ହୋଇଥାଏ ଯାହା ଏକ ଅନନ୍ୟ ପରମ୍ପରା ଭାବେ ପାଳନ ହୋଇଆସୁଛି କାହିଁ କେତେ କାଳରୁ। ମା ଙ୍କ ର ଜନୈକ ଖମାରେଇ ସେବକ ଦୋଳ ପୂର୍ଣ୍ଣିମା ପରଠାରୁ ଭକ୍ତି ଓ ନିଷ୍ଠା ରେ ରହିବା ସହିତ ପ୍ରତ୍ୟେହ ହବିସାନ୍ନ ଭୋଜନ କରି ମା ମଙ୍ଗଳା ଙ୍କୁ ସ୍ତୁତି କରିଥାନ୍ତି। ତୃତୀୟ, ଚତୁର୍ଥ ଓ ପଞ୍ଚମ (ଶେଷ) ମଙ୍ଗଳବାର ଦିନ ବିଳମ୍ବିତ ରାତି ରେ ସେ ନିଜକୁ ମା କାଳୀ ଙ୍କ ବେଶ ରେ ସଜ୍ଜିତ କରି ଯାଇ ପହଞ୍ଚିଥାନ୍ତି ମନ୍ଦିର ଗର୍ଭ ଗୃହ ରେ। ସେଠାରେ ତାଙ୍କୁ ମା ଙ୍କ ଷୋଡ଼ଶ ଉପଚାର ପୂଜାପଣ୍ଡା ମା ଙ୍କ ଲାଗି ସିନ୍ଦୂର ଓ ଆଜ୍ଞାମାଳ ପ୍ରଦାନ କରିବା ସହିତ ପାଳିଆ ପଣ୍ଡା ତାଙ୍କ ହାତରେ ମା ମଙ୍ଗଳା ଙ୍କ ଠାରେ ପୁର୍ବରୁ ଲାଗି ହୋଇଥିବା ଏକ ଖଡ୍ଗ (ଖଣ୍ଡା) ଧରାଇ ଦେଇଥାନ୍ତି। ପାଳିଆ ସେବକ ତାଙ୍କ ସମ୍ମୁଖରେ ଘଣ୍ଟ ବଜାଇ ଥିବାବେଳେ ଆଉ ଜଣେ ସେବକ ତାଙ୍କ ସମ୍ମୁଖ ରେ ଏକ ବେତ କୁ ଗୋଲାକାର ବୃତ୍ତ କରି ଧରିଥାନ୍ତି। ଘଣ୍ଟ ର ତାଳରେ ସେବକ ଜଣଙ୍କ କାଳୀକା ନୃତ୍ୟ ପରିବେଷଣ କରିଥାନ୍ତି। ତାଙ୍କ ହାତ ରେ ଥିବା ଖଡ୍ଗ ( ଖଣ୍ଡା) ଟି ସେବକ ଙ୍କ ବେତ ବୃତ୍ତ ମଧ୍ୟରେ ସବୁ ସମୟ ରେ ରହୁଥିବାରୁ କୌଣସି ଅଘଟଣ ଘଟି ନ ଥାଏ। କାଳୀକା ମନ୍ଦିର ବେଢ଼ା ଓ ସେବକ ସାହି ଦାଣ୍ଡ ରେ ନୃତ୍ୟ ପରିବେଷଣ କରି ଶେଷରେ ମନ୍ଦିର ର ଗୋରଡ଼ା ଠାରେ ଅଚେତ ହୋଇପଡ଼ନ୍ତି। ଶେଷ ହୋଇଥାଏ କାଳୀକା ନୃତ୍ୟ। ଏହି ନୃତ୍ୟ ଦେଖିବାକୁ ମନ୍ଦିର ବେଢା ଓ ସେବକ ସାହି ଦାଣ୍ଡ ରେ ପ୍ରବଳ ଭିଡ଼ ହୁଏ। ଚୈତ୍ର ମାସ ର ତୃତୀୟ, ଚତୁର୍ଥ ଓ ପଞ୍ଚମ ( ଶେଷ) ମଙ୍ଗଳବାର ବିଳମ୍ବିତ ରାତିରେ ଏହି କାଳୀକା ନୃତ୍ୟ ଅନୁଷ୍ଠିତ ହୋଇଥାଏ। କାଳୀକା ନୃତ୍ୟ ପରିବେଷଣ କରୁଥିବା ସେବକ ଜଣଙ୍କ ଚୈତ୍ର ମାସ ସାରା ଓଷା ବ୍ରତ ପାଳନ କରିଥାନ୍ତି ଓ ଭକ୍ତି, ନିଷ୍ଠା ର ସହିତ ମା ମଙ୍ଗଳା ଙ୍କୁ ସ୍ତୁତି କରିଥାନ୍ତି।ମା ମଙ୍ଗଳା ଯେହେତୁ ଆଦି ମାତା। ସେହେତୁ ଭକ୍ତ ମାନଙ୍କ ମଙ୍ଗଳ କରିବାକୁ ସେ ମଙ୍ଗଳା, ଭକ୍ତ ମାନଙ୍କ ଦାରିଦ୍ର୍ୟ ଦୂର କରିବାକୁ ସେ ମହାଲକ୍ଷ୍ମୀ ଆଉ ଦୁଷ୍ଟ ମାନଙ୍କୁ ସଂହାର କରିବାକୁ ସେ କାଳୀ ହୋଇ ପାରନ୍ତି। ଏହି ତତ୍ତ୍ୱ ଭକ୍ତ ଓ ଜନ ସାଧାରଣଙ୍କୁ ଜଣାଇଦେବାକୁ ମା ମଙ୍ଗଳା ଙ୍କ ମନ୍ଦିର ରେ ଏପରି କାଳୀକା ନୃତ୍ୟ ପରିବେଷଣ କରାଯିବା ପରମ୍ପରା କାହିଁ କେତେ କାଳରୁ ରହିଆସିଛି ବୋଲି ବିଶ୍ୱାସ ରହିଛି।ସେ ଯାହା ହେଉନା କାହିଁକି ଚୈତ୍ର ମାସ ମଙ୍ଗଳବାର ବିଳମ୍ବିତ ରାତିରେ ମା ମଙ୍ଗଳା ଙ୍କ ମନ୍ଦିର ରେ ଅନୁଷ୍ଠିତ କାଳୀକା ନୃତ୍ୟ ଏକ ଅନନ୍ୟ ପରମ୍ପରା ହୋଇ ରହିଆସିଛି କାହିଁ କେତେ କାଳରୁ।ଜୟ ମା ମଙ୍ଗଳା।।

ତୁଳସୀପୁର। ପୁରୀ।।
୯୪୩୯୩୬୧୮୮୮।

# ସ୍ୱଭାବ କବି ଗଙ୍ଗାଧର ମେହେର



ଅକ୍ଷୟ କୁମାର ରାଉତ



ସ୍ୱଭାବ କବି ଗଙ୍ଗାଧରଙ୍କର ପ୍ରତି କାବ୍ୟରେ ବାରି ହୋଇ ପଡେ ପ୍ରକୃତି ଜଗତର ଅନିନ୍ଦ୍ୟ ଶୋଭାର ରୂପାୟନ। କେଉଁଠି ଦେଖିବାକୁ ମିଳେ ପ୍ରକୃତି ବିଭବର ଜୀବନ୍ତ ପରିକଳ୍ପନା, ନୈସର୍ଗିକ ଶୋଭାର ମନୋହାର ଆଲେଖ୍ୟ ଓ ଚରିତ୍ରର ପରିସ୍ଫୁଟନ ପାଇଁ ପ୍ରକୃତି ଜଗତରୁ ସାମ୍ୟମୂଳକ ବା ପାର୍ଥକ୍ୟମୂଳକ ଦୃଷ୍ଟାନ୍ତ। କବି ଯେଉଁଠି ପ୍ରକୃତି ବିଭବର ଜୀବନ ରୂପାୟନ କରିଛନ୍ତି, ସେଠାରେ ଦେଖିବାକୁ ମିଳେ ପ୍ରକୃତି ବିଭାବରେ ବ୍ୟକ୍ତିତ୍ୱର ଆରୋପ। କେଉଁଠି ତାକୁ ହସାଇଛନ୍ତି, କନ୍ଦାଇଛନ୍ତି, ରଗାଇଛନ୍ତି ଓ କଥା କୁହାଇ ଗତିଶୀଳ କରାଇଛନ୍ତି। ଏହି ମହାନ କବି ସମ୍ବଲପୁର ଜିଲ୍ଲାର ବରପାଲୀ ଗ୍ରାମର ଗୋଟିଏ ଗରିବ ତନ୍ତୁବାୟ ପରିବାରରେ ୧୮୬୨ ମସିହା ଅଗଷ୍ଟ ୯ ତାରିଖ ଶ୍ରାବଣ ପୂର୍ଣ୍ଣିମା ଓ କର୍କଟ ୨୬ ଦିନ ଶନିବାର ରାତି ୧୧.୩୦ ରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଚୈତନ୍ୟ ମେହେର ଓ ମାତାଙ୍କ ନାମ ସେବତୀ, ତାଙ୍କର ପିତାମହ ସଦାଶିବ ସମ୍ବଲପୁର ସହରରେ ବସବାସ କରୁଥିଲେ। କିନ୍ତୁ ପ୍ରପିତାମହ କେଶବ ମେହେର ବରପାଲିରେ ବାସ କରୁଥିଲେ। ଗଙ୍ଗାଧରଙ୍କ ଉପରେ ବିଜୁଳି ଓ ତଳେ ଡାଳିମ୍ବ ନାମରେ ଦୁଇ ଭଉଣୀ ଥିଲେ। ଗଙ୍ଗାଧରଙ୍କ ବାଲ୍ୟକାଳ ଏକ ଆଧ୍ୟାତ୍ମିକ ଗାଉଁଲି ପରିବେଶ ମଧରେ କଟିଥିଲା। ପ୍ରତିଦିନ ସେ ପିତାମହ ସଦାଶିବଙ୍କ ସାଙ୍ଗରେ ଜଗନ୍ନାଥ ମନ୍ଦିରକୁ ଯାଉଥିଲେ ଓ ସଂକୀର୍ତ୍ତନରେ ଭାଗ ନେଉଥିଲେ। ସେ ପିଲାଟି ବେଳରୁ ନମ୍ର, ଶାନ୍ତ ଓ ସରଳ ସ୍ୱଭାବର ଥିଲେ। ଗଙ୍ଗାଧରଙ୍କ ପିତା ଚୈତନ୍ୟଙ୍କୁ ପିତାମହ ସଦାଶିବ ଭିନ୍ନେ କରିଦେବାରୁ, ଗଙ୍ଗାଧରଙ୍କ ପାଠପଢ଼ା ବିଳମ୍ବ ଘଟିଥିଲା। ସେ ସାତ ବର୍ଷ ବୟସରେ ଗ୍ରାମ ଚାଟଶାଳୀରେ ଅଧ୍ୟୟନ ଆରମ୍ଭ କଲେ। କିନ୍ତୁ ଚାଟଶାଳୀଟି ଭାଙ୍ଗିଯିବାରୁ ତାଙ୍କ ପିତା ବରପାଲୀସ୍ଥ ବ୍ରାଞ୍ଚ ସ୍କୁଲରେ ଗଙ୍ଗାଧରଙ୍କୁ ପାଠ ପଢ଼ାଇଲେ। ଦାରିଦ୍ର୍ୟର ଦାରୁଣ କଷାଘାତରେ ନିଷ୍ପେଷିତ ହୋଇଥିବାରୁ ପାଠପଢ଼ାରେ ତାଙ୍କର ବହୁ ବାଧା ସୃଷ୍ଟି ହେଲା। ତେଣୁ ସେ ପାଠ ପଢ଼ିବା ସମୟରେ ତନ୍ତରେ ଲୁଗାବୁଣି ପରିବାରର ଭରଣପୋଷଣ ପାଇଁ ପିତାଙ୍କୁ ସାହାଯ୍ୟ କରୁଥିଲେ। ତାଙ୍କର ହସ୍ତାକ୍ଷର ସୁନ୍ଦର ହୋଇଥିବାରୁ ସେ ତମସୁଖ ଲେଖି କିଛି ଅର୍ଥ ମଧ ଉପାର୍ଜନ କରୁଥିଲେ। ସେ କାଳରେ ବାଲ୍ୟ ବିବାହ ପ୍ରଥା ପ୍ରଚଳିତଥିଲା। ତେଣୁ ତାଙ୍କର ପିତା ଗଙ୍ଗାଧରଙ୍କୁ ଦଶ ବର୍ଷ ବୟସରେ ରେମଣ୍ଡା ଗ୍ରାମର ଶାନ୍ତାଙ୍କୁ ବିବାହ କରିଦେଲେ। ବ୍ରାଞ୍ଚ ସ୍କୁଲରେ ଶିକ୍ଷା ସମାପ୍ତ କରି ଗଙ୍ଗାଧର ସ୍ଥାନୀୟ ମେଡିକାଲ ଭର୍ଣ୍ଣାକୁଲର ସ୍କୁଲରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଲେ। ଉତ୍କଟ ଦାରିଦ୍ର୍ୟ ଯୋଗୁଁ ସେ ପୁସ୍ତକ କ୍ରୟ କରିପାରୁ ନଥିଲେ। ପାଠ ପଢ଼ା ସମୟରେ ସେ ତିନି ଟଙ୍କା ଆଠ ଅଣା ଖର୍ଚ୍ଚ କରିଥିଲେ। ଗଙ୍ଗାଧରଙ୍କର 'ଦୁର୍ବାକ୍ଷତ' ବିଧାନ ୧୮୭୮ ମସିହାରେ ହେଲା ତାଙ୍କର ପତ୍ନୀ ଶାନ୍ତା ରେମଣ୍ଡାରୁ ବରପାଲି ଆସିଲେ, ଗଙ୍ଗାଧରଙ୍କର ଗୃହସ୍ଥ୍ୟ ଜୀବନ ଆରମ୍ଭ ହେଲା। ପରିବାର ପୋଷଣର ଭାର ଗଙ୍ଗାଧରଙ୍କ ଉପରେ ନ୍ୟସ୍ତ ହେଲା। ଏଣିକି ତନ୍ତଚାଳନାରେ ଗଙ୍ଗାଧର ବହୁ ସମୟ ବିନିଯୋଗ କଲେ। ଉତ୍କୃଷ୍ଟ ବୟନଶିଳ୍ପୀ ଭାବେ ଗଙ୍ଗାଧର ସୁଖ୍ୟାତି ଲାଭକଲେ। ଠିକ୍ ଏତିକି ବେଳକୁ ଘରପୋଡ଼ିରେ ତନ୍ତ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ଉପକରଣ ପୋଡିଗଲା। ଗଙ୍ଗାଧରଙ୍କ ଦାରିଦ୍ର, ବେଢ଼ି ଉପରେ ନଳିତା ବିଡ଼ାପରି ହୋଇଉଠିଲା। ପରେ ଗଙ୍ଗାଧର ତନ୍ତ ଓ ଉପକରଣ ଗୁଡ଼ିକୁ ପଡୋଶୀମାନଙ୍କଠାରୁ ଯୋଗାଡ କରିଥିଲେ। ୧୮୮୫ ମସିହାରେ ଗଙ୍ଗାଧର ବରପାଲୀ ଜମିଦାରଙ୍କ ଅଧିନରେ ଜଣେ ସାଧାରଣ ଅମିନ ଭାବରେ ଚାକିରିରେ ଯୋଗ ଦେଲେ। ପରେ ଜମିଦାରଙ୍କ ମାଲମୋହରିରି ସହିତ ଖମାର ଓ ବଜାର ହିସାବ ମଧ ବୁଝୁଥିଲେ। ସେଥିପାଇଁ ସେ ମାସିକ ୭ ଟଙ୍କା ଦରମା ପାଉଥିଲେ। ଗଙ୍ଗାଧର କିଛି ବର୍ଷ ପରେ ୧୫ ଟଙ୍କା ଦରମାରେ ଜୁଡ଼ିସିଆଲ ମୋହରିର ଭାବରେ ସରକାରୀ ଚାକିରିରେ ଯୋଗଦେଲେ। ପଦ୍ମପୁରରେ କାମ କଲାବେଳେ ସେ ମାସିକ ୩୫ ଟଙ୍କା ଦରମା ପାଉଥିଲେ। ଏହି ପଦ୍ମପୁରରୁ ଚାକିରୀରୁ ଅବସର ଗ୍ରହଣ କରିଥିଲେ। ଓଡିଆ ଭାଷାର ସ୍ୱତବ ନିମିତ ଗଙ୍ଗାଧର ଉତ୍କଳ ସମ୍ମିଳନୀର ଭିନ୍ନ ଭିନ୍ନ ଅଧିବେଶନରେ ଯୋଗଦେଇଥିଲେ। କଟକର ଇଦ୍‌ଗା ପଡ଼ିଆରେ ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ରେ ହୋଇଥିବା ପ୍ରଥମ ଉତ୍କଳ ସମ୍ମିଳନୀରେ ଗଙ୍ଗାଧର ଯୋଗଦେଇ ଜାତୀୟ ପଗଡ଼ି ପରିଧାନ କରିଥିଲେ। କବିବର ରଧାନାଥ ରାୟଙ୍କ ଘରେ ଅତିଥି ହୋଇଥଲେ। ଏକ ସମୟରେ ରାଧାନାଥ ରାୟ ତାଙ୍କର 'ବ୍ୟାକରଣ ପ୍ରବେଶ' ପ୍ରଣୟନ କରିଥିଲେ। ଏହି ପୁସ୍ତକର ଭୁଲ ଜାଣିବା ପାଇଁ ରାଧାନାଥ ଗଙ୍ଗାଧରଙ୍କର ସହାୟତା ଲୋଡିଥିଲେ। ଫକୀର ମୋହନ ସେନାପତି, ରାଧାନାଥ ରାୟ, ମଧୁସୁଦନ ରାଓ, ରାଘବ ମିଶ୍ର, ବିଶ୍ୱନାଥ କର, ନୀଳକଣ୍ଠ ପୂଜାରୀ, ବଜ୍ରମୋହନ ପଣ୍ଡା, ହୀନ୍ଦୀ ସାହିତ୍ୟର କବି ଲୋଚନ ପ୍ରସାଦ ପାଣ୍ଡେୟ, ନିଳମଣି ବିଦ୍ୟାରତ୍ନ ଆଦିଙ୍କ ସହ ଗଙ୍ଗାଧରଙ୍କ ସାରସ୍ୱତ ସମ୍ପର୍କ ଥିଲା। ୧୪.୦୭.୧୮୯୭ ରେ ଗଙ୍ଗାଧରଙ୍କ ପତ୍ନୀ ଶାନ୍ତାଙ୍କର ମୃତ୍ୟୁ ପରେ ରାଧାନାଥ ରାୟ ଗଙ୍ଗାଧରଙ୍କୁ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିବା ପାଇଁ ଉପଦେଶ ଦେଇଥିଲେ। ତେଣୁ ସେ ବିଧବା ଚମ୍ପାଙ୍କୁ ଦ୍ୱିତୀୟ ବିବାହ କଲେ। ଦ୍ୱିତୀୟ ପତ୍ନୀଙ୍କର କିଛି ପିଲାପିଲି ନଥିଲେ। ଗଙ୍ଗାଧର ନିଜ ଉପାର୍ଜନରେ ବରପାଲି ଜମିଦାରଙ୍କ ଠାରୁ ଖଣ୍ଡିଏ ରୟତି ଜମି କ୍ରୟ କରିଥିଲେ। ଗଙ୍ଗାଧର ଅବସର ଗ୍ରହଣ ପରେ ପଦ୍ମପୁରର ଜମିଦାରଙ୍କ ଅଡିଟର ପଦବୀ ଗ୍ରହଣ କରିଥିଲେ। ଜମିଦାର ରାଜେନ୍ଦ୍ର ସିଂହ ବରିହା କବିଙ୍କ ସ୍ମୃତିକୁ ଅମର କରିବା ପାଇଁ 'କବିବରପୁର' ନାମରେ ଏକ ନୂତନ ଗ୍ରାମ ପ୍ରତିଷ୍ଠା କରିଥିଲେବି, ଗଙ୍ଗାଧରଙ୍କୁ ତେଣ୍ଡାପଦର ନାମକ ଏକ ଗ୍ରାମ ଜମିଦାର ପୁରସ୍କାର ରୂପେ ପ୍ରଦାନ କରିଥିଲେ। ଏହି ତେଣ୍ଡାପଦର ଗାଁ ଜମିରେ ଫସଲ ଫଳାଇବା ପାଇଁ ବହୁ ଖର୍ଚ୍ଚ କରି ସେ ଅସଫଳ ହୋଇଥିଲେ। ବରପାଲିର ଜମିଦାର ସୂର୍ଯ୍ୟୋଦୟ ସିଂହଙ୍କ ନିମବଣ ପାଇଁ ଗଙ୍ଗାଧର ଜମିଦାରଙ୍କ ପରାମର୍ଶଦାତା ରୂପେ ନିଯୁକ୍ତି ପାଇଥିଲେ। ସେଠାରେ ସେ ଜନ କଲ୍ୟାଣ ପାଇଁ ଏକ ସମିତି ଗଠନ କରିଥିଲେ, ତାର ନାମ ଥିଲା 'ସାଧୁ ସମିତି'। ଗଙ୍ଗାଧରଙ୍କର ପାରିବାରିକ ଜୀବନଦୁଃଖପୂର୍ଣ୍ଣ ଥିଲା। ଅଭାବ, ଅନଟନ ମଧରେ ଅତିବାହିତ କରୁଥିଲେ। ଦାରିଦ୍ର୍ୟର ଦାରୁଣ କଷାଘାତରେ ନଷ୍ପେଷିତ ହୋଇ ମଧ ସ୍ୱକୀୟ ସାଧନା ପଥରୁ ତିଳେ ହେଲେ ବିଚ୍ୟୁତ ହୋଇନଥିଲେ। ଅସାଧାରଣ ଧୈର୍ଯ୍ୟ, କର୍ତବ୍ୟନିଷ୍ଠା, ନିର୍ଭୀକତା ଓ ଦୃଢ଼ ମନୋବଳ ଯୋଗୁଁ ତାଙ୍କର କବି ପ୍ରତିଭା ବିଚ୍ଛୁରିତ ହୋଇଥିଲା। ତାଙ୍କ ପୁତ୍ରର ବିୟୋଗ ଯୋଗୁଁ ସେ ମର୍ମାହିତ ହୋଇଥିଲେ ମଧ, ତାଙ୍କ ଭୁଲିଆ ସମାଜର ଉନ୍ନତି ପାଇଁ ନାନା ପଦକ୍ଷେପ ଗ୍ରହଣ କରିଥିଲେ। ଗଙ୍ଗାଧରଙ୍କ କାବ୍ୟ ପ୍ରତିଭାରେ ପ୍ରାଚୀନ ଧାରାର ପ୍ରଭାବ ଆଧୁନିକତା ଅପେକ୍ଷା ଅଧିକ ଥିଲା। ତାଙ୍କର 'ଇନ୍ଦୁମତୀ' କାବ୍ୟ 'ଉତ୍କଳପ୍ରଭା' ରେ ପ୍ରକାଶ ପାଇବାପରେ ସେ ୨୦ ଟଙ୍କା ପୁରସ୍କାର ପାଇଥିଲେ। ସେ ପ୍ରଧାନତ କାବ୍ୟର କବି ଥିଲେ। କବି ଗଙ୍ଗାଧର ମେହେର ଓଡିଆ ସାହିତ୍ୟରେ ଉଚ୍ଚକୋଟିର କାବ୍ୟ ଓ କବିତାମାନ ରଚନା କରି ଯାଇଅଛନ୍ତି ସେଗୁଡ଼ିକ ହେଲା- ଇନ୍ଦୁମତୀ, କୀଚକବଧ, ତପସ୍ୱିନୀ, ପ୍ରଣୟ ବଲ୍ଲରୀ, ପଦ୍ମିନୀ, ରସ ରତ୍ନାକର, ଉତ୍କଳ ଲକ୍ଷ୍ମୀ, ବଳରାମ ଦେବ, ଅଯୋଧ୍ୟା ଦୃଶ୍ୟ, ଅହଲ୍ୟାସ୍ତବ, ଭାରତୀ ରୋଦନ, ସୁଖସ୍ୱପ୍ନ, ତରୁବର, ବେଦବ୍ୟାସ, ଚନ୍ଦ୍ର ରଜନୀ, ଭକ୍ତି, ଅମୃତମୟ, ମଧୁମୟ, ଉତ୍କଳ ଭାରତୀଙ୍କ ଉକ୍ତି, ଗଣେଶଙ୍କର ଆତ୍ମକଥା, ତାକୁ ମଧ ବୋଲୁଥାନ୍ତି ଧର୍ମ-ଅବତାର, ମାତୃଭୂମି, ଉତ୍କଳ ସମ୍ମିଳନୀ ଉପଲକ୍ଷେ, ଭାରତୀ-ଭାବନା, ଅନ୍ନର ମହିମା, କୃଷକର ଆତ୍ମକଥା, ଧାନଚାଷ, କପା କବିଙ୍କର ଶ୍ରେଷ୍ଠ କାବ୍ୟ ଓ କବିତାକୃତି। ଗଙ୍ଗାଧର ତାଙ୍କ କାବ୍ୟ ଓ କବିତାରେ ଆଦର୍ଶ ବାସ୍ତବତା, ଦର୍ଶନ, ଧର୍ମ, ସତ୍ୟଦୃଷ୍ଟି, କାଳ୍ପନିକତା, ସଂସ୍କାର ଓ କୁସଂସ୍କାର ପ୍ରଭୃତିକୁ ଉପଜୀବ୍ୟ କରିଛନ୍ତି। ଏହି କାଳଜୟୀ କବି ଗଙ୍ଗାଧର ୧୯୨୪ ଏପ୍ରିଲ ୪ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେର ତାଙ୍କ କାବ୍ୟ ପ୍ରତିଭା ପାଇଁ ଉତ୍କଳର ଜନ ମାନସ ଓ ଓଡିଆ ସାହିତ୍ୟ ଭଣ୍ଡାରରେ ଚିର ଜାଜ୍ଜ୍ୱଲ୍ୟମାନ ହୋଇରହିବେ। କବି ଗଙ୍ଗାଧରଙ୍କୁ ସମ୍ବୋଧନ କରି କବି ନନ୍ଦ କିଶୋର ବଳ ଯଥାର୍ଥରେ ଲେଖିଛନ୍ତି-

ଭିକ୍ଷୁକ ସଙ୍ଗତେ ନୃପ ମୁକୁଟ-ମଣ୍ଡିତ
କାଳବଳେ ହେବେ ସର୍ବେ ଭବୁଁ ଅନ୍ତର୍ହିତ।
କିନ୍ତୁ ତୁମ୍ଭେ ଦିନ କବି ରହିବ ଜୀବିତ
ଯେତେଦିନ ଭବେ ଥିବ ଓଡିଆ ସାହିତ୍ୟ।

ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର ମୋ-୯୯୩୭୬୯୧୪୭୫

## ଆମେରିକାକୁ ଟ୍ରମ୍ପଙ୍କ ସମ୍ବୋଧନ

### ଇରାନ ସହ କୌଣସି ଡିଲ୍ ହେବନି; ୨ରୁ ୩ ସପ୍ତାହ ଭିତରେ ଶେଷ ହେବ ଯୁଦ୍ଧ

# ତେହରାନ ଉପରେ ହେବ ଘାତକ ଆକ୍ରମଣ



**ନ୍ୟୁୟର୍କ,୨।୪ଃ** ଇରାନକୁ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ତାଲିକାରେ ସାମିଲ ହେବାକୁ ଦିଆଯିବ ନାହିଁ। ଇରାନ ସହ କୌଣସି ଡିଲ୍ ହେବ ନାହିଁ। ଆମେରିକା ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ତେଲ ଆମଦାନୀ କରିନଥାଏ। ଭବିଷ୍ୟତରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଆମେରିକା ପାଇଁ ସେତେ ମାତ୍ରାରେ ଆବଶ୍ୟକ ନୁହେଁ ବୋଲି ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ।

ଟ୍ରମ୍ପ କହିଛନ୍ତି ଯେ, ଇରାନର ସମସ୍ତ ଟପ୍ ନେତାଙ୍କୁ ନିପାତ କରାଯାଇଛି। ମାସେ ହେଲା ଇରାନ ସହ ଯୁଦ୍ଧ ଜାରି ରହିଛି। ଇରାନର ପରମାଣୁ ପ୍ରକଳ୍ପକୁ କେବେ ହେଲେ ସଫଳ କରାଇଦିଆଯିବ ନାହିଁ। ଇରାନ କେବେହେଲେ ପରମାଣୁ ଶକ୍ତି ସମ୍ପନ୍ନ ଦେଶ ହୋଇପାରିବ ନାହିଁ। ଇସ୍ରାଏଲ ଏବଂ ଆମେରିକା ଏହି କାମରେ ଲାଗିଛନ୍ତି। ଆମେରିକାର ଯବାନ ମଧ୍ୟ ଏଥିରେ ପ୍ରାଣ ହରାଇଛନ୍ତି। ଇରାନର ନୌସେନା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ବାୟୁସେନାକୁ ଆମେରିକା ଶକ୍ତିହୀନ କରିଦେଇଛି। ଆଇଆରଜିସିର ନେତୃତ୍ୱକୁ ୟୁଏସ ଏବଂ ଇସ୍ରାଏଲ ଅକାମୀ କରିଦେଇଛନ୍ତି। ଏହାସହ ସେ ଆମେରିକା ସୈନ୍ୟଙ୍କ ପ୍ରଶଂସା କରିଛନ୍ତି। ତାଙ୍କ କହିବାନୁସାରେ, ଭେନେଜୁଏଲାରେ ଆମେରିକା ସୈନ୍ୟ ନିଜର ଦମ୍ ଦେଖାଇଥିଲେ । ମାତ୍ର କିଛି ମିନିଟରେ ଏକ ବଡ ଅପରେସନକୁ ସେମାନେ ସଫଳ କରିଥିଲେ। ଯାହା ସାରା ବିଶ୍ୱରେ ଆମେରିକାକୁ ଅନେକ ସମ୍ମାନ ଦେଇଛି। ଏବେ ଆମେରିକା ଭେନେଜୁଏଲାର ବିଶାଳ ଗ୍ୟାସ୍ ଏବଂ ତୈଳକୁ ବିକ୍ରି କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରୁଛି। ମଧ୍ୟପ୍ରାଚ୍ୟରେ ମଧ୍ୟ ଶକ୍ତି କ୍ଷେତ୍ରରେ ଆମେରିକାକୁ ସ୍ୱାଧିନତା ମିଳିଛି । ଯାହା ସେ ସହଯୋଗୀ ଗଲଫ ଦେଶଙ୍କ ସହ ମିଶି ଆଗକୁ ବଢ଼ାଇବେ ବୋଲି ଟ୍ରମ୍ପ କହିଛନ୍ତି।

ଟ୍ରମ୍ପ୍ କହିଛନ୍ତି ଯେ, ସେ ହର୍ମୁଜ ଷ୍ଟ୍ରେଟ୍ ଆସିବେ। ଏହାର ସୁରକ୍ଷା ମଧ୍ୟ କରିବେ। ଯେତେବେଳେ ଯୁଦ୍ଧ ସରିବ ଏହା ଖାଲି ହୋଇଯିବ। ଆସନ୍ତା ଦୁଇରୁ ତିନି ସପ୍ତାହରେ ଆମେରିକା ଆହୁରି ଘାତକ ଆକ୍ରମଣ କରାଯିବ। ଇରାନ ସହ କୌଣସି ଡିଲ ହେବ ନାହିଁ। ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଆମେରିକା ପାଇଁ ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଏହି ଜଳପଥ ଦେଇ ଆମେରିକା ଅଧିକ କିଛି କାରବାର କରେ ନାହିଁ । ଯେଉଁ ଦେଶ ଏହି ଜଳପଥ ଉପରେ ନିର୍ଭର କରୁଛନ୍ତି ସେମାନେ ନିଜେ ନିଜ ଜାହାଜର ସୁରକ୍ଷା କଥା ଭାବିବା ଦରକାର। ଇରାନ ଯେପରି କୌଣସି ଆଣବିକ ଶକ୍ତି ବିକଶିତ କରିପାରିବ ନାହିଁ ତାହାକୁ ଆମେରିକା ସୁନିଶ୍ଚିତ କରିବ।

## ଇରାନରେ ସରକାର ବନାମ ସେନା

## ଶାସନ କଳକୁ କବଜା କରିଛି ରିଭଲ୍ୟୁସନାରୀ ଗାର୍ଡ



**ତେହେରାନ,୨।୪ଃ** ଯୁଦ୍ଧ ସଙ୍କଟ ବେଳେ ଇରାନରେ ସରକାର ଓ ସେନା ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି । ଇରାନର ଶକ୍ତିଶାଳୀ ସେନା ଇସଲାମିକ ରିଭଲ୍ୟୁସନାରି ଗାର୍ଡ କର୍ପସ (ଆଇଆରଜିସି)ର ଦବଦବା ଅସ୍ୱାଭାବିକ ଭାବେ ବଢ଼ିଛି। ଯେଉଁ ଆଇଆରଜିସି ଦିନେ ସୁପ୍ରିମ ଲିଡର ଆୟତୋଲ୍ଲା ଅଲୀ ଖାମେନେଇଙ୍କ ଅଙ୍ଗୁଳି ଇସାରାରେ ନାଚୁଥିଲା, ଏବେ ତାହା ଶାସନ କଳକୁ ମାଡ଼ି ବସିଲାଣି। ରାଷ୍ଟ୍ରପତି ମସୁଦ ପେଜେସ୍କିଆନଙ୍କ ପ୍ରଭାବ ସଂକୁଚିତ ହୋଇଯାଇଛି। ତେହରାନ ଟାଇମ୍ସ ରିପୋର୍ଟ ମୁତାବକ, ଦେଶର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ବର୍ତ୍ତମାନ ସେନା ହାତରେ ରହିଛି। ଖାମେନେଇଙ୍କ ପୁଅ ତଥା ନୂଆ ସୁପ୍ରିମ ଲିଡର ମୋଜତବା ଖାମେନେଇ ସୁରକ୍ଷା ବଳୟରେ ଅଛନ୍ତି। ରାଷ୍ଟ୍ରପତି ତାଙ୍କୁ ଭେଟିବାକୁ ସୁଯୋଗ ପାଉନାହାନ୍ତି। ରାଷ୍ଟ୍ରପତି ପେଜେସ୍କିଆନ ଗତ ୨୬ ତାରିଖରେ ଗୁଇନ୍ଦା ବିଭାଗ ମନ୍ତ୍ରୀ ନିଯୁକ୍ତି ଲାଗି ଉଦ୍ୟମ କରିଥିଲେ। ସେ ହୁସୈନ ଦେହଗାନଙ୍କୁ ଏହି ପଦ ଦେବାକୁ ଚାହୁଁଥିଲେ। କିନ୍ତୁ ଆଇଆରଜିସି କମାଣ୍ଡର-ଇନ୍-ଚିଫ୍ ବ୍ରିଗେଡିୟର ଜେନେରାଲ ଅହମ୍ମଦ ୱାହିଦୀ ତାହା କରାଇ ଦେଇ ନଥିଲେ।

## ଆମାଜନର ବାହରିନ ଡାଟା ସେଣ୍ଟର ଉପରେ ଡ୍ରୋନ ମାଡ଼




**ବାହରିନ,୨।୪ଃ** ମଧ୍ୟପ୍ରାଚ୍ୟରେ ଜାରି ଯୁଦ୍ଧ ମଧ୍ୟରେ ଏକ ବଡ଼ ଖବର ସାମ୍ନାକୁ ଆସୁଛି। ରିପୋର୍ଟ ଅନୁସାରେ ବାହରୀନରେ ଥିବା ଆମେରିକୀୟ କମ୍ପାନୀ ଆମାଜନର ଡାଟା ସେଣ୍ଟର ଉପରେ ଇରାନ ଆକ୍ରମଣ କରିଛି। ଏଥିରେ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ଟେକ୍ ଇନଫ୍ରାଷ୍ଟ୍ରକ୍ଚର ପ୍ରଭାବିତ ହୋଇଛି। ଇରାନ ଆମାଜନର ୱେବ ସର୍ଭିସ (ଏଡବ୍ଲୁଏସ) ଡାଟା ସେଣ୍ଟର ଉପରେ ଆକ୍ରମଣ କରିଛି। ତେବେ ଏହି ସେଣ୍ଟର ଉପରେ ସିଧାସଳଖ ଆକ୍ରମଣ ହୋଇ ନାହିଁ। ବରଂ ଆଖପାଖରେ ହୋଇଥିବା ଡ୍ରୋନ ଓ ମିଜାଇଲ ଆକ୍ରମଣ ଯୋଗୁ ଏହା ପ୍ରଭାବିତ ହୋଇଛି।

ଏଥିରେ ଡାଟା ସେଣ୍ଟରର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି। ତେବେ ଏ ନେଇ ଆମାଜନ ପକ୍ଷରୁ ଏପର୍ଯ୍ୟନ୍ତ ଅଧିକାରୀକ ବିବରଣୀ ପ୍ରଦାନ କରାଯାଇନି। ହେଲେ ଏହା ପୂର୍ବରୁ ମଧ୍ୟ କମ୍ପାନୀ ଏହି କ୍ଷେତ୍ରରେ ଥିବା ତାର ଡାଟା ସେଣ୍ଟର ଉପରେ ଡ୍ରୋନ ଆକ୍ରମଣ ହୋଇଥିବା ଅଭିଯୋଗ କରିଥିଲା। ଏହି ଆକ୍ରମଣ ଏପରି ସମୟରେ ହୋଇଛି ଯେତେବେଳେ ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଉତ୍ତେଜନା ତୀବ୍ର ବଢ଼ିବାରେ ଲାଗିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଏବେ ଯୁଦ୍ଧ କେବଳ ସ୍ଥଳ ଓ ଆକାଶରେ ନାହିଁ ଡିଜିଟାଲ ଓ ଟେକ୍ନୋଲଜି ଇନଫ୍ରାଷ୍ଟ୍ରକ୍ଚର ମଧ୍ୟ ଟାର୍ଗେଟ ହେବାରେ ଲାଗିଲାଣି।

ତେବେ ଇରାନ ଖୋଲାଖୋଲି ଆମେରିକୀୟ କମ୍ପାନୀ ମେଟା, ଗୁଗଲ, ଆପଲ ଓ ମାଇକ୍ରୋସଫ୍ଟ ଭଳି କମ୍ପାନୀଙ୍କ ଉପରେ ଆକ୍ରମଣ କରିବ ବୋଲି ଧମକ ଦେଇଛି। ମାର୍ଚ୍ଚ ୨୦୨୬ ପ୍ରାରମ୍ଭରେ ୟୁଏଇ ଓ ବାହରୀନରେ ଥିବା ଆମାଜନର ଡାଟା ସେଣ୍ଟରକୁ ଇରାନ ଟାର୍ଗେଟ କରିଥିଲା। ଫଳରେ କେତେକ ଅନଲାଇନ ସେବା ପ୍ରଭାବିତ ହୋଇଥିଲା। ଡାଟା ସେଣ୍ଟର ଆଜିକା ସମୟରେ କୌଣସି ଦେଶର ଡିଜିଟାଲ ମେରୁଦଣ୍ଡ ସଦୃଷ। ଏହା ଉପରେ ଆକ୍ରମଣ କରାଯିବା ଅର୍ଥାତ ବ୍ୟାଙ୍କିଙ୍ଗ, ଇ-କମର୍ସ, ସରକାରୀ ସେବା ଓ ଏପରିକି ସାମରିକ କମ୍ୟୁନିକେସନ ମଧ୍ୟ ପ୍ରଭାବିତ ହେବ।

# ମଧ୍ୟପ୍ରାଚ୍ୟକୁ ଆସିଲା 'ଜର୍ଜ ଏଚ୍‌ଡବ୍ଲ୍ୟୁ ବୁଶ୍'



**ତେହେରାନ,୨।୪ଃ** ଇରାନକୁ ଧ୍ୱଂସ କରିବାକୁ ଆମେରିକା ବାରମ୍ବାର ଧମକ ଦେଉଥିବାବେଳେ ଏହାର ତୃତୀୟ ଯୁଦ୍ଧଜାହାଜ ବାହକ ଜର୍ଜ ଏଚଡବ୍ଲ୍ୟୁ ବୁଶ୍ ମଧ୍ୟପ୍ରାଚ୍ୟକୁ ପଠାଇଛି। ମାର୍ଚ୍ଚ ୩୧ରେ ଏକ ଲକ୍ଷ ଟନ୍ ବିଶିଷ୍ଟ ସୁପରକ୍ୟାରିଅର ଭର୍ଜିନିଆର ନରଫୋକ୍ ନାଭାଲ ଷ୍ଟେସନ ଛାଡ଼ି ଆରବ ସାଗର ଅଭିମୁଖେ ଯାତ୍ରା କରିଛି। ଘଣ୍ଟାକୁ ୫୭ କିମି ବା ୩୦ ନଟ୍ ବେଗରେ ଚାଲିଲେ ଏହା ୧୦ ଦିନ ଭିତରେ ଗନ୍ତବ୍ୟସ୍ଥଳରେ ପହଞ୍ଚି ନରଫୋକ୍ ଜର୍ଜ ବୁଶ୍ ଦୁଇ ସପ୍ତାହ ମଧ୍ୟରେ ଇରାନ ନିକଟରେ ପହଞ୍ଚିବ। ଏହାପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ, ଆମେରିକା ଇରାନର ସମସ୍ତ ସାମରିକ କ୍ଷମତା ନଷ୍ଟ କରିଦେଇଛି। ଆସନ୍ତା ୨ରୁ ୩ ସପ୍ତାହ ମଧ୍ୟରେ ଆମେ ସେମାନଙ୍କୁ ପ୍ରସ୍ତର ଯୁଗକୁ ନେଇଯିବୁ। ୨୦୧୪ରୁ ଏହି ଯୁଦ୍ଧ ଜାହାଜ ଏରବିଲ୍ ନିକଟରେ ଆଇଏସ୍‌ଆଇଏସ୍ ଉପରେ ଏୟାର ଷ୍ଟ୍ରାଇକ କରିବାକୁ ରହିଆସିଛି । ପାରିବ । ଏହି ବିଶାଳ ଯୁଦ୍ଧବାହକରେ ୫୦୦୦ରୁ ଅଧିକ ସୈନ୍ୟ ଅଧିକାରୀ, ତିନିଟି ଆର୍ଲେ ବର୍କ ଶ୍ରେଣୀର ବିଧ୍ୱଂସକାରୀ ୟୁଏସଏସ ରସ୍, ୟୁଏସ୍‌ଏସ୍ ଡୋନାଲ୍ଡ କୁକ୍ ଓ ୟୁଏସ୍‌ଏସ୍ ମାସନ ସହିତ ୬୦-୭୦ ବିମାନ ବହନ କରିବାର କ୍ଷମତା ରହିଛି। ଏହାସହିତ ଇ-୨ଡି ଏଇଡବ୍ଲ୍ୟୁଆଣ୍ଡସି ରାଡାର ବିମାନ, ଏଫ୍/ଏ ୧୮ ହର୍ନେଟ ଓ ସୁପର ହର୍ନେଟ ଲଢୁଆ ବିମାନ ଓ ଏଫ-୩୫ସି ଦୂରଗାମୀ ଷ୍ଟିଲ୍ଥ ଜେଟ୍ ସହିତ ଇଲେକ୍ଟ୍ରୋନିକ୍ ଯୁଦ୍ଧ ଫାଇଟର ରହିପାରିବେ।

ଆର୍ଲେ ବର୍କ ବିଧ୍ୱଂସକ ଟୋମାହକ୍ସ ଏବଂ ଏସ୍‌ଏମ୍-୬ ସମେତ ୯୦ରୁ ଅଧିକ କ୍ଷେପଣାସ୍ତ୍ର ସହିତ ବାୟୁ, କ୍ଷେପଣାସ୍ତ୍ର ଏବଂ ବୁଡ଼ାଜାହାଜ କଭର ପ୍ରଦାନ କରେ ।

## ଟ୍ରମ୍ପଙ୍କ ଚେତାବନୀକୁ ଇରାନର ଚ୍ୟାଲେଞ୍ଜ

# ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼

### ଆତ୍ମସମର୍ପଣ ପର୍ଯ୍ୟନ୍ତ ଜାରି ରହିବ ଯୁଦ୍ଧ



**ତେହରାନ୍,୨।୪ଃ** ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଆହୁରି ଜୋରଦାର ହୋଇଛି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଡ଼ା ଚେତାବନୀ ପରେ ପରେ ଇସ୍ରାଏଲ ଉପରେ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଛି। ଆଜି ଇସ୍ରାଏଲ ଉପରେ ଇରାନ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଟ୍ରମ୍ପ ଜାତି ଉଦ୍ଦେଶ୍ୟରେ ତାଙ୍କ ଭାଷଣରେ ଇରାନକୁ ତୁରନ୍ତ ଆପୋଷ ବୁଝାମଣା କରିବାକୁ ଏବଂ ଯୁଦ୍ଧ ରୋକିବାକୁ ଚେତାବନୀ ଦେବାର କିଛି ଦିନ ପରେ ଏହି ଆକ୍ରମଣ ହୋଇଛି। ଇରାନ ଟ୍ରମ୍ପଙ୍କ ଧମକକୁ ବେଖାତିର୍ କରି ତାଙ୍କ ଭାଷଣ ଶେଷ ହେବା ପରେ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି। ଇରାନ ସାମରିକ ଅପରେସନ କମାଣ୍ଡର ଖାତମ୍ ଅଲ-ଅନବିୟ ଜାତୀୟ ଟିଭିକୁ କହିଛନ୍ତି ଯେ, ଆମେ କେବଳ ସର୍ବଶକ୍ତିମାନ ଭଗବାନଙ୍କୁ ବିଶ୍ୱାସ କରୁ। ଏହି ଯୁଦ୍ଧ ତୁମର ଅପମାନ, ସ୍ଥାୟୀ ଅନୁତାପ ଏବଂ ଆତ୍ମସମର୍ପଣ ପର୍ଯ୍ୟନ୍ତ ଜାରି ରହିବ। ତେଣୁ ଆହୁରି ବଡ଼ଧରଣର ଆକ୍ରମଣ ଓ ଅଧିକ ବିଧ୍ୱଂସ ଦେଖିବାକୁ ଅପେକ୍ଷା କର ବୋଲି କହିଛନ୍ତି। ଟ୍ରମ୍ପ ତାଙ୍କ ଭାଷଣରେ କହିଥିଲେ, ଆସନ୍ତା ଦୁଇରୁ ତିନିସପ୍ତାହରେ ଇରାନ ଉପରେ ଆହୁରି ଅଧିକ ଆକ୍ରମଣ ହେବ। ଟ୍ରମ୍ପଙ୍କ ଭାଷଣ ପରେ ଇରାନ ପକ୍ଷରୁ ଇସ୍ରାଏଲ ଓ ଆମେରିକା ଉପରେ ଅଧିକ ଆକ୍ରମଣ ଚେତାବନୀ ଦେଇଛି।

ଇସ୍ରାଏଲୀ ସେନା କହିଛି ଯେ ଆମେ ଇରାନ ପକ୍ଷରୁ ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ର ଚିହ୍ନଟ କରି ସେଗୁଡ଼ିକୁ ପ୍ରତିରୋଧ କରିବା ପାଇଁ ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ସକ୍ରିୟ କରିଥିଲୁ। ସେନା ଅନୁଯାୟୀ, ତିନି ଘଣ୍ଟା ମଧ୍ୟରେ ତୃତୀୟ ଥର ପାଇଁ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଟ୍ରମ୍ପଙ୍କ ଭାଷଣ ଶେଷ ପରେ ଉତ୍ତର ଇସ୍ରାଏଲରେ ବିମାନ ଆକ୍ରମଣ ସାଇରନ୍ ବାଜି ଉଠିଥିଲା। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି।

## ପ୍ରତିରକ୍ଷା ରପ୍ତାନିରେ ଭାରତର ଐତିହାସିକ ସଫଳତା

# ୩୮ ହଜାର ୪୨୪ କୋଟି ଟଙ୍କାର ସର୍ବକାଳୀନ ରେକର୍ଡ



**ନୂଆଦିଲ୍ଲୀ,୨।୪ଃ** ଭାରତୀୟ ପ୍ରତିରକ୍ଷା ରପ୍ତାନି କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରି ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଦେଶର ପ୍ରତିରକ୍ଷା ରପ୍ତାନି ୩୮,୪୨୪ କୋଟି ଟଙ୍କାର ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗୁରୁବାର ଏହି ସୂଚନା ଦେଇ କହିଛନ୍ତି ଯେ, ଗତ ଆର୍ଥିକ ବର୍ଷ ତୁଳନାରେ ଏଥିରେ ପ୍ରାୟ ୬୨.୬୬ ପ୍ରତିଶତର ଏକ ବିରାଟ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି, ଯାହା ଭାରତର ସ୍ୱଦେଶୀ ଜ୍ଞାନକୌଶଳ ଉପରେ ବିଶ୍ୱର ବଢୁଥିବା ଭରସାକୁ ପ୍ରମାଣିତ କରୁଛି । ଏହି ଅଭୂତପୂର୍ବ ସଫଳତା ଦେଶର ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରକୁ ଏକ ନୂତନ ଶକ୍ତି ପ୍ରଦାନ କରିବା ସହ ଭାରତକୁ ଏକ ପ୍ରତିରକ୍ଷା ରପ୍ତାନିକାରୀ ରାଷ୍ଟ୍ର ଭାବେ ବିଶ୍ୱ ଦରବାରରେ ସ୍ଥାପିତ କରିଛି । ଏହି ସଫଳତା ସମ୍ପର୍କରେ ଅଧିକ ସୂଚନା ଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ, ମାତ୍ର ବର୍ଷକ ମଧ୍ୟରେ ରପ୍ତାନିରେ ୧୪,୮୦୨ କୋଟି ଟଙ୍କାର ବୃଦ୍ଧି ଘଟିଛି । ଏହି ସଫଳତାରେ ଉଭୟ ସରକାରୀ ଓ ଘରୋଇ ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମୁଦାୟ ରପ୍ତାନିରେ ସରକାରୀ ପ୍ରତିରକ୍ଷା ଉଦ୍ୟୋଗଗୁଡ଼ିକର ଅବଦାନ ୫୪.୮୪ ପ୍ରତିଶତ ରହିଥିବା ବେଳେ ଘରୋଇ ଶିଳ୍ପଗୁଡ଼ିକ ୪୫.୧୬ ପ୍ରତିଶତ ଅଂଶ ଗ୍ରହଣ କରିଛନ୍ତି। ଏହି ପରିସଂଖ୍ୟାନ ଦର୍ଶାଉଛି ଯେ ଭାରତର 'ଆତ୍ମନିର୍ଭର ଭାରତ' ଅଭିଯାନ ସଫଳତାର ସହ ଆଗକୁ ବଢୁଛି ।

ଉଲ୍ଲେଖଯୋଗ୍ୟ ଯେ, ଭାରତର ପ୍ରତିରକ୍ଷା ରପ୍ତାନି ଗତ କିଛି ବର୍ଷ ହେବ କ୍ରମାଗତ ଭାବେ ବୃଦ୍ଧି ପାଉଛି । ୨୦୨୩-୨୪ ଆର୍ଥିକ ବର୍ଷରେ ରପ୍ତାନି ପରିମାଣ ୨୧,୦୮୩ କୋଟି ଟଙ୍କା ଥିବାବେଳେ ୨୦୨୪-୨୫ରେ ଏହା ୨୩,୬୨୨ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ଚଳିତ ବର୍ଷର ୩୮,୪୨୪ କୋଟି ଟଙ୍କାର ରପ୍ତାନି ଭାରତର ପ୍ରତିରକ୍ଷା ଉତ୍ପାଦନ କ୍ଷମତା ଏବଂ ଉନ୍ନତ ନିର୍ମାଣ ଶୈଳୀର ପ୍ରତିଫଳନ ବୋଲି ରାଜନାଥ ସିଂହ ମତବ୍ୟକ୍ତ କରିଛନ୍ତି । ଏହି ମାଇଲଖୁଣ୍ଟ ସରକାର ଓ ଘରୋଇ ଶିଳ୍ପ ମଧ୍ୟରେ ସହଯୋଗୀ ପରିବେଶକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।


**● ପାକିସ୍ତାନରେ ପ୍ରକୃତିର ତାଣ୍ଡବ**

## ଭୀଷଣ ବର୍ଷାରେ ୧୨ ମୃତ, ଜାରି ହେଲା ବନ୍ୟା ସତର୍କତା

**କରାଚୀ,୨।୪ଃ** ପାକିସ୍ତାନର ବିଭିନ୍ନ ପ୍ରାନ୍ତରେ ଭୀଷଣ ବର୍ଷା ସାଙ୍ଗକୁ ଝଡତୋଫାନ ଓ ବନ୍ୟା ଯୋଗୁ ଗତ ୨୪ ଘଣ୍ଟାରେ ଅନୁନ୍ୟ ୧୨ ଜଣଙ୍କ ମୃତ୍ୟୁ ହୋଇଛି। କରାଚୀରେ ଗୁରୁବାର ପାଖାପାଖି ୪ ଘଣ୍ଟା ପର୍ଯ୍ୟନ୍ତ ୩୦ରୁ ୪୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା କୁହାଯାଇଛି। ଏଣୁ ବନ୍ଦର ସହରର ଜନଜୀବନ ପ୍ରଭାବିତ ହୋଇଛି। ଗୁରୁବାର ସକାଳେ କରାଚୀରେ ବର୍ଷା ଆରମ୍ଭ ହୋଇଥିଲା, ଯାହା ଦୀର୍ଘ ସମୟ ଲାଗି ରହିଥିଲା। ଏଣୁ ଅଧିକାରୀ ଜରୁରିକାଳୀନ ପରିସ୍ଥିତି ଜାରି କରିଛନ୍ତି। ବର୍ଷାରେ ସହର ଜଳମଗ୍ନ ହୋଇପଡିଥିବା ବେଳେ ଯାତାୟାତ ଗୁରୁତର ପ୍ରଭାବିତ ହୋଇଛି। 'ଇଧି ଟ୍ରଷ୍ଟ' ଓ 'ଚିଫା ୱେଲଫେୟାର' ସମେତ ବିଭିନ୍ନ ଉଦ୍ଧାରକାରୀ ସେବା ବିଦ୍ୟୁତ ଆଘାତରେ ଓ ଘରର କାନ୍ଥ ପଡି ୫ ଜଣଙ୍କ ମୃତ୍ୟୁ ହୋଇଥିବା ପୁଷ୍ଟି କରିଛନ୍ତି। ଝଡତୋଫାନ ଯୋଗୁ କରାଚୀରେ ସାଇନବୋର୍ଡ ପଡିଯିବା ସହ ବଡ଼ ବଡ଼ ଗଛ ଉପୁଡି ପଡିଛି। ବର୍ଷା ଯୋଗୁ ସହରର ବିସ୍ତୃତ ଅଞ୍ଚଳକୁ ବିଦ୍ୟୁତ ଯୋଗାଣ ବ୍ୟହତ ହୋଇଛି। ପାକିସ୍ତାନ ପାଣିପାଗ ବିଜ୍ଞାନ ବିଭାଗ (ପିଏମଡି) ଅନୁସାରେ ଗୁରୁବାର ମଧ୍ୟାହ୍ନ ପର୍ଯ୍ୟନ୍ତ କରାଚୀର ବିଭିନ୍ନ ସ୍ଥାନରେ ୩୦ରୁ ୪୫ ମିଲିମିଟର ବର୍ଷା ରେକର୍ଡ ହୋଇଛି। ପିଏମଡି ତଥ୍ୟ ଅନୁସାରେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ନଜିମାବାଦରେ ସର୍ବାଧିକ ୬୯.୬ ମିଲମିଟର ବର୍ଷା ରେକର୍ଡ ହୋଇଛି।

## ହର୍ମୁଜ ପ୍ରଣାଳୀରେ ଭାରତୀୟ ଜାହାଜ ସୁରକ୍ଷିତ

# ଅଣ-ଡଲାର 'ଟୋଲ୍' ବ୍ୟବସ୍ଥା ଲାଗୁ କଲା ଇରାନ




**ନୂଆଦିଲ୍ଲୀ,୨।୪ଃ** ପଶ୍ଚିମ ଏସିଆରେ ଯୁଦ୍ଧ ଜନିତ ଉତ୍ତେଜନା ସତ୍ତ୍ୱେ ହର୍ମୁଜ ପ୍ରଣାଳୀ ଦେଇ ଗତି କରୁଥିବା ଭାରତୀୟ ଜାହାଜ ଓ ଭାରତର ସ୍ୱାର୍ଥ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ ବୋଲି ଇରାନ ସ୍ପଷ୍ଟ କରିଛି। ବିଶ୍ୱର ୨୦ ପ୍ରତିଶତ ତୈଳ ପରିବହନ ହେଉଥିବା ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ଉପରେ ନିଜର 'ପୂର୍ଣ୍ଣ ନିୟନ୍ତ୍ରଣ' ଥିବା ଦାବି କରି ଇରାନ, ଭାରତ ସମେତ ଚୀନ ଓ ରୁଷ ଭଳି ବନ୍ଧୁ ଦେଶଗୁଡ଼ିକୁ ସୁରକ୍ଷିତ ଯାତାୟାତର ପ୍ରତିଶ୍ରୁତି ଦେଇଛି। ଏହା ସହିତ ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ପକ୍ଷରୁ ବାଣିଜ୍ୟିକ ଜାହାଜଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର 'ଟୋଲ୍' ବ୍ୟବସ୍ଥା ଲାଗୁ କରାଯାଇଛି, ଯେଉଁଥିରେ ଆମେରିକୀୟ ଡଲାର ବଦଳରେ ଚାଇନିଜ ୟୁଆନ କିମ୍ବା କ୍ରିପ୍ଟୋକରେନ୍ସି (ୟୁଏସଡିଟି) ମାଧ୍ୟମରେ ଦେୟ ଆଦାୟ କରାଯାଉଥିବା ସୂଚନା ମିଳିଛି ।

ନୂଆଦିଲ୍ଲୀସ୍ଥିତ ଇରାନ ଦୂତାବାସ 'ଏକ୍ସ' ମାଧ୍ୟମରେ ଭାରତୀୟ ବନ୍ଧୁମାନେ ସୁରକ୍ଷିତ ହାତରେ ଥିବା ନେଇ ଆଶ୍ୱାସନା ଦେଇଛି, ଯାହା ଭାରତ ଭଳି ଏକ ବୃହତ ତୈଳ ଆମଦାନୀକାରୀ ଦେଶ ପାଇଁ ବଡ଼ ଆଶ୍ୱସ୍ତି ଆଣିଦେଇଛି। ଭାରତ ସରକାର ମଧ୍ୟ ଦେଶରେ ପର୍ଯ୍ୟାପ୍ତ ଇନ୍ଧନ ମହଜୁଦ ଥିବା ନେଇ ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ, ଆଇଆରଜିସି ବର୍ତ୍ତମାନ ପ୍ରତି ବ୍ୟାରେଲ ତୈଳ ପିଛା ପ୍ରାୟ ୧ ଡଲାର ହିସାବରେ ଟୋଲ୍ ଆଦାୟ କରୁଛି। ଆମେରିକାର ଆର୍ଥିକ ପ୍ରତିବନ୍ଧକକୁ ଏଡ଼ାଇବା ପାଇଁ ଏହି ଦେୟ ପ୍ରକ୍ରିୟାରୁ ଡଲାରକୁ ବାଦ୍ ଦିଆଯାଇଛି।

ଏହି ନୂତନ ବ୍ୟବସ୍ଥା ଅନୁଯାୟୀ, ହର୍ମୁଜ ପ୍ରଣାଳୀ ଦେଇ ଗତି କରିବାକୁ ଚାହୁଁଥିବା ଜାହାଜଗୁଡ଼ିକୁ ନିଜର ମାଲିକାନା, କାର୍ଗୋ ଏବଂ କ୍ରୁ ସଦସ୍ୟଙ୍କ ସମ୍ପୂର୍ଣ୍ଣ ବିବରଣୀ ଇରାନ ସଂଯୁକ୍ତ ମଧ୍ୟସ୍ଥିଙ୍କୁ ପ୍ରଦାନ କରିବାକୁ ପଡୁଛି। ଯେଉଁ ଦେଶଗୁଡ଼ିକ ସହିତ ଇରାନର ଭଲ ସମ୍ପର୍କ ରହିଛି, ସେମାନଙ୍କୁ ସହଜରେ ଅନୁମତି ମିଳୁଥିବା ବେଳେ ଅନ୍ୟମାନଙ୍କ ପାଇଁ ଏହି ମାର୍ଗ ବିପଦଜନକ ହୋଇଛି। ଯଦିଓ ଭାରତ ପାଇଁ ବିପଦ ନାହିଁ, ତଥାପି ବଢୁଥିବା ବୀମା ଖର୍ଚ୍ଚ ଓ ଡ୍ରୋନ୍ ଆକ୍ରମଣ ଭୟରେ ଅନେକ ଆନ୍ତର୍ଜାତୀୟ ସିପିଂ କମ୍ପାନୀ ଏହି ମାର୍ଗରୁ ଦୂରେଇ ରହୁଛନ୍ତି, ଯାହା ଫଳରେ ସାମୁଦ୍ରିକ ବାଣିଜ୍ୟ ଏବେ ମଧ୍ୟ ପ୍ରଭାବିତ ହୋଇ ରହିଛି।

## ପ୍ରାର୍ଥିପତ୍ର ଦାଖଲ କଲେ ଶୁଭେନ୍ଦୁ ଅଧିକାରୀ

# ସରକାର ବଦଳାଅ, ମମତାଙ୍କୁ ଗୁଡବାଏ କୁହ :ଶାହ



**ଭବାନୀପୁର,୨।୪ଃ** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ପାର୍ଟିର ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କ ସମର୍ଥନରେ ଏକ ରାଲିକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ଶାହ କହିଛନ୍ତି ମୁଁ ଦୀର୍ଘ ଭାଷଣ ଦେବାକୁ ଆସି ନାହିଁ। ନିର୍ବାଚନ କାଳରେ ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ମୁଁ ପଶ୍ଚିମବଙ୍ଗରେ ରହିବି। ଆପଣମାନଙ୍କ ସହ କଥାବାର୍ତ୍ତା ହେବାକୁ ଅନେକ ଅବସର ଆସିବ, ହେଲେ ଆଜି ମୁଁ ଏଠାରେ ଆମର ୪ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ ଲାଗି ଆସିଛି, ଖାସ କରି ଶୁଭେନ୍ଦୁ ଅଧିକାରୀଙ୍କ ପାଇଁ ଅସିଥିବା ସେ କହିଛନ୍ତି। ଅମିତ ଶାହ କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ମୁଁ ପାଖାପାଖି ପୁରା ପଶ୍ଚିମବଙ୍ଗ ଗସ୍ତ କରିସାରିଲାଣି। ବେଙ୍ଗଲ ପ୍ରତ୍ୟେକ କୋଣରୁ ଗୋଟିଏ ସ୍ୱର ଆସୁଛି ଏହି ସରକାରଙ୍କୁ ବଦଳାଅ, ମମତା ବାନାର୍ଜୀଙ୍କୁ ଗୁଡବାଏ କୁହ। ସେ କହିଛନ୍ତି ଯେ ମୁଁ ପଶ୍ଚିମବଙ୍ଗକୁ ଖାସ ସେହି ଲୋକଙ୍କ ପାଇଁ ଆସିଛି ଯେଉଁମାନେ ଦାଦା ଚାନ୍ଦା ଆଦାୟ ଯୋଗୁ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି। ଟିଏମସି କାର୍ଯ୍ୟକର୍ତ୍ତାଙ୍କ ଗୁଣ୍ଡାଗର୍ଦ୍ଦିରେ ଲୋକେ ଅତିଷ୍ଠ ହୋଇପଡିଲେଣି, ମହିଳାଙ୍କ ଅସୁରକ୍ଷା ଲୋକଙ୍କୁ ବ୍ୟଥିତ କରୁଛି, ଅନୁପ୍ରବେଶ କାରଣରୁ ହେଉଥିବା ଜନସଂଖ୍ୟା ପରିବର୍ତ୍ତନ ଲୋକେ ଆଉ ଗ୍ରହଣ କରିବାକୁ ଚାହୁଁ ନାହାନ୍ତି। ପୁରା ପଶ୍ଚିମବଙ୍ଗ ଏବେ ପରିବର୍ତ୍ତନ ଚାହୁଁଛି। ଏବେ ଏହି ରାଜ୍ୟରେ ପରିବର୍ତ୍ତନ ହେବା ଜରୁରି ବୋଲି ଅମିତ ଶାହ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଏଠାରେ ଏନଡିଏ ସରକାର ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ଭବାନୀପୁର ଭୋଟରଙ୍କୁ ମୁଁ ଏକ ଖାସ ଅପିଲ କରିବାକୁ ଆସିଛି। ପୁରା ପଶ୍ଚିମବଙ୍ଗ ମମତା ବାନାର୍ଜୀଙ୍କୁ ବିଦାୟ ଦେବାକୁ ଏବେ ପ୍ରସ୍ତୁତ। ହେଲେ ବେଙ୍ଗଲରେ ପରିବର୍ତ୍ତନ ଆଣିବାର ଦାୟିତ୍ୱ ଆପଣମାନଙ୍କର। ଅମିତ ଶାହ କହିଛନ୍ତି ଯଦି ଆମକୁ ୧୭୦ ସିଟ୍ ମିଳେ ତେବେ ଯାଇ ବେଙ୍ଗଲର ପରିବର୍ତ୍ତନ ହେବ।

## ପାକିସ୍ତାନକୁ ଚୀନର ଧମକ

# ବକେୟା ପଇଠ କର, ନଚେତ୍ ବିଦେଶୀ ଫଣ୍ଡ ବନ୍ଦ




**ଇସଲାମାବାଦ,୨।୪ଃ** ପାକିସ୍ତାନ ଏବଂ ଚୀନ୍ ମଧ୍ୟରେ ଥିବା ସଂପର୍କ ଏବେ ଭାଙ୍ଗିବାକୁ ଯାଉଛି। ଟଙ୍କା ପାଇଁ ଦୁଇ ଦେଶର ସଂପର୍କରେ ଫାଟ ସୃଷ୍ଟି ହୋଇଛି। ନିକଟତମ ପ୍ରତିଯୋଗୀ ପାକିସ୍ତାନକୁ ଧମକ ଦେଇଛି ଚୀନ୍। ପ୍ରାୟ ୨୦୫୦ କୋଟି ଟଙ୍କା ବକେୟା ବିଲକୁ ନେଇ ଦୁଇ ବନ୍ଧୁ ରାଷ୍ଟ୍ରଙ୍କ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଛି। ଚୀନ୍ ପାଖରୁ ବିଜୁଳି ଏବଂ ଗ୍ୟାସ୍ ଆମଦାନୀ କରୁଥିବା ବେଳେ ବିଲ୍ ପୈଠ କରିନାହିଁ। ଏହି ବିଲ୍ ଏବେ ୨୦୫୦ କୋଟିରୁ ଅଧିକ ହୋଇଗଲାଣି।

ସେପଟେ ବକେୟା ବିଲ୍ ପରିଶୋଧ ନକଲେ ବିଦେଶୀ ଫଣ୍ଡ ବନ୍ଦ କରିଦେବ ବୋଲି ଧମକ ଦେଇଛି ବେଜିଂ। ଚୀନ୍ ପାକିସ୍ତାନକୁ କଡ଼ା ଚେତାବନୀ ଦେଇ କହିଛି ଯେ, ୟୁନାଇଟେଡ୍ ଏନର୍ଜି ପାକିସ୍ତାନ (ୟୁଇପି)କୁ ବକେୟା ଦେୟ ତୁରନ୍ତ ପ୍ରଦାନ କରାଯାଉ। ପାକିସ୍ତାନର ଏଭଳି କାର୍ଯ୍ୟ, କେବଳ ଅନ୍ତର୍ଜାତୀୟ ନିବେଶକଙ୍କ ବିଶ୍ୱାସକୁ କ୍ଷୁର୍ଣ୍ଣ କରିବ ନାହିଁ ବରଂ ଭବିଷ୍ୟତର ନିବେଶ ପଥକୁ ମଧ୍ୟ ଅବରୋଧ କରିପାରେ। ଦି ନ୍ୟୁଜରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବେଜିଂରେ ଥିବା ପାକିସ୍ତାନୀ ରାଷ୍ଟ୍ରଦୂତ ତାଙ୍କ ସରକାରଙ୍କୁ ଏକ 'ଜରୁରୀ ନୋଟ୍' ପଠାଇଛନ୍ତି। ନୋଟରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯେ, ଯଦି ଟଙ୍କା ନ ମିଳେ, ତେବେ କମ୍ପାନୀର କାର୍ଯ୍ୟ ବନ୍ଦ ହୋଇପାରେ। ଏହି ପରିସ୍ଥିତି ସିଧାସଳଖ ପାକିସ୍ତାନର ଶକ୍ତି ଯୋଗାଣକୁ ପ୍ରଭାବିତ କରିବ।

ପାକିସ୍ତାନର ସ୍ପେଶାଲ୍ ଇନଭେଷ୍ଟମେଣ୍ଟ ଫ୍ୟାସିଲିଟେସନ୍ କାଉନସିଲ୍ ମଧ୍ୟ ଏହି ମାମଲାରେ ହସ୍ତକ୍ଷେପ କରିଛି। ବିଦେଶୀ ନିବେଶକଙ୍କ ବିଶ୍ୱାସ ଫେରାଇ ଆଣିବା ପାଇଁ ଏହି ବକେୟା ରାଶି ତୁରନ୍ତ ପରିଶୋଧ କରିବାକୁ ପରିଷଦ ସରକାରଙ୍କୁ ଅନୁରୋଧ କରିଛି। ସୁଇ ଦକ୍ଷିଣ ଗ୍ୟାସ କମ୍ପାନୀ ଯୁକ୍ତି ଦେଇଛି ଯେ, ଦେୟ ଦେବାକୁ ଚାହୁଁଥିଲେ ମଧ୍ୟ ତା ପାଖରେ ପାଣ୍ଠିର ଅଭାବ ଅଛି। ଏସଏସଜିସିର ଫେଡେରାଲ ବୋର୍ଡ ଅଫ୍ ରେଭିନ୍ୟୁ ପାଖରେ କୋଟି କୋଟି ଟଙ୍କା ରିଫଣ୍ଡ ପଡ଼ି ରହିଛି।

ଜନଗଣନା-୨୦୨୭ ପାଇଁ ରାଜ୍ୟ ସରକାରଙ୍କ ବ୍ୟାପକ ପ୍ରସ୍ତୁତି

# ବଦଳିବେନି ନିୟୋଜିତ ଅଧିକାରୀ ଓ କର୍ମଚାରୀ



ଦାୟିତ୍ୱ ସମ୍ପାଦନ ପାଇଁ ଚିଠି ଲେଖିଲେ ରାଜସ୍ୱ ସଚିବ

ଭୁବନେଶ୍ୱର,୨।୪(ସଂଚାର ବ୍ୟୁରୋ): ରାଜ୍ୟରେ ଜନଗଣନା ୨୦୨୭ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥିନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ବିଭିନ୍ନ ବିଭାଗର ସଚିବ, ବିଭାଗୀୟ ମୁଖ୍ୟ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ମହାନଗର ନିଗମର କମିଶନର ତଥା ମୁଖ୍ୟ ଜନଗଣନା ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ଏହି ଜନଗଣନା ପ୍ରକ୍ରିୟା ଦୁଇଟି ପର୍ଯ୍ୟାୟରେ ଡିଜିଟାଲ୍ ମାଧ୍ୟମରେ ସମ୍ପନ୍ନ କରାଯିବ। ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଆବାସ ଜନଗଣନା ଆସନ୍ତା ୧୬ରୁ ମେ' ୧୫ ପର୍ଯ୍ୟନ୍ତ ୩୦ ଦିନ ଧରି ଚାଲିବ। ଏଥିସହ ସ୍ୱ-ଗଣନା କାର୍ଯ୍ୟକ୍ରମ ଗତକାଲିଠାରୁ ଆରମ୍ଭ ହୋଇଛି ଓ ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀରେ କରାଯିବ। ଉକ୍ତ ଜନଗଣନା କାର୍ଯ୍ୟର ସଫଳ ସମ୍ପାଦନ ସୁନିଶ୍ଚିତ କରିବା ପାଇଁ ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ ବଦଳି ନ କରାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ନଗର ନିଗମମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ସମସ୍ତ ଜିଲ୍ଲା ଓ ନଗର ନିଗମର ମୁଖ୍ୟ ଜନଗଣନା ଅଧିକାରୀମାନେ ଜନଗଣନା କର୍ମଚାରୀଙ୍କ ପ୍ରଶିକ୍ଷଣକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାପ୍ତ କରିବେ। ଜନଗଣନା କାର୍ଯ୍ୟରେ ନିୟୋଜିତ ମାଷ୍ଟର ଟ୍ରେନର ଓ ଫିଲ୍ଡ ଟ୍ରେନରମାନଙ୍କୁ ଜନଗଣନା କାର୍ଯ୍ୟ ସମାପ୍ତି ପର୍ଯ୍ୟନ୍ତ ଅର୍ଥାତ୍ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ବଦଳି କରାଯିବ ନାହିଁ। ସୁପରଭାଇଜର ଓ ଏନ୍ୟୁମରେଟର ଭାବେ ନିଯୁକ୍ତ କର୍ମଚାରୀମାନଙ୍କ ବଦଳି ସମ୍ବନ୍ଧରେ ସମ୍ପର୍କିତ ଜିଲ୍ଲା ମୁଖ୍ୟ ଜନଗଣନା ଅଧିକାରୀଙ୍କ ପୂର୍ବାନୁମତି ବିନା କୌଣସି ପଦକ୍ଷେପ ଗ୍ରହଣ କରାଯିବ ନାହିଁ। ବିଭାଗୀୟ ମୁଖ୍ୟ ଅଧିକାରୀମାନଙ୍କୁ କ୍ଷେତ୍ର ସ୍ତରରେ ନିୟୋଜିତ ଜନଗଣନା ଅଧିକାରୀମାନଙ୍କ ବଦଳି ନିୟନ୍ତ୍ରଣ ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି, ଯାହା ଜନଗଣନା କାର୍ଯ୍ୟର ସୁସମ୍ପାଦନ ସୁନିଶ୍ଚିତ କରିବ।

କର୍ମଯୋଗୀ ସାଧନା ସପ୍ତାହ ଉଦ୍‌ଘାଟିତ

# ପ୍ରଶାସନ ପାଇଁ ନିରନ୍ତର ଶିକ୍ଷା ଓ ଦକ୍ଷତା ଜରୁରୀ



ନୂଆଦିଲ୍ଲୀ,୨।୪(ସଂଚାର ବ୍ୟୁରୋ): ଭାରତ ସରକାର ଆଜି ମିଶନ କର୍ମଯୋଗୀ ଅନ୍ତର୍ଗତ ଏକ ଜାତୀୟ ସ୍ତରର ଜ୍ଞାନ ଆହରଣ କାର୍ଯ୍ୟକ୍ରମ 'କର୍ମଯୋଗୀ ସାଧନା ସପ୍ତାହ' ଆରମ୍ଭ କରିଛନ୍ତି। ଏହାର ଲକ୍ଷ୍ୟ ସାରା ଦେଶରେ ସରକାରୀ କର୍ମଚାରୀଙ୍କ କ୍ଷମତା, ପ୍ରତିବଦ୍ଧତା ଏବଂ ନାଗରିକ-କୈନ୍ଦ୍ରିକ ଆଭିମୁଖ୍ୟକୁ ସୁଦୃଢ଼ କରିବା। ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ଏକ ଦ୍ରୁତ ପରିବର୍ତ୍ତିତ ବିଶ୍ୱରେ ଶାସନ ବ୍ୟବସ୍ଥା 'ନାଗରିକ ଦେବୋ ଭବଃ' ଭାବନା ଦ୍ୱାରା ପରିଚାଳିତ ହୋଇ ପରିବର୍ତ୍ତିତ ଆବଶ୍ୟକତା ସହ ସମନ୍ୱିତ ରହିବା ଉଚିତ। ଦେଶ ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଥିବା ବେଳେ ନିରନ୍ତର ଶିକ୍ଷା ଆହରଣ, ନିଷ୍ପତ୍ତି ଗ୍ରହଣରେ ପ୍ରଯୁକ୍ତିବିଦ୍ୟା ଓ ତଥ୍ୟର ଅଧିକ ବ୍ୟବହାର ଏବଂ କର୍ତ୍ତବ୍ୟ-କୈନ୍ଦ୍ରିକ ସାର୍ବଜନୀନ ସେବା ଦିଗରେ ପରିବର୍ତ୍ତନ ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମିଶନ କର୍ମଯୋଗୀର ୫ ବର୍ଷ ପୂର୍ତ୍ତି ଅବସରରେ ଏଠାକାର ଡକ୍ଟର ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ ଆଜିଠାରୁ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ କର୍ମଯୋଗୀ ସାଧନା ସପ୍ତାହ ଆୟୋଜିତ ହେଉଛି। ଦେଶବ୍ୟାପୀ କ୍ଷମତା-ନିର୍ମାଣ ପ୍ରୟାସ ଭାବେ ପରିକଳ୍ପିତ ଏହି ପଦକ୍ଷେପ ସହଭାଗୀ ଶିକ୍ଷଣ ଢାଞ୍ଚା ଅଧୀନରେ ମନ୍ତ୍ରଣାଳୟ, ରାଜ୍ୟ ଓ ପ୍ରଶାସନିକ ସେବା ତାଲିମ ପ୍ରତିଷ୍ଠାନଗୁଡ଼ିକୁ ଏକାଠି କରିଥାଏ। ଏହି କାର୍ଯ୍ୟକ୍ରମ ୩ଟି ସ୍ତମ୍ଭ ପ୍ରଯୁକ୍ତି ବିଦ୍ୟା, ପରମ୍ପରା ଓ ସାକାର ଫଳାଫଳ ଉପରେ ଆଧାରିତ। ଏଥିରେ ମଧ୍ୟ ଭବିଷ୍ୟତ ଲାଗି ପ୍ରସ୍ତୁତ ପ୍ରଶାସନିକ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ କର୍ମଶାଳା, ମାଷ୍ଟରକ୍ଲାସ ଓ ସଂସ୍ଥାଗତ ବିଚାରବିମର୍ଶକୁ ସାମିଲ କରାଯାଇଛି । ଉଦଘାଟନୀ ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପିକେ ମିଶ୍ର କହିଛନ୍ତି, ସାଧନା ସପ୍ତାହ ଏକ ସକ୍ଷମ, ପ୍ରତିବଦ୍ଧ ଓ ନାଗରିକ-କୈନ୍ଦ୍ରିକ ପ୍ରଶାସନିକ ସେବା ଦିଗରେ ପରିବର୍ତ୍ତନକୁ ଦୃଢ଼ କରେ। ସେ କହିଛନ୍ତି ଯେ କ୍ଷମତା ବିକାଶ ସୀମିତ ତଥା ନିୟମ-ଆଧାରିତ ତାଲିମଠାରୁ ଆଗକୁ ବଢ଼ି ନିରନ୍ତର ତଥା ଯେକୌଣସି ସ୍ଥାନରୁ ଶିକ୍ଷାଦାନର ଏକ ବ୍ୟବସ୍ଥା ରୂପେ ବିକଶିତ ହୋଇଛି। ଏହାକୁ ଆଇଗଟ୍ ଭଳି ପ୍ଲାଟଫର୍ମ ଦ୍ୱାରା ସକ୍ଷମ କରାଯାଇଛି।

# 'ସାଧନା ସପ୍ତାହ-୨୦୨୬' କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,୨।୪(ସଂଚାର ବ୍ୟୁରୋ): ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ମିଶନ କର୍ମଯୋଗୀ ଦୃଷ୍ଟିକୋଣ ସହ ସଂଯୋଜିତ ଦେଶବ୍ୟାପୀ ନିଆଯାଇଥିବା ପ୍ରଶିକ୍ଷଣ ପଦକ୍ଷେପ 'ସାଧନା ସପ୍ତାହ -୨୦ ୨୬' ଆଜି ଓଡ଼ିଶାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କ ଦକ୍ଷତା ବିକାଶ, ଶିକ୍ଷା ଓ ଶାସନ ପରିଚାଳନାରେ ଉତ୍କର୍ଷ ହାସଲ ପାଇଁ ଏହି ପ୍ରଶିକ୍ଷଣ ବିଶେଷ ସହାୟକ ହେବ। ଆଜିଠୁ ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସ୍ୱତନ୍ତ୍ର ପ୍ରଶିକ୍ଷଣ ଅଭିଯାନକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୋପବନ୍ଧୁ ପ୍ରଶିକ୍ଷଣ ଏକାଡେମୀ ଦ୍ୱାରା ସମନ୍ୱୟ ଓ ତଦାରଖ କରାଯାଉଛି। କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ ସହ ଆଇ-ଜିଓଟି ପ୍ଲାଟଫର୍ମ ସହ ଏହାକୁ ସଂଯୋଜିତ କରାଯାଇଛି। ପ୍ରଶିକ୍ଷଣଗୁଡ଼ିକରେ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପାଠ୍ୟକ୍ରମ ସଂକଳିତ ହୋଇଛି। ସାଧନା ସପ୍ତାହ ଭାରତ ସରକାରଙ୍କ କର୍ମଚାରୀ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଦ୍ୱାରା ଦକ୍ଷତା ବୃଦ୍ଧି ଆୟୋଗ (ସିବିସି) ଓ କର୍ମଯୋଗୀ ଭାରତ (କେବି) ମାଧ୍ୟମରେ ପରିଚାଳିତ ଏକ ଜାତୀୟ ଉଦ୍ୟମର ଅଂଶବିଶେଷ, ଯାହା ଭବିଷ୍ୟତ ପାଇଁ ପ୍ରସ୍ତୁତ, ନିରନ୍ତର ଶିକ୍ଷାକୁ ପ୍ରୋତ୍ସାହିତ କରିବା ଓ ସମଗ୍ର ରାଜ୍ୟ ଓ ବିଭାଗଗୁଡ଼ିକ ନାଗରିକ କୈନ୍ଦ୍ରିକ ଶାସନ ପରିଚାଳନା ଦକ୍ଷତା ବୃଦ୍ଧି ପାଇଁ ଉଦ୍ଦିଷ୍ଟ। ଏହି ପଦକ୍ଷେପର କେନ୍ଦ୍ରବିନ୍ଦୁରେ ଆଇ-ଜିଓଟି କର୍ମଯୋଗୀ ମଞ୍ଚ ରହିଛି, ଯାହା ସରକାରୀ କର୍ମଚାରୀଙ୍କୁ ଏକ ସଂରଚିତ, ସ୍ୱୟଂ-ଗତିଶୀଳ ଡିଜିଟାଲ୍ ଶିକ୍ଷା ଗ୍ରହଣ କରିବାର ସୁଯୋଗ ଦେଇଥାଏ। ଆଇ-ଜିଓଟିରେ ଓଡ଼ିଆ ଭାଷାରେ ପାଠ୍ୟକ୍ରମମାନ ମଧ୍ୟ ଉପଲବ୍ଧ ରହିଛି। ସପ୍ତାହେ ମଧ୍ୟରେ ସମସ୍ତ କର୍ମଚାରୀଙ୍କୁ ଅତି କମ୍‌ରେ ଚାରି ଘଣ୍ଟାର ଶିକ୍ଷା ସମ୍ପୂର୍ଣ୍ଣ କରିବାକୁ ଉତ୍ସାହିତ କରାଯାଇଛି।

# ଜଲପାଇଗୁଡ଼ିରେ ଟ୍ରେନରୁ ୧୪ ବାଂଲାଦେଶୀ ଗିରଫ



କୋଲକାତା,୨।୪(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଏକ ବଡ଼ ସଫଳତା ହାସଲ କରିଛି। ବୁଧବାର ରାତିରେ କାମାକ୍ଷା-ଆନନ୍ଦ ବିହାର ନର୍ଥ ଇଷ୍ଟ ଏକ୍ସପ୍ରେସରେ ଜଲପାଇଗୁଡ଼ି ରୋଡ୍ ଷ୍ଟେସନରେ କରାଯାଇଥିବା ଏକ ଅଭିଯାନରେ କାର୍ଯ୍ୟ କରି ୧୪ ଜଣ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରେ ମହିଳା ଏବଂ ଶିଶୁ ମଧ୍ୟ ଅଛନ୍ତି। ଆର୍‌ପିଏଫ୍ ସୂତ୍ର ଅନୁଯାୟୀ, ଏକ ଗୁପ୍ତ ସୂଚନା ଆଧାରରେ ପୂର୍ବରୁ ନଜର ରଖାଯାଇଥିଲା। ଷ୍ଟେସନରେ ଟ୍ରେନ୍ ପହଞ୍ଚିବା ମାତ୍ରେ, ସାଧାରଣ କୋଚଗୁଡ଼ିକରେ ଏକ ତଲାସୀ ଅଭିଯାନ କରାଯାଇଥିଲା। ଏହି କାର୍ଯ୍ୟ ସମୟରେ, ୧୪ ଜଣ ସନ୍ଦିଗ୍ଧଙ୍କୁ ଚିହ୍ନଟ କରାଯାଇ ଟ୍ରେନରୁ ଓହ୍ଲାଇ ଦିଆଯାଇଥିଲା ଏବଂ ହେପାଜତକୁ ନିଆଯାଇଥିଲା। ତଲାସୀ ସମୟରେ, ସେମାନଙ୍କ କବଜାରୁ ଅନେକ ଆଧାର କାର୍ଡ ଏବଂ ପାନ କାର୍ଡ ଉଦ୍ଧାର କରାଯାଇଥିଲା। ଏହା ସହିତ, ମାଲେସିଆନ୍ ମୁଦ୍ରା ଏବଂ ମୋବାଇଲ ଫୋନ୍ ମଧ୍ୟ ମିଳିଥିଲା। ଯାଞ୍ଚ ପରେ, ଆଧାର କାର୍ଡ ନମ୍ବରଗୁଡ଼ିକ ଜାଲ ବୋଲି ଜଣାପଡ଼ିଥିଲା। ପ୍ରାଥମିକ ପଚରାଉଚରାରୁ ଜଣାପଡ଼ିଛି ଯେ ସମସ୍ତ ଅଭିଯୁକ୍ତ ବାଂଲାଦେଶର ବିଭିନ୍ନ ଜିଲ୍ଲାର ବାଇନ୍ଦା। ସେମାନେ ଉତ୍ତର-ପୂର୍ବ ଭାରତରେ ପ୍ରବେଶ କରିବା ପାଇଁ ବେଆଇନ ଭାବରେ ସୀମା ପାର କରିଥିଲେ ଏବଂ ପରେ କାମାକ୍ଷାରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ନର୍ଥ ଇଷ୍ଟ ଏକ୍ସପ୍ରେସରେ ଚଢ଼ିଥିଲେ। ଖବର ଅନୁଯାୟୀ, ଦିଲ୍ଲୀରେ ପହଞ୍ଚିବା ପରେ ସେମାନଙ୍କର ଜମ୍ମୁ ଏବଂ କାଶ୍ମୀର ଯାତ୍ରା କରିବାର ମଧ୍ୟ ଯୋଜନା ଥିଲା। ଏହି ମାମଲାରେ ଆର୍‌ପିଏଫ୍ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।

## ତାଜପୁର ବେଳାଭୂମିରେ ଗାଧୋଇବା ସମୟରେ ବୁଡ଼ି ମୃତ୍ୟୁ ସୋଦପୁରର ଡାକ୍ତର ଦମ୍ପତିଙ୍କ

କୋଲକାତା,୨।୪(ସଂଚାର ବ୍ୟୁରୋ): ସୁଟିଂ ସମୟରେ ତାଳସାରୀର ସମୁଦ୍ରରେ ବୁଡ଼ି ଯାଇଥିବା ରାହୁଲ ଅରୁଣୋଦୟ ବାନାର୍ଜୀଙ୍କ ମୃତ୍ୟୁର ଆଘାତ ଏପର୍ଯ୍ୟନ୍ତ କମିନାହିଁ। ଏହାରି ମଧ୍ୟରେ, ସମୁଦ୍ର ପୁଣି ଥରେ ଆଉ ଦୁଇଟି ଜୀବନ ନେଇଛି। ଏଥର ତାଜପୁରରେ ଏକ ଡବଲ ଦୁଃଖଦ ଘଟଣା ଘଟିଛି। ଉତ୍ତର ୨୪ ପ୍ରଗଣାର ସୋଦପୁରର ଘୋଲାର ବିବାହିତ ଦମ୍ପତି ଡକ୍ଟର କୁନ୍ତଳ ଚକ୍ରବର୍ତ୍ତୀ ଏବଂ ଡକ୍ଟର ଶୈଳଜା ଭରଦ୍ୱାଜ ଛୁଟି କାଟିବା ପାଇଁ ତାଜପୁର ଯାତ୍ରା କରିଥିଲେ। ଉଭୟଙ୍କ ବୟସ ମଧ୍ୟ ୩୫ ବର୍ଷ ମଧ୍ୟରେ। ଦୁଇଜଣ ଆରଜି କର ହସ୍ପିଟାଲରେ କର୍ମରତ ଥିଲେ। ସେମାନେ ବୁଧବାର ତାଜପୁରରେ ପହଞ୍ଚିଥିଲେ। ତାଜପୁରର ବିଶ୍ୱ ବଙ୍ଗଳା ପାର୍କ ନିକଟରେ ସ୍ନାନ କରିବା ପାଇଁ ଦମ୍ପତି ପାଣିରେ ପ୍ରବେଶ କରିଥିଲେ। ସେହି ସମୟରେ ଜୁଆର ବଢ଼ୁଥିଲା ସନ୍ଦେହ କରାଯାଉଛି ଯେ ସେମାନଙ୍କ ଗୋଡ଼ ଖସିଯିବା ପରେ ଭାସି ଯାଇଥିଲେ। ପରେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଦମ୍ପତିଙ୍କୁ ପାଣିରେ ଭାସୁଥିବାର ଦେଖିଥିଲେ।

# ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ମହୋତ୍ସବରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତିତ୍ୱ




ଭୁବନେଶ୍ୱର, ୨।୪ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ସହଯୋଗରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୪ଦିନ ବ୍ୟାପୀ ଆୟୋଜିତ ଆନ୍ତଃବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ମହୋତ୍ସବ-୨୦୨୬ରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ବିଭାଗର ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ଦଳଗତ ସଫଳତା ହାସଲ କରିଛନ୍ତି । ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରାୟ ୮୦୦ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତାରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସର୍ବାଧିକ ପୁରସ୍କାର ଲାଭ କରିଛନ୍ତି । ସାଇସ୍ୱରୂପ ଦେ କ୍ଷୁଦ୍ର ଚଳଚ୍ଚିତ୍ର ବିଭାଗରେ ପ୍ରଥମ, ଆନନ୍ଦ ନାରାୟଣ ମାହାତୋ ଚିତ୍ରକଳାରେ ପ୍ରଥମ, ବୈଷ୍ଣବୀ ଘୋଷ ଏକକ ଶାସ୍ତ୍ରୀୟ କଣ୍ଠସଂଗୀତରେ ପ୍ରଥମ, ପ୍ରଦ୍ୟୁମ୍ନ ରଞ୍ଜନ ସାହୁ ଏକକ ବେହେଲା ବାଦନରେ ପ୍ରଥମ, ପଦ୍ମିନୀ ପଟ୍ଟନାୟକ ସମସାମୟିକ ନୃତ୍ୟରେ ପ୍ରଥମ, ଦିବ୍ୟଜ୍ୟୋତି ରାଉତ ଫଟୋଗ୍ରାଫିରେ ପ୍ରଥମ, ବିଷ୍ଣୁ ପଣ୍ଡା ଏକକ ଅଭିନୟରେ ପ୍ରଥମ, ଟି.ତୁଳିକା ଓଡ଼ିଶୀ ନୃତ୍ୟରେ ଦ୍ୱିତୀୟ ସ୍ଥାନ ସହ ଏକକ ଲଘୁ ସଂଗୀତରେ ପାୟଲ ମହାନ୍ତି ଓ ଦଳଗତ ନୃତ୍ୟରେ ଚିନ୍ତାମଣି ଲୁହା, ଅଭିଜିତା ଜେନା, ବିଶ୍ୱଜିତ ମହାପାତ୍ର, ବର୍ଷା ମଣ୍ଡଳ, ବିଶ୍ୱଜିତ ପ୍ରଧାନ, ମମତା ବରିହା, କଲ୍ୟାଣୀ ମହାନ୍ତି, ପ୍ରିୟଦର୍ଶିନୀ ପଟ୍ଟନାୟକ, ନିବେଦିତା ମହାରଣା, ଚନ୍ଦ୍ରଶେଖର ନନ୍ଦ, ଦିନେଶ ସିଂ, ଚିତ୍ତରଞ୍ଜନ ବାରିକ ଓ ଶୁଭାଶିଷ ବାରିକ ପ୍ରମୁଖ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରି ପୁରସ୍କୃତ ହୋଇଛନ୍ତି । ସହକାରୀ ପ୍ରଫେସର ସାରଦା ପ୍ରସନ୍ନ ଦାସ ଓ ଅଧ୍ୟାପିକା ସନ୍ଧ୍ୟାରାଣୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀ ଦଳ ଏହି ଆନ୍ତଃବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଏହି ସଫଳତା ନିମନ୍ତେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କୃତି ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ବିଶ୍ୱବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏଥର...

ପିସିସି ସଭାପତି ଦଳୀୟ କନ୍ଦଳକୁ ଚାପିବାକୁ ଚେଷ୍ଟା କରି କହିଛନ୍ତି ଯେ ଯାହା ଚର୍ଚ୍ଚା ହେଉଛି ସେଥିରେ କୌଣସି ସତ୍ୟତା ନାହିଁ। ସେଭଳି କିଛି ହୋଇଥିଲେ ବୈଠକ ବସି ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥାନ୍ତା। ଏଥିରେ କିଛି ଲୁଚେଇବା କଥା ନାହିଁ। କୌଣସି ନେତାଙ୍କ ଦିଲ୍ଲୀ ଯିବା ଅପରାଧ ନୁହେଁ। ଦଳର ବିଧାୟକମାନେ ଦିଲ୍ଲୀ ବୁଲିବାକୁ ଯାଇଛନ୍ତି। ତେଣୁ ତାକୁ ନେଇ ରାଜନୀତି କରିବାର କୌଣସି ଆବଶ୍ୟକତା ନାହିଁ। ସେପଟେ ପୂର୍ବତନ ବିଧାୟକ ସନ୍ତୋଷ ସିଂହ ସାଲୁଜାଙ୍କ ବକ୍ତବ୍ୟ ବିଧାୟକ ଦଳ ନେତା ପରିବର୍ତ୍ତନ ରେସ୍ ଆଡ଼କୁ ଇଙ୍ଗିତ କରୁଛି।

ସାଲୁଜା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମଙ୍କ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ସେ କହିଛନ୍ତି ଯେ ସିଏଲପିଙ୍କର ଅନେକ ଅଭିଜ୍ଞତା ରହିଛି। ବିଧାନସଭାରେ ତାଙ୍କର ପ୍ରଦର୍ଶନ ମଧ୍ୟ ଭଲ ରହିଛି। ବର୍ତ୍ତମାନ ସମୟରେ କଂଗ୍ରେସ ବିଧାୟକ ଦଳ ନେତା ପରିବର୍ତ୍ତନର କୌଣସି ଆବଶ୍ୟକତା ନାହିଁ। ବୁଧବାର ରାଜ୍ୟ କଂଗ୍ରେସରେ ୬ ଜଣ ବିଧାୟକ ଅଚାନକ ଦିଲ୍ଲୀ ଗସ୍ତରେ କରିବା ପରେ ଏହି ଚର୍ଚ୍ଚା ଜୋର ଧରିଛି। ଦିଲ୍ଲୀ ଯାଇଥିବା ୬ ବିଧାୟକଙ୍କ ମଧ୍ୟରେ ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତି, ମଙ୍ଗୁ ଖିଲ, ସତ୍ୟଜିତ ଗମାଙ୍ଗ, ସିଏସ୍ ରାଜନ ଏକ୍କା, ସାଗର ଦାସ, କାଡ୍ରାକା ଆପାଲା ସ୍ୱାମୀ ରହିଛନ୍ତି। ତାରାଙ୍କ ନେତୃତ୍ୱରେ ଯାଇଥିବା ୬ ବିଧାୟକ ଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

ଚର୍ଚ୍ଚା ହେଉଛି, ଏହି ୬ ବିଧାୟକ କାଡାମଙ୍କ ବଦଳରେ ତାରା ବାହିନୀପତିଙ୍କୁ ବିଧାୟକ ଦଳ ନେତା କରିବାକୁ ଚାପ ପକାଇବେ। ଏମିତିବି ଶାରିରୀକ ଅସୁସ୍ଥତା ଯୋଗୁଁ ତାରା ବିଧାୟନସଭାରେ ପୂର୍ବଭଳି ସକ୍ରିୟ ନାହାଁନ୍ତି। କିନ୍ତୁ କାଡାମଙ୍କ ରାଜନୈତିକ ଆଭିମୁଖ୍ୟ ଦଳକୁ ଅଡୁଆରେ ପକାଉଛି ବୋଲି କଂଗ୍ରେସ ବିଧାୟକମାନେ ଏଆଇସିସିରେ ଅଭିଯୋଗ କରିଥିବା ଜଣାପଡ଼ିଛି। କାଡାମ ଜଣେ ନରମପନ୍ଥୀ ନେତା ହୋଇଥିବାରୁ ବିଧାନସଭାରେ ମିଳିତ ବିରୋଧୀ ଦଳର ଲଢ଼େଇରେ ବିଜେଡି ସବୁ ମାଇଲେଜ ନେଉଛି।

## ଏଣିକି...

ଏଥିସହ ସବୁ ଛାତ୍ରଛାତ୍ରୀ ସାଙ୍ଗରେ ଏକ ପାଣି ବୋତଲ ଆଣିବାକୁ ସବୁ ଅଭିଭାବକଙ୍କୁ ସଚେତନ କରାଯିବ। ସେହିଭଳି ଅଂଶୁଘାତର ମୁକାବିଲା ପାଇଁ ସବୁ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ପ୍ରତିଷେଧକମୂଳକ ଟିପ୍ସ ଦେବାକୁ ବି ସ୍କୁଲମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଦୁଇ...

ସମ୍ପ୍ରସାରଣ ପାଇଁ ନିବେଦନ କରିଛନ୍ତି।

ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟର କେନ୍ଦ୍ର ଭାଗରେ ଥିବା ଅନୁଗୋଳ ଜିଲ୍ଲାର ଜନସଂଖ୍ୟା ପ୍ରାୟ ୧୫ ଲକ୍ଷ ଓ ଏହା ରାଜ୍ୟର ମୋଟ ଘରୋଇ ଉତ୍ପାଦ (ଜିଏସଡିପି)ରେ ପ୍ରାୟ ୫ ପ୍ରତିଶତ ଅବଦାନ ରଖେ। କୋଇଲା ସମ୍ପଦରେ ସମୃଦ୍ଧ ଏହି ଜିଲ୍ଲାର ବାର୍ଷିକ କୋଇଲା ଉତ୍ପାଦନ ଏବର ୧୧୬ ମିଲିୟନ ଟନ୍ (ଏମଟି)ରୁ ବୃଦ୍ଧି ପାଇ ଆଗାମୀ ୨୦୩୩ ସୁଦ୍ଧା ୨୫୦ରୁ ୩୦୦ ମିଲିୟନ ଟନ୍‌ରେ ପହଞ୍ଚିବା ଆକଳନ କରାଯାଇଛି। ଏହି ଜିଲ୍ଲାରେ ଇସ୍ପାତ, ଆଲୁମିନିୟମ ଓ ତାପଜ ବିଦ୍ୟୁତ କେନ୍ଦ୍ର ଭଳି ଭାରୀ ଶିଳ୍ପ, ଉନ୍ନତ ବିନିର୍ମାଣ ଓ ଆନୁଷଙ୍ଗିକ ଏମଏସଏମଇଗୁଡ଼ିକ ପାଇଁ ଉତ୍ତମ ବାତାବରଣ ରହିଛି। ଅନୁଗୁଳରେ ନାଲକୋ ସ୍ମେଲ୍ଟର ପ୍ଲାଣ୍ଟ, ଏନଟିପିସି କଣିହାଁ, ତାଳଚେର ସୁପର ଥର୍ମାଲ ପାୱାର ଷ୍ଟେସନ ଓ ମହାନଦୀ କୋଲଫିଲ୍ଡସ ଲିମିଟେଡର ବ୍ୟାପକ କୋଇଲା ଖଣି ଭଳି ପ୍ରମୁଖ ଶିଳ୍ପ ଓ ଶକ୍ତି କେନ୍ଦ୍ରଗୁଡ଼ିକ ରହିଛି, ଯାହା ରାଜ୍ୟର ଶକ୍ତି ନିରାପତ୍ତାର ମେରୁଦଣ୍ଡ ସାଜିଛି।

ବିଶେଷକରି ଛେଣ୍ଡିପଦା ତହସିଲ ଅଞ୍ଚଳ ଭାରତର କୋଇଲା ଗଚ୍ଛିତ ଭଣ୍ଡାରର ପ୍ରାୟ ଏକ-ଷଷ୍ଠାଂଶ ହୋଇଥିବାରୁ ଏହା ଦେଶର ଶକ୍ତି ନିରାପତ୍ତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ବର୍ତ୍ତମାନର ସଡ଼କ ଭିତ୍ତିଭୂମି, ବିଶେଷକରି ରାଜ୍ୟ ରାଜପଥ-୬୩ ଓ ଛେଣ୍ଡିପଦା-ଜରପଡ଼ା ଜିଲ୍ଲା ମୁଖ୍ୟ ରାସ୍ତା ଅତ୍ୟଧିକ କୋଇଲା ପରିବହନ ପାଇଁ ଅନୁପଯୁକ୍ତ ହୋଇପଡ଼ିଛି। ତା'ଛଡ଼ା ରାସ୍ତାଗୁଡ଼ିକ ଜନବସତି ଦେଇ ଯାଉଥିବାରୁ ଟ୍ରାଫିକ ଜାମ୍, ଦୁର୍ଘଟଣା ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ବୋଲି କେନ୍ଦ୍ର ମନ୍ତ୍ରୀ ଦର୍ଶାଇଛନ୍ତି।

ଏହି ସମସ୍ୟାର ସମାଧାନ ପାଇଁ ଶ୍ରୀ ପ୍ରଧାନ ଦୁଇଟି ପ୍ରମୁଖ ପ୍ରସ୍ତାବ ରଖିଛନ୍ତି। ପ୍ରଥମତଃ ଛେଣ୍ଡିପଦାରୁ ଅନୁଗୁଳ ପର୍ଯ୍ୟନ୍ତ ଯାଇଥିବା ରାଜ୍ୟ ରାଜପଥ-୬୩କୁ ଦୁଇ ଲେନ୍‌ରୁ ଚାରି ଲେନ୍‌କୁ ପ୍ରଶସ୍ତିକରଣ କରିବା ସହ ଜନବସତି ଅଞ୍ଚଳରେ ବାଇପାସ ନିର୍ମାଣ ପାଇଁ ଅନୁରୋଧ କରିଛନ୍ତି। ଦ୍ୱିତୀୟରେ ଛେଣ୍ଡିପଦା-ଜରପଡ଼ା ମୁଖ୍ୟ ଜିଲ୍ଲା ରାସ୍ତାକୁ ପ୍ରଶସ୍ତ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ରାସ୍ତାଟି ଖଣି ଅଞ୍ଚଳକୁ ୫୫ ନମ୍ବର ଜାତୀୟ ରାଜପଥ ଓ ରେଳ କରିଡର ସହ ଯୋଡୁଛି। ଏହାର ପ୍ରଶସ୍ତିକରଣ ଦ୍ୱାରା ରାଜ୍ୟ ରାଜପଥ- ୬୩ ଉପରୁ ଯାନବାହନ ଚାପ କମିବ ଓ ଏକ ବିକଳ୍ପ ପରିବହନ ମାର୍ଗ ସୃଷ୍ଟି ହେବ। ଉନ୍ନତ ସଡ଼କ ସଂଯୋଗୀକରଣ ଦ୍ୱାରା କେବଳ କୋଇଲା ପରିବହନ ସହଜ ହେବନାହିଁ, ବରଂ ଏହା ଅଞ୍ଚଳରେ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବ। ଅଧିକନ୍ତୁ ଏହା ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶରେ ବି ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ବାଟ...

ସେଭଳି କୌଣସି ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ବି ହୋଇନାହିଁ।

ଏଭଳି ସ୍ଥିତିରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କ କାର୍ଯ୍ୟକାଳ ସରିବା ପୂର୍ବରୁ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବା ନେଇ ଅନେକେ ସନ୍ଦେହ ପ୍ରକାଶ କରୁଛନ୍ତି। ଯଦି ପଞ୍ଚାୟତ ନିର୍ବାଚନରେ କୌଣସି କାରଣରୁ ବିଳମ୍ବ ହୁଏ, ତା'ହେଲେ ପଞ୍ଚାୟତର କ୍ଷମତା ସରକାରୀ ବାବୁମାନଙ୍କ ହାତରେ ରହିବ। ତେବେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ କାରଣରୁ ଖାଲି ଥିବା ପଞ୍ଚାୟତସ୍ତରୀୟ ପଦବୀ ପାଇଁ ସରକାର ନିର୍ବାଚନ କରୁ ନ ଥିବା ବେଳେ ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଏହାକୁ ଗଡ଼ାଇ ଚାଲିଥିବାରୁ ପଞ୍ଚାୟତ ନିର୍ବାଚନ ଠିକଣା ସମୟରେ ହେବ ବୋଲି ମଧ୍ୟ ଆଲୋଚନା ହେଉଛି। ତେବେ ସବୁ କିଛି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଥିବାରୁ ସାରା ରାଜ୍ୟର ପଞ୍ଚାୟତ ପ୍ରତିନିଧିମାନଙ୍କ ନଜର ଏହାରି ଉପରେ ରହିଛି।

## ହର୍ମୁଜ...

କୁହାଯାଉଛି। ତେବେ ଆମେରିକା ଏହି ବୈଠକଠାରୁ ଦୂରରେ ରହିଛି। ଗତକାଲି ନାଟୋ ସହଯୋଗୀଙ୍କୁ ସମାଲୋଚନା କରି ହର୍ମୁଜ୍ ଜଳପଥ ଖୋଲିବା ୱାଶିଂଟନର କାମ ନୁହେଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଥିଲେ।ସେ କହିଥିଲେ ଯେ ସମସ୍ୟାର ସମାଧାନ ପାଇଁ ସବୁବେଳେ ଆମେରିକା ଆଗକୁ ଆସିବ ନାହିଁ। ବ୍ରିଟେନ୍ ଭଳି ୟୁରୋପୀୟ ଦେଶକୁ ମୋର ପରାମର୍ଶ ହେଲା ଆମେରିକାଠାରୁ ତେଲ କିଣନ୍ତୁ, ନହେଲେ ଯଦି ସାହସ ଅଛି ହର୍ମୁଜ ଯାଇ ଜାହାଜ ମୁକୁଳାଇ ଆଣନ୍ତୁ ବୋଲି ଟ୍ରମ୍ପ୍ ରୋକ୍‌ଠୋକ୍ ଶୁଣାଇଥିଲେ।

ପୂର୍ବରୁ ବୈଠକ ସଂକ୍ରାନ୍ତରେ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସ୍ୱାଲ କହିଥିଲେ ଯେ ଭାରତ କ୍ରମାଗତ ଭାବେ ଇରାନ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ଦେଶ ସହ ଯୋଗାଯୋଗ ରକ୍ଷା କରିଆସୁଛି। ଭାରତୀୟ ଜାହାଜଗୁଡ଼ିକ ଯେପରି ବିନା ବାଧାରେ ଯାତାୟାତ କରିପାରିବେ, ତା' ଉପରେ ବି ନଜର ରଖାଯାଇଛି। ଗତ କିଛି ଦିନ ମଧ୍ୟରେ ୬ଟି ଭାରତୀୟ ଜାହାଜ ଏହି ବାଟ ଦେଇ ସୁରକ୍ଷିତ ଭାବେ ଅତିକ୍ରମ କରିଥିବା ଶ୍ରୀ ଜୈସ୍ୱାଲ୍ କହିଥିଲେ।

ସେପଟେ ପଶ୍ଚିମ ଏସିଆର ପରିବର୍ତ୍ତିତ ପରିସ୍ଥିତିକୁ ଧ୍ୟାନରେ ରଖି, କେନ୍ଦ୍ର ସରକାର ନିୟମିତ ବାବେ ସମୀକ୍ଷା କରୁଛନ୍ତି। ଆଜି ଏନେଇ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍, ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ତଥା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନେ ଇନ୍ଧନ ଉପଲବ୍ଧତା, ସାମୁଦ୍ରିକ କାର୍ଯ୍ୟ, ଏହି କ୍ଷେତ୍ରରେ ଭାରତୀୟ ନାଗରିକମାନଙ୍କୁ ପ୍ରଦାନ କରାଯାଇଥିବା ସହାୟତା ଏବଂ ସାମଗ୍ରିକ ସ୍ଥିରତା ବଜାୟ ରଖିବା ପାଇଁ ନିଆଯାଉଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଛନ୍ତି।

ସେହିପରି ପଶ୍ଚିମ ଏସିଆର ପରିବର୍ତ୍ତିତ ଘଟଣାକ୍ରମକୁ ନେଇ ଆଜି ଆନ୍ତଃମନ୍ତ୍ରୀସ୍ତରୀୟ କମିଟି (ଆଇଏମ୍‌ସି)ର ଦ୍ୱିତୀୟ ବୈଠକ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅନିଶ୍ଚିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପରିସ୍ଥିତି ଉପରେ ୨୪ ଘଣ୍ଟା ନଜର ରଖିବା ଓ ଯେକୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ଏକ ସମନ୍ୱିତ ଉପାୟରେ ପ୍ରତିକ୍ରିୟା ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦେଶବାସୀ ଯେପରି ଯୁଦ୍ଧର ସର୍ବନିମ୍ନ ପ୍ରଭାବର ସମ୍ମୁଖୀନ ନହେବେ, ତାହା ସୁନିଶ୍ଚିତ କରିବା ଲାଗି ସବୁ ପ୍ରକାରର ପଦକ୍ଷେପ ନିଆଯିବା ଉପରେ ସେ ଜୋର୍ ଦେଇଛନ୍ତି। ସରକାର ଘରୋଇ ଏଲପିଜି ଯୋଗାଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ବ୍ୟବହାର ଆବଶ୍ୟକତାକୁ ସମ୍ପୂର୍ଣ୍ଣ ପୂରଣ କରିବା ପାଇଁ ବିଶୋଧନାଗାର ଉତ୍ପାଦନକୁ ବୃଦ୍ଧି କରାଯାଇଛି। ଏଲପିଜି ବିତରକମାନଙ୍କ ନିକଟରେ ଅଭାବ ନେଇ କୌଣସି ରିପୋର୍ଟ ଆସିନାହିଁ ଏବଂ ଘରୋଇ ଏଲପିଜି ସିଲିଣ୍ଡରର ବିତରଣ ସାଧାରଣ ସମୟସୂଚୀ ଅନୁସାରେ ଜାରି ରହିଛି ବୋଲି ମନ୍ତ୍ରୀ ଗୋଷ୍ଠୀକୁ ଅବଗତ କରାଯାଇଥିଲା। ମହଜୁଦ ଓ କଳାବଜାର ଯୋଗୁଁ ଅସ୍ଥାୟୀ ଯୋଗାଣ ଚିନ୍ତା ଉପୁଜିଥିଲା, ଯାହା କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଆତଙ୍କ ସୃଷ୍ଟି କରିଥିଲା।

# ଜନସ୍ୱାସ୍ଥ୍ୟରେ ଯନ୍ତ୍ରୀ ଅଭାବ

ଭୁବନେଶ୍ୱର,୨।୪: ସହରାଞ୍ଚଳରେ ସେବା ଯୋଗାଣ ପାଇଁ ଥିବା ଯନ୍ତ୍ରୀ ପଦବୀ ମଧ୍ୟରୁ ୮ ଶହରୁ ଅଧିକ ଖାଲି ପଡ଼ିଛି। ଏହି ପଦବୀ ପୂରଣ ପାଇଁ ପ୍ରାୟ ଦୁଇ ବର୍ଷ ଧରି ଉଦ୍ୟମ ଚାଲିଛି। ମିଳିଥିବା ସୂଚନାନୁଯାୟୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଜନସ୍ୱାସ୍ଥ୍ୟ ଯନ୍ତ୍ରୀ ବର୍ଗରେ ୨୦୦୭ଟି ବିଭିନ୍ନ ପାହ୍ୟାର ପଦବୀ ଥିବାବେଳେ ଏଥିରୁ ୮୪୨ ଟି ପଦବୀ ଖାଲି ପଡ଼ିଛି। କ୍ଷେତ୍ର ସ୍ତରରେ ଅଧିକ ଜରୁରୀ ଥିବା କନିଷ୍ଠ ଯନ୍ତ୍ରୀ ପାହ୍ୟାରେ ଥିବା ୭୯୧ ପଦବୀରୁ ୪୧୯ଟି ପଦବୀ ଖାଲି ପଡିଛି। ଏଥି ମଧ୍ୟରୁ ୩୬୫ ଟି ପଦବୀ ପୂରଣ ପାଇଁ ୨୦୨୪ ଫେବୃଆରୀରୁ ଓଡ଼ିଶା କର୍ମଚାରୀ ଚୟନ ଆୟୋଗଙ୍କୁ ପତ୍ର ଲେଖାଯାଇଛି।

ସେହିଭଳି ୪୦୪ଟି ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ମଧ୍ୟରୁ ୧୫୫ଟି ପଦବୀ ଖାଲି ପଡ଼ିଥିବାବେଳେ ଏଥିରୁ ୮୦ଟି ପଦବୀ ପୂରଣ ପାଇଁ ନୋଡାଲ ବିଭାଗ ଜଳସମ୍ପଦ ବିଭାଗକୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି। ଅବଶିଷ୍ଟ ଖାଲି ପଦବୀ ପୂରଣ ପାଇଁ ବିଭାଗୀୟ ପଦୋନ୍ନତି କମିଟି ଦ୍ୱାରା ସହକାରୀ ଯନ୍ତ୍ରୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦକୁ ପଦୋନ୍ନତି ଦେବା ପ୍ରକ୍ରିୟା ଜାରି ରହିଛି।

ଏହାଛଡ଼ା ୨୪୩ ସହକାରୀ ଯନ୍ତ୍ରୀ ପଦବୀ ପୂରଣ ପାଇଁ ବିଭାଗୀୟ ପଦୋନ୍ନତି କମିଟି ଦ୍ୱାରା କନିଷ୍ଠ ଯନ୍ତ୍ରୀରୁ ସହକାରୀ ଯନ୍ତ୍ରୀ ପଦକୁ ପଦୋନ୍ନତି ଦେବା ପାଇଁ ପ୍ରକ୍ରିୟା ଜାରି ରହିଛି। ଖାଲି ଥିବା ୧୮ ନିର୍ବାହୀ ଯନ୍ତ୍ରୀ ଓ ୭ ଅଧୀକ୍ଷଣ ଯନ୍ତ୍ରୀ ପଦବୀ ପୂରଣ ନିମନ୍ତେ ପଦୋନ୍ନତି ପ୍ରକ୍ରିୟା ବି ଚାଲୁ ରହିଛି। ତେବେ ୩ଟି ସର୍ବୋଚ୍ଚ ଯନ୍ତ୍ରୀ, ୭ଟି ମୁଖ୍ୟଯନ୍ତ୍ରୀ ଓ ୨୧ଟି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପାହ୍ୟାର ସମସ୍ତ ପଦବୀରେ ନିଯୁକ୍ତି ହୋଇସାରିଛି। ରାଜ୍ୟର ସହରାଞ୍ଚଳରେ ଏବେ ଏକାଧିକ କେନ୍ଦ୍ରୀୟ ଓ ରାଜ୍ୟ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ ଏଥିରେ ଯନ୍ତ୍ରୀମାନଙ୍କର ବିଶେଷକରି କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ଏହି ଦୁଇ ପଦବୀରେ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ଅଧାରୁ ଅଧିକ ଖାଲି ପଡିଥିବାରୁ ବିଭିନ୍ନ ସ୍ତରରେ କାର୍ଯ୍ୟ ପ୍ରଭାବିତ ହେଉଥିବା ଦେଖିବାକୁ ମିଳୁଛି। ଏହିସବୁ ପଦବୀଗୁଡିକ ପୂରଣ ପାଇଁ ସରକାରୀ ସ୍ତରରେ ବର୍ଷାଧିକ କାଳ କସରତ ଚାଲିଥିଲେ ମଧ୍ୟ ନୂତନ ନିଯୁକ୍ତି କିମ୍ବା ପଦୋନ୍ନତି ହୋଇପାରୁନାହିଁ।

ଗୋଟିଏ ପଟେ ଅଣବୈଷୟିକ ଖାଲି ପଦବୀରେ ଆଉଟସୋର୍ସିଂ ନିଯୁକ୍ତିକୁ ନେଇ ହଟଚମଟ ଚାଲିଥିବା ବେଳେ ଅନ୍ୟପଟେ ଯନ୍ତ୍ରୀ ପଦବୀ ଖାଲି ଏବେ ସହରାଞ୍ଚଳ ବିକାଶରେ ବାଧା ବୋଲି ପୁରୁଖା ଅଧିକାରୀମାନେ ମତ ଦେଉଛନ୍ତି। ତେଣୁ ସରକାରୀ ତୁରନ୍ତ ଖାଲି ପଡ଼ିଥିବା ଯନ୍ତ୍ରୀ ପଦବୀଗୁଡ଼ିକ ପୂରଣ ନ କଲେ କେବଳ ଯୋଜନା ଅର୍ଥ ବ୍ୟୟ ବିଳମ୍ବ ହେବନାହିଁ, ବରଂ ବହୁ ପ୍ରକଳ୍ପର କାର୍ଯ୍ୟ ମଧ୍ୟ ଆଗେଇ ପାରିବ ନାହିଁ ବୋଲି କୁହାଯାଉଛି। (ତଥ୍ୟ)

# ସହିଦ ନଗର ହାଟରେ ନବନିର୍ମିତ ଦୋକାନ ଗୃହ ହସ୍ତାନ୍ତର




ଭୁବନେଶ୍ୱର, ୨।୪ (ସଂଚାର ବ୍ୟୁରୋ) : ସ୍ମାର୍ଟ ସିଟି ଭୁବନେଶ୍ୱରର ସ୍ମାର୍ଟ ଜନପଥରେ ଥିବା ସ୍ମାର୍ଟ କିଓସ୍କ ହିତାଧିକାରୀଙ୍କୁ ପ୍ରଦାନ । ଦୋକାନ ଗୃହ ପ୍ରଦାନ ସହ ସେମାନଙ୍କୁ ସ୍ମାର୍ଟ କରିବା ପାଇଁ ସ୍ୱତନ୍ତ୍ର ଆପ୍ ମଧ୍ୟ ପ୍ରସ୍ତୁତ କରାଯାଇଛି ।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଜି ସହିଦ ନଗର ହାଟର ନୂତନ ଦୋକାନ ଗୃହ ଓ ପିଣ୍ଡି ଉଦ୍ଘାଟିତ ହୋଇଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସହିଦ ନଗର ଭବାନୀମଲଠାରେ ଥିବା ହାଟର ଶୁଭ ଉଦଘାଟନ କରିଛନ୍ତି । ଏହି ଅବସରରେ ବିଏମ୍ ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ମାନ୍ୟବର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡେପୁଟି ମେୟରମତୀ ମଂଜୁଲତା କହଁର, କମିଶନର ଚଞ୍ଚଳ ରାଣା, ଷ୍ଟାଣ୍ଡିଂ କମିଟି (ଲାଇସେନ୍ସ) ପ୍ରେମାନନ୍ଦ ଜେନା, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ ପ୍ରମୁଖ ମଂଚାସୀନ ଥିଲେ । ଏହି ଅବସରରେ ବିଏମ୍ ସିର ସିରିଜ୍ ଉଦ୍ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ବିଏମ୍‌ସି ବଜାର ସେବା ହେଉଛି ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ବିକଶିତ ଏକ ଡିଜିଟାଲ୍ ପ୍ଲାଟଫର୍ମ, ଯାହା ବଜାର ଏବଂ ଭେଣ୍ଡିଂ ଜୋନ୍‌ଗୁଡ଼ିକରେ ରାଜସ୍ୱ ସଂଗ୍ରହ, ଭେଣ୍ଡର ପରିଚାଳନା ଏବଂ କାର୍ଯ୍ୟାନୁପାଳନ ତନଖି ଦେଖିବାକୁ ସ୍ୱୟଂଚାଳିତ କରେ। ଏହା ମଣିଷ ଦ୍ୱାରା ହେଉଥିବା ପ୍ରକ୍ରିୟାକୁ ପରିବର୍ତ୍ତନ କରି ଇନଭଏସ୍ ସୃଷ୍ଟି, ଅନଲାଇନ୍ ଦେୟ ଦେବା, ଡିଜିଟାଲ୍ ରସିଦ, ସୂଚନା ଏବଂ ତୁରନ୍ତ ରିପୋର୍ଟିଂ ସୁବିଧା ଯୋଗାଇ ଦେବ । ଏହି ପରିକଳ୍ପନା ଅନୁସାରେ, ବିଏମସି ଇଣ୍ଡସଇଣ୍ଡ ବ୍ୟାଙ୍କ ଏବଂ ଏମର୍ ଟେକ୍ ଇନୋଭେସନ୍ସ ପ୍ରା.ଲି. ସହିତ ବ୍ୟାଙ୍କିଂ ଏବଂ ପ୍ରଯୁକ୍ତିଗତ ସହଭାଗୀ ଭାବରେ ଯୋଗାଯୋଗ କରିଅଛି ।

ପ୍ରତ୍ୟେକ ଦୋକାନୀଙ୍କୁ ତାଙ୍କ ଦୋକାନର ସମସ୍ତ ତଥ୍ୟ ସହିତ ସଂଯୁକ୍ତ ଏକ ୟୁନିକ୍ କ୍ୟୁଆର୍ କୋଡ୍ ଦିଆଯିବ । ଏହା ଦ୍ୱାରା ସେମାନେ ବିଲ୍ ଯାଞ୍ଚ କରି ଭଡା, ସାମୂହିକ ସ୍ଥାନ ପରିଚାଳନା ଶୁଳ୍କ, କର ଏବଂ ବକେୟାକୁ ୟୁପିଆଇ, ନେଟ୍ ବ୍ୟାଂକିଙ୍ଗ୍, ଚାଲାଣ ଆଦି ୩୨ ପ୍ରକାର ନେଟ୍ ବ୍ୟାଙ୍କି ମାଧ୍ୟମରେ ପରିଶୋଧ କରିପାରିବେ । ଏହି ପ୍ଲାଟଫର୍ମ ସ୍ମାର୍ଟ ଏନାଲିଟିକ୍ସ, ଜୋନ୍ ଭିତ୍ତିକ ନିରୀକ୍ଷଣ ଏବଂ ଟ୍ରେଡ୍ ଲାଇସେନ୍ସ, ଏଫ୍‌ଏସ୍‌ଏସ୍‌ଆଇ, ଆଧାର ଏବଂ ଜିଏସ୍‌ଟି ପାଇଁ ଅନୁପାଳନ ଅନୁସନ୍ଧାନ ସୁବିଧା ଯୋଗାଇଦେବ, ଯାହା ଦ୍ୱାରା ରାଜସ୍ୱ ଆଦାୟରେ ପାରଦର୍ଶିତ ଓ ସ୍ୱଚ୍ଛତା ରକ୍ଷାକରାଯାଇ ପାରିବ ।

ଭବିଷ୍ୟତରେ ଏହି ଆପ୍ ସରକାରୀ ସଂସ୍ଥାଗୁଡ଼ିକ ସହିତ ସେମାନଙ୍କର କାର୍ଯ୍ୟାନୁପାଳନ ପାଇଁ ବିଏମ୍ ସି ସୂଚନା ଅଂଶୀଦାର କରିପାରିବ ବୋଲି କୁହାଯାଇଛି । ସ୍ୱଚ୍ଛତାରେ ଉନ୍ନତି ଆଣିବା ପାଇଁ ନାଗରିକମାନେ ବଜାରରେ ଦୋକାନର ମୌଳିକ ବିବରଣୀ ଖୋଜିବାକୁ କ୍ୟୁଆର କୋଡ୍ ସ୍କାନ୍ କରିପାରିବେ।

**ସହରାଞ୍ଚଳ ଅଭିବୃଦ୍ଧି**

# ଖର୍ଚ୍ଚରେ ଗୃହ ଓ ନଗର ଉନ୍ନୟନ ବିଭାଗର ରେକର୍ଡ





ଭୁବନେଶ୍ୱର,୨।୪(ସଂଚାର ବ୍ୟୁରୋ)ଃ ଓଡ଼ିଶାର ସହରାଞ୍ଚଳ ରୂପାନ୍ତରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଗତ ପାଞ୍ଚ ବର୍ଷ ମଧ୍ୟରେ ଏହାର ସର୍ବୋଚ୍ଚ ବିକାଶ ଖର୍ଚ୍ଚ ରେକର୍ଡ କରିଛି, ଯାହା ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ୮୫୭୫.୬୧ କୋଟି ଟଙ୍କାରେ ପହଞ୍ଚିଛି। ଏହା ୨୦୨୨-୨୩ରେ ୬୯୯୬.୯୨ କୋଟି ଟଙ୍କାରୁ ଏକ ସ୍ଥିର ଓ ଉତ୍ସାହଜନକ ବୃଦ୍ଧିକୁ ଚିହ୍ନିତ କରେ। ଏଥିସହ ସମଗ୍ର ରାଜ୍ୟରେ ସହରାଞ୍ଚଳ ଭିତ୍ତିଭୂମି ଓ ନାଗରିକ ସେବାକୁ ସୁଦୃଢ଼ କରିବାରେ ରାଜ୍ୟ ସରକାରଙ୍କ ନିରନ୍ତର ପ୍ରତିବଦ୍ଧତା ମଧ୍ୟ ପ୍ରମାଣିତ ହୋଇଛି।

ବିଭାଗ ଆର୍ଥିକ ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି କରି ସାମଗ୍ରିକ ଉପଯୋଗ ହାର ୮୬.୫୦ ପ୍ରତିଶତରେ ପହଞ୍ଚାଇଛି। ବଜେଟ୍ ଆବଣ୍ଟନକୁ ପ୍ରଭାବଶାଳୀ ଢଙ୍ଗରେ ବାସ୍ତବ ଫଳାଫଳରେ ପରିଣତ କରିବା ଦିଗରେ ଏହା ଏକ ସ୍ପଷ୍ଟ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି। ଏହି ପ୍ରଦର୍ଶନର ଏକ ପ୍ରମୁଖ ବାହକ ହେଉଛି ରାଜ୍ୟ କ୍ଷେତ୍ର ଯୋଜନା ଅଧୀନରେ ଉଲ୍ଲେଖନୀୟ ଅଗ୍ରଗତି। ଏହି ଯୋଜନାଗୁଡ଼ିକ ଅଧୀନରେ ଖର୍ଚ୍ଚ ୨୦୨୨-୨୩ରେ ୨୬୭୬.୧୫ କୋଟି ଟଙ୍କାରୁ ଚଳିତ ଆର୍ଥିକ ବର୍ଷରେ ୪୨୮୫.୪୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହା ଆଭ୍ୟନ୍ତରୀଣ ପ୍ରକଳ୍ପ କାର୍ଯ୍ୟକାରିତା ବ୍ୟବସ୍ଥାର ସଫଳତା ସାଙ୍ଗକୁ ସର୍ବୋଚ୍ଚ ପ୍ରଶାସନିକ ସ୍ତରରେ ନିରନ୍ତର ସମୀକ୍ଷା ଏବଂ ମାର୍ଗଦର୍ଶନ ଦ୍ୱାରା ସୁନିଶ୍ଚିତ ହୋଇଛି।

ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ପାଣ୍ଠି ବଣ୍ଟନ କରିବାରେ ମଧ୍ୟ ବିଭାଗ ଅନୁକରଣୀୟ ପ୍ରଦର୍ଶନ କରିଛି। ରାଜ୍ୟ ଅର୍ଥ ଆୟୋଗଙ୍କ ଆବଣ୍ଟନ କ୍ରମାଗତ ଚତୁର୍ଥ ବର୍ଷ ପାଇଁ ୯୯.୭୦ ପ୍ରତିଶତ ସମୁଦାୟ ଉପଯୋଗ ହାସଲ କରିଛି। ଯାହା ଦର୍ଶାଉଛି ଯେ, ଅତ୍ୟାବଶ୍ୟକ ସହରାଞ୍ଚଳ ସେବା ଯୋଗାଇବା ପାଇଁ ସ୍ଥାନୀୟ ସଂସ୍ଥାଗୁଡ଼ିକ ବେଶ୍ ସଶକ୍ତ। କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରେ ବିଭାଗ ଦୃଢ଼ ପୁନରୁଦ୍ଧାର ପ୍ରଦର୍ଶନ କରିଛି, ଯେଉଁଥିରେ ଖର୍ଚ୍ଚ ପୂର୍ବ ବର୍ଷ ୫୯୫.୯୫ କୋଟି ଟଙ୍କା ତୁଳନାରେ ୧୧୪୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭବିଷ୍ୟତରେ ବିଭାଗ ଆହୁରି ଅଧିକ ମହତ୍ତ୍ୱାକାଂକ୍ଷୀ ପର୍ଯ୍ୟାୟ ପାଇଁ ପ୍ରସ୍ତୁତ ହେଉଛି। ଚଳିତ ବଜେଟରେ ୧୦୭୬୨.୮୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହା ଗତ ପାଞ୍ଚ ବର୍ଷ ମଧ୍ୟରେ ସର୍ବାଧିକ।

## ପୂଜା ଆଳତି ବେଳେ ଅଗ୍ନିକାଣ୍ଡ

କଟକ,୨।୪(ସଂଚାର ବ୍ୟୁରୋ)ଃ ପୁଣି କଟକରେ ଘଟିଛି ଅଗ୍ନିକାଣ୍ଡ। ପୂଜା ଆଳତି ସମୟରେ ଅଗ୍ନିକାଣ୍ଡ ଘଟିଛି। କଟକ ଚାଉଳିଆଗଞ୍ଜର ଅପର୍ଣ୍ଣା ନଗରରେ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଜଣେ ବ୍ୟକ୍ତିଙ୍କ ଘରେ ସନ୍ଧ୍ୟା ଆଳତି ସମୟରେ ଅଚାନକ ନିଆଁ ଲାଗିଯାଇଥିଲା। ତେବେ ଏନେଇ ତୁରନ୍ତ ସ୍ଥାନୀୟ ଲୋକେ ଦମକଳ ବାହିନୀକୁ ଫୋନ୍ କରିଥିଲେ। ଦମକଳ ବାହିନୀ ମଧ୍ୟ ଅବିଳମ୍ବେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ନିୟନ୍ତ୍ରଣ କରିଥିଲା। ଖବର ପାଇ ପୂର୍ବତନ ବିଧାୟକ ଡକ୍ଟର ପ୍ରଭାତ ରଞ୍ଜନ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ।



# ତ୍ୱରାନ୍ୱିତ ହେବ ପିଏନ୍‌ଜି ସଂଯୋଗୀକରଣ




ଭୁବନେଶ୍ୱର,୨।୪(ସଂଚାର ବ୍ୟୁରୋ)ଃ ରାଜ୍ୟରେ ଏଲ୍‌ପିଜି ଓ ପେଟ୍ରୋଲିୟମ୍‌ଜାତ ଦ୍ରବ୍ୟର ସୁଗମ ଯୋଗାଣ ସୁନିଶ୍ଚିତ କରିବାକୁ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଭାଗୀୟ ଅଧିକାରୀ, ବିଭିନ୍ନ ତୈଳ ଓ ଗ୍ୟାସ୍ କମ୍ପାନୀର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

- ଅନିୟମିତତା ରୋକିବାକୁ ବାୟୋମେଟ୍ରିକ ବାଧ୍ୟତାମୂଳକ
- ବିଦ୍ୟାଳୟ, ଅଙ୍ଗନୱାଡି, ଆହାର କେନ୍ଦ୍ର ଓ ଡାକ୍ତରଖାନାକୁ ଅଗ୍ରାଧିକାର

ଖାଦ୍ୟଯୋଗଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କହିଛନ୍ତି ଯେ, ସାମ୍ପ୍ରତିକ ପରିସ୍ଥିତିରେ ଗ୍ୟାସ୍ କଳାବଜାରୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଗ୍ୟାସ ଯୋଗାଣ ଅନିୟମିତତା ରୋକିବାକୁ ଗ୍ରାହକଙ୍କ ନିମନ୍ତେ ବାୟୋମେଟ୍ରିକ (ଆଙ୍ଗୁଠି ଚିହ୍ନ ଓ ଆଇରିଶ ସ୍କାନ) ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ପିଏନ୍‌ଜି ସଂଯୋଗ ପାଇବେ, ସେମାନଙ୍କୁ ଏଲ୍‌ପିଜି ସଂଯୋଗୀକରଣରୁ ବାଦ୍ ଦେବାକୁ କଡ଼ାକଡ଼ି ଭାବେ ନିର୍ଦ୍ଦେଶ ଦିଆଯାଇଛି। ପିଏନ୍‌ଜି ଗ୍ୟାସ୍ ଯୋଗାଣ ନିମନ୍ତେ ପାଇପ୍ ଲାଇନ ସଂଯୋଗ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନ ହୁଏ ସେଥିପ୍ରତି ଧ୍ୟାନ ଦେବା ସହ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ଦିଗରେ ତୈଳ ଓ ଗ୍ୟାସ୍ କମ୍ପାନୀମାନଙ୍କୁ ସହଯୋଗ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି।

ବୈଠକରେ ନଗର ଉନ୍ନୟନ ମନ୍ତ୍ରୀ ଡଃ ମହାପାତ୍ର ପିଏନଜି ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି ଯେ ସହରାଞ୍ଚଳରେ ଏଲ୍‌ପିଜି ଉପରେ ନିର୍ଭରଶୀଳତା କମାଇବା ପାଇଁ ସମସ୍ତ ସରକାରୀ ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ତୁରନ୍ତ ପିଏନଜି ସଂଯୋଗ ନେବାକୁ ସଚେତନ କରାଯିବା ଉଚିତ। ଏଥିପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତୁରନ୍ତ ଅନୁମତି ପ୍ରଦାନ କରିବ। ଆଗାମୀ ରଥଯାତ୍ରାକୁ ନଜରରେ ରଖି ପୁରୀ ସହରରେ ପିଏନଜି ସଂଯୋଗ ପ୍ରାଧାନ୍ୟତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ସଚିବ ଏଜେନ୍ସିଗୁଡ଼ିକୁ ଡିଏସି (ଡେଲିଭରି ଅଥେଣ୍ଟିକେସନ କୋଡ୍) ବ୍ୟବସ୍ଥାକୁ ଶତପ୍ରତିଶତ କଡ଼ାକଡ଼ି କରିବା ଓ ବାୟୋମେଟ୍ରିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଗ୍ରାହକମାନେ ଘୋଷ୍ଟ ଡେଲିଭରିର ଶିକାର ହେବେନି। ସେହିପରି ପାଇପ ଲାଇନ ଯୋଗେ ସହରର ବିଭିନ୍ନ ଗୃହ, ଶିଳ୍ପାଞ୍ଚଳ ଓ ପ୍ରତିଷ୍ଠାନକୁ ବାଣିଜ୍ୟିକ ସିଟି ଗ୍ୟାସ୍ ବିତରଣ ବ୍ୟବସ୍ଥା ସୁଦୃଢ଼ କରିବାକୁ ସେ କହିଥିଲେ।

## ଚଢ଼ିଗଲା ଡମ୍ପର, ଅପରେଟର୍ ମୃତ



ଭୁବନେଶ୍ୱର,୨।୪(ସଂଚାର ବ୍ୟୁରୋ)ଃ ଡମ୍ପର ଅପରେଟରଙ୍କ ଉପରେ ଚଢ଼ିଗଲା ଡମ୍ପର। ସିସିଟିଭିରେ କଏଦ ହୋଇଛି ଏହି ଅଘଟଣର ଦୃଶ୍ୟ। ତାଳଚେର ହିଙ୍ଗୁଳା କୋଇଲା ଖଣିରେ ବାଇକରେ ଆସୁଥିବା ସମୟରେ ଏପରି ଅଘଟଣ ଘଟିଛି। ଫଳତଃ ଘଟଣାସ୍ଥଳରେ ଉକ୍ତ ଅପରେଟରଙ୍କର ମୃତ୍ୟୁ ଘଟିଛି। ମୃତ ଅପରେଟର୍ ଜଣଙ୍କ କୁସୁମପାଳ ଗାଁର ଶ୍ରୀନିବାସ ଦେହୁରୀ ବୋଲି ଜଣାପଡ଼ିଛି। ସେ ହିଙ୍ଗୁଳା କୋଇଲା ଖଣିରେ ଡମ୍ପର ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ମିଳିଥିବା ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ ଶ୍ରୀନିବାସ ନିଜର କାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ ହିଙ୍ଗୁଳା ଟାଇମ୍ ଅଫିସ ନିକଟରେ ଏକ ଡମ୍ପର ତାଙ୍କ ଉପରେ ଚଢ଼ିଯାଇଥିଲା। ତେବେ ଏନେଇ ଶ୍ରୀନିବାସଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ଦାବି ନେଇ ପରିବାର ଓ ଖଣି କର୍ମଚାରୀମାନେ ଖଣି ବନ୍ଦ ଆନ୍ଦୋଳନ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ତାଳଚେର ବିଧାୟକଙ୍କ ସହ ପୁଲିସ ଓ ଖଣି କର୍ତ୍ତୃପକ୍ଷ ପହଞ୍ଚି କ୍ଷତିପୂରଣ ଦେବା ସହ ପରିବାରର ଜଣଙ୍କୁ ନିଯୁକ୍ତି ଦେବା ସକାଶେ ଲିଖିତ ପ୍ରତିଶ୍ରୁତି ଦେବା ପରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ପର୍ଯ୍ୟଟକଙ୍କୁ ପିଟିଲେ ହୋଟେଲ ମାଲିକ, ଗରମ ଡାଲି ଢାଳିଦେଲେ କର୍ମଚାରୀ

ପୁରୀ,୨।୪ (ସଂଚାର ବ୍ୟୁରୋ)ଃ ପୁରୀରେ ଅସୁରକ୍ଷିତ ପର୍ଯ୍ୟଟକ। କୌଣସି କଥାରୁ ବଚସା ହେବା ପରେ ପ୍ରାୟ ୩ ଜଣ ପୁରୁଷ ଓ ୨ ମହିଳା ଯାତ୍ରୀଙ୍କୁ ପିଟିଛନ୍ତି ହୋଟେଲ ମାଲିକ ଏବଂ କର୍ମଚାରୀ। ଏପରିକି ସେମାନଙ୍କ ଉପରେ ଗରମ, ଭାତ, ଡାଲି, ତରକାରୀ ଅଜାଡ଼ି ଦେଇଥିଲେ। ଚେୟାର ଧରି ମହିଳା ଓ ପୁରୁଷ ଯାତ୍ରୀଙ୍କୁ ପିଟିଥିଲେ। ସିଟି ରୋଡ୍‌ର ବେଡି ହନୁମାନ ମନ୍ଦିର ନିକଟ ଏକ ହୋଟେଲରେ ଘଟିଛି ଏମିତି ଅଭାବନୀୟ ଘଟଣା। ସଦାସର୍ବଦା ଜନଗହଳି ଥିବା ଏହି ରାସ୍ତାରେ ଖବର ପାଇ ବି ପୁଲିସ ପହଞ୍ଚି ନଥିଲା। ସେପଟେ ଏନେଇ ଯାତ୍ରୀମାନେ ପ୍ରାଣ ବଞ୍ଚାଇ ସମୁଦ୍ରକୂଳ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ହେଲେ ପୁଲିସ କାର୍ଯ୍ୟାନୁଷ୍ଠାନ ନନେଇ ବରଂ ସେମାନଙ୍କୁ ଧମକାଇଥିଲା। ଫଳତଃ ପୁରୀ ବୁଲିବାକୁ ଆସିଥିବାରୁ ଅଜଣା ସ୍ଥାନରେ ସାହାଭରସା ନପାଇ ଯାତ୍ରୀମାନେ ପଶ୍ଚିମବଙ୍ଗ ଫେରିଯାଇଥିଲେ। ତେବେ ଏପରି ଏକ ଘଟଣାକୁ ପର୍ଯ୍ୟଟକ ମହଲରେ ନିନ୍ଦା କରାଯାଇଛି।

## ଗୋମାଂସ ଭର୍ତ୍ତି କଣ୍ଟେନର ଜବତ, ୨ ଗିରଫ



ତିଗିରିଆ, ୨।୪ (ସଂଚାର ବ୍ୟୁରୋ)ଃ ଗୋ-ମାଂସ ଚୋରା ଚାଲାଣ ରୋକିବାକୁ ତିଗିରିଆ ଗୋ-ରକ୍ଷକମାନଙ୍କୁ ବଡ଼ ସଫଳତା। ଗୁରୁବାର ସକାଳୁ ଗୋମାଂସ ଭର୍ତ୍ତି କଣ୍ଟେନର ଜବତ କରିଛନ୍ତି ଗୋ ରକ୍ଷକ। ସୂଚନା ମୁତାବକ ରବିବାର ବିଳମ୍ବିତ ରାତିରେ ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣୀମା ହନୁମାନ ମନ୍ଦିର ନିକଟରେ ରାସ୍ତାରୁ ଏହି କଣ୍ଟେନର ଜବତ ହୋଇଛି। ଏହା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ବିଶେଷ ସୂତ୍ରରୁ ଖବର ପାଇ ଗୋ ରକ୍ଷକମାନେ ବଡ଼ମ୍ବା ଅଞ୍ଚଳରୁ ଗାଡ଼ିକୁ ପିଛା କରି ବିନ୍ଧାଣୀମା ନିକଟରେ ଧରିଥିଲେ। ଏହା ସହ କଣ୍ଟେନର ଡ୍ରାଇଭର ଓ ହେଲପର ୨ ଜଣଙ୍କୁ ଗିରଫ କରିଛି ତିଗିରିଆ ପୁଲିସ। ଏହି ଗୋମାଂସ ସବୁ ନରସିଂହପୁର ଅଞ୍ଚଳରୁ ରାଜ୍ୟ ବାହାରକୁ କଲିକତା ଚାଲାଣ ହେଉଥିବା ଜଣାପଡ଼ିଛି। ତେବେ ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ରାସ୍ତା ରୋକ ହୋଇଥିବାରୁ ଯାତାୟତ ବାଧାପ୍ରାପ୍ତ ହେବା ସହ ବହୁ ଯାନବାହାନ ଅଟକି ରହିଛି। ଘଟଣାସ୍ଥଳରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱଜିତ୍ ମହାନ୍ତି ଓ ତିଗିରିଆ ଥାନା ଅଧିକାରୀ ପ୍ରିୟଦର୍ଶିନୀ ଈପ୍‌ସିତା ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଥିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି।

## ହୁତୁହୁତୁ ହୋଇ ଜଳିଗଲା ହାଇୱା



ଭଦ୍ରକ,୨।୪(ସଂଚାର ବ୍ୟୁରୋ)ଃ ହୁତୁହୁତୁ ହୋଇ ଜଳିଗଲା ହାଇୱା। ଅଳ୍ପକେ ବର୍ତ୍ତିଗଲେ ଟ୍ରକ ଚାଳକ ଓ ହେଲପର। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନସ୍ଥ ଗେଲ ପୁର ଛକ ନିକଟରେ ଏକ ହାଇୱାରେ ଲାଗିଲା ନିଆଁ। ହାଇୱାଟି ରାସ୍ତାରେ ଯାଉଥିବା ସମୟରେ ଅଚାନକ ସେଥିରେ ନିଆଁ ଲାଗିଯାଇଥିଲା। ତେବେ ତୁରନ୍ତ ହେଲପର ଓ ଡ୍ରାଇଭର ଟ୍ରକ୍‌ରୁ ଡେଇଁ ପଡ଼ିବା ଫଳରେ ଅଳ୍ପକେ ବଞ୍ଚିଯାଇଛନ୍ତି। କିନ୍ତୁ ହାଇୱାଟି ମାତ୍ର କେଇ ମିନିଟ୍ ଭିତରେ ହୁତୁହୁତୁ ହୋଇ ଜଳିଯାଇଥିଲା। ତେବେ ଏହି ହାଇୱାରେ କେମିତି ନିଆଁ ଲାଗିଲା, ସେନେଇ କିଛି ସ୍ପଷ୍ଟ ଜଣାପଡ଼ିନାହିଁ।

# ବିଦେଶରୁ ସମ୍ବଲପୁର କୋର୍ଟକୁ ବୋମା ଧମକ





**ଆଇପି ଆଡ୍ରେସ୍ ଭିତ୍ତିରେ ଚାଲିଛି ଅନୁସନ୍ଧାନ**

ସମ୍ବଲପୁର,୨।୪(ସଂଚାର ବ୍ୟୁରୋ)ଃ ପୁଣିଥରେ ସମ୍ବଲପୁର କୋର୍ଟକୁ ଆସିଛି ବୋମା ଧମକ। ସହରର ଗୁରୁତ୍ୱପୂର୍ଣ୍ଣ କୋର୍ଟ ପରିସରକୁ ବୋମା ବିସ୍ଫୋରଣରେ ଉଡ଼ାଇବା ଦେବା ସକାଶେ ଆସିଥିବା ଏହି ଧମକପୂର୍ଣ୍ଣ ଇ-ମେଲ ଜିଲ୍ଲା ପୁଲିସ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଏହା ପୂର୍ବରୁ ଗତ ଜାନୁଆରୀ ୮ ଓ ମାର୍ଚ୍ଚ ୧ରେ ମଧ୍ୟ କୋର୍ଟକୁ ଧମକପୂର୍ଣ୍ଣ ମେଲ୍ ଆସିଥିଲା। ଆଜି ବୋମା ଧମକ ଆସିବା ନେଇ ସ୍ଥାନୀୟ ପୁଲିସ୍ ଖବର ପାଇବା ପରେ ତତ୍ପରତା ପ୍ରକାଶ କରିଥିଲା। ପୁଲିସ ସୁରକ୍ଷା ବାହିନୀ, ଦମକଳ ବାହିନୀ ସହ ବୋମା ନିଷ୍କ୍ରିୟକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଜିଲ୍ଲା କୋର୍ଟ ପରିସର ସହ ସିଭିଲ କୋର୍ଟ ଆଦି ସମଗ୍ର ଅଞ୍ଚଳକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଛି। ତେବେ ତୃତୀୟ ଥର କୋର୍ଟକୁ ଆସିଥିବା ଧମକପୂର୍ଣ୍ଣ ଇମେଲ୍ ବିଦେଶରୁ ପଠାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। କାରଣ ସାଇବର୍ ସେଲ୍ ପକ୍ଷରୁ ଉକ୍ତ ଇମେଲ୍ ପଠାଯାଇଥିବା କମ୍ପ୍ୟୁଟର୍‌ର ଆଇପି ଆଡ୍ରେସ୍ ଚିହ୍ନଟ ହୋଇଛି ଓ ଏନେଇ ଅନୁସନ୍ଧାନ ଜାରି ରହିଛି ବୋଲି ଅତିରିକ୍ତ ଏସପି ଅଜୟ କୁମାର ମିଶ୍ର କହିଛନ୍ତି। ସେ କହିଛନ୍ତି ଯେ ତଦନ୍ତକାରୀ ଟିମ୍ ନେଦରଲ୍ୟାଣ୍ଡ୍‌ସ ଓ ଜର୍ମାନୀ ଭଳି ଦେଶରୁ ଆଇପି ଆଡ୍ରେସ ଚିହ୍ନଟ କରିଥିବା ବେଳେ ପ୍ରକୃତ ଅପରାଧୀଙ୍କ ପାଖରେ ପହଞ୍ଚିବା ସକାଶେ ଅନ୍ତର୍ଜାତୀୟ ନିୟମ ଅନୁସାରେ ପଦକ୍ଷେପ ନିଆଯାଉଛି। ସେହିପରି ବୋମା ଧମକ ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ସମ୍ବଲପୁର ପୁଲିସ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରଯାଇଛି। ପ୍ରତି ପ୍ରବେଶ ପଥରେ ସ୍କ୍ରିନିଂ କରାଯାଉଥିବା ବେଳେ ଡିଏଫଏମଡି ଏବଂ ଏଚଏଚଏମଡି ଭଳି ଅତ୍ୟାଧୁନିକ ଯନ୍ତ୍ର ସାହାଯ୍ୟରେ କଡ଼ା ଯାଞ୍ଚ କରାଯାଉଛି। ଏଥିସହିତ ସଶସ୍ତ୍ର ପୁଲିସ ବାହିନୀ ମଧ୍ୟ ମୁତୟନ ହୋଇଥିବା ଶ୍ରୀ ମିଶ୍ର କହିଛନ୍ତି।

ଅନ୍ୟପକ୍ଷରେ ବାର୍ ଆସୋସିଏସନର ସଭାପତି ବରିଷ୍ଠ ଆଇନଜୀବୀ ଡ.ପ୍ରମୋଦ ରଥ ପୁଲିସର କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିବା ସହ ଅଧିକ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଅପରାଧୀମାନେ ବାରମ୍ବାର ନିଜର ରଣନୀତି ବଦଳାଉଥିବାରୁ ପୁଲିସ ଏବେ ବୈଷୟିକ ଜ୍ଞାନକୌଶଳ ଓ ବିଶେଷଜ୍ଞଙ୍କ ସହାୟତାରେ ଏହି ରହସ୍ୟ ଉପରୁ ପରଦା ହଟାଇବାକୁ ଉଦ୍ୟମ କରିବା ଉଚିତ ବୋଲି ସେ କହିଛନ୍ତି।

**● ଚୌଦ୍ୱାର ଜେଲରୁ କଏଦୀ ଫେରାର ଘଟଣା**

# ଋଷିକେଶରୁ ଧରାପଡ଼ିଲା ରାଜା



କଟକ,୨।୪(ସଂଚାର ବ୍ୟୁରୋ)ଃଓଡ଼ିଶା ପୁଲିସକୁ ମିଳିଛି ବଡ଼ ସଫଳତା। ଚୌଦ୍ୱାର ସର୍କଲ ଜେଲ ଫେରାର କଏଦୀ ଦୁର୍ଦ୍ଧାନ୍ତ ଅପରାଧୀ ରାଜା ସାହାଣୀକୁ ଗିରଫ କରିବାରେ ସକ୍ଷମ ହୋଇଛି କମିଶନରେଟ୍ ପୁଲିସ୍‌ର ସ୍ପେଶାଲ୍ ସ୍କ୍ୱାଡ୍। ଉତ୍ତରାଖଣ୍ଡର ଋଷିକେଶ ଅଞ୍ଚଳରେ ଲୁଚିଥିବା ବେଳେ ରାଜାକୁ ଗିରଫ କରାଯାଇଛି। ଏବେ ତାକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣୁଛି ପୁଲିସ। ପୂର୍ବରୁ ବିହାରର ଦୁର୍ଦ୍ଧାନ୍ତ ଅପରାଧୀ ମଧୁକାନ୍ତ ରାଣାକୁ ଉତ୍ତର ପ୍ରଦେଶରୁ ଗିରଫ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଗତ ୨୦୨୪ ଜାନୁଆରୀ ୪ ତାରିଖରେ ଯାଜପୁର ଜିଲ୍ଲା ପାଣିକୋଇଲିସ୍ଥିତ ପଣ୍ଡା ଅଳଙ୍କାର ଦୋକାନରେ ଲୁଟପାଟ ପାଇଁ ଦୁଇ ଅଭିଯୁକ୍ତ ଦୁଇ ଜଣଙ୍କୁ ହତ୍ୟା କରିଥିଲେ। ସେତେବେଳେ ସାଧାରଣ ଲୋକେ ଅଭିଯୁକ୍ତ ମଧୁକାନ୍ତ ରାଣା ଓ ରାଜା ସାହାଣୀକୁ ଘଟଣାସ୍ଥଳରୁ ଧରି ପୁଲିସ ଜିମା ଦେଇଥିଲେ। ଅନ୍ୟ ଦୁଇ ଅଭିଯୁକ୍ତ ବିକାଶ ରାୟ ଓ ଅନ୍ୟ ଜଣେ ଅଭିଯୁକ୍ତ ରଞ୍ଜିତ ଚୌଧୁରୀକୁ ପୁଲିସ ପରବର୍ତ୍ତୀ ସମୟରେ ଗିରଫ କରି ଜେଲ ପଠାଇଥିଲା। ହେଲେ ଗତ ବର୍ଷ ଅକ୍ଟୋବର ୨ ତାରିଖରେ ଦୁର୍ଗାପୂଜା ଭସାଣି ସମୟରେ ମଧୁକାନ୍ତ ଓ ରାଜା ଜେଲ୍ ପାଚେରୀ ଡେଇଁ ଚମ୍ପଟ୍ ମାରିଥିଲେ। ଏହି ଘଟଣାରେ ଜେଲ୍‌ର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଲାଗିବା ସହ କର୍ତ୍ତୃପକ୍ଷଙ୍କୁ କଡ଼ା ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା।

**ସରିଲା ମାଟ୍ରିକ୍ ଖାତାଦେଖା**

# ମେ’ ଦ୍ୱିତୀୟ ସପ୍ତାହ ସୁଦ୍ଧା ଫଳାଫଳ




କଟକ,୨।୪(ସଂଚାର ବ୍ୟୁରୋ)ଃ ନିର୍ଭୁଲ ଓ ନିର୍ଦ୍ୱନ୍ଦ୍ୱରେ ଆଜି ମାଟ୍ରିକ୍ ଖାତା ଦେଖା ଶେଷ ହୋଇଛି। ଏଥିସହ ଆସନ୍ତା ମେ’ ଦ୍ୱିତୀୟ ସପ୍ତାହ ସୁଦ୍ଧା ଫଳାଫଳ ପ୍ରକାଶ ପାଇବ ବୋଲି ଆଜି ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପକ୍ଷରୁ କୁହାଯାଇଛି। ଖାତା ଦେଖା ପରେ ଏବେ ଫଳାଫଳ ପ୍ରକାଶ ପାଇଁ ଦ୍ୱିତୀୟ ପ୍ରକ୍ରିୟା ଆରମ୍ଭ ହେବ। ମାଟ୍ରିକ୍ ଫଳାଫଳ ଟାବୁଲେସନ୍ ମାସକ ମଧ୍ୟରେ ଶେଷ ହେବା ନେଇ ଲକ୍ଷ୍ୟ ରହିଛି। ସେହିପରି ମାଟ୍ରିକ୍ ଫଳ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀଙ୍କୁ ଅନଲାଇନ୍‌ରେ ମାଟ୍ରିକ୍ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଏଥିସହ ପେପର ଖରାପ ଥିଲେ ଛାତ୍ରଛାତ୍ରୀମାନେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇପାରିବେ ବୋଲି ଆଜି ବିଏସ୍‌ଇ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି। ଗତ ୧୯ରୁ ଏହି ମୂଲ୍ୟାୟନ ପ୍ରକ୍ରିୟା ରାଜ୍ୟର ୩୦ଟି ଜିଲ୍ଲାର ୫୦ଟି ମୂଲ୍ୟାୟନ କେନ୍ଦ୍ରରେ ଚାଲିଆସୁଛି। ମାଟ୍ରିକ୍ ପରୀକ୍ଷା ସହ ଆରମ୍ଭ ହୋଇଥିବା ଏସ୍‌ଓଏସି ଓ ମଧ୍ୟମା ଖାତା ଦେଖା ଇତିମଧ୍ୟରେ ଶେଷ ହୋଇସାରିଥିବା ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି। ଅନ୍ୟପକ୍ଷରେ ମାଟ୍ରିକ୍ ଖାତା ଦେଖା ଶେଷ ହୋଇଥିବା ଦୁଇଟି ଜିଲ୍ଲାରୁ ଉତ୍ତର ଖାତା ଗତକାଲି ପହଞ୍ଚିଥିବାର ଜଣାପଡ଼ିଛି। ମାଟ୍ରିକ୍ ସବଜେକ୍ଟିଭ୍ ପ୍ରଶ୍ନର ଉତ୍ତରଖାତା ମୂଲ୍ୟାୟନ ଲାଗି ରାଜ୍ୟରେ ୧୩ ହଜାରରୁ ଅଧିକ ଶିକ୍ଷକ ନିୟୋଜିତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ମାଟ୍ରିକ୍, ଏସ୍‌ଓଏସ୍‌ସି ଓ ମଧ୍ୟମା ପରୀକ୍ଷାରେ ଚଳିତ ବର୍ଷ ୫ ଲକ୍ଷ ୪୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ଅବତୀର୍ଣ୍ଣ ହୋଇଥିଲେ। ୧୦୦ ନମ୍ବର ବିଶିଷ୍ଟ ପରୀକ୍ଷାରୁ ୫୦ ନମ୍ବର ବିଶିଷ୍ଟ ଅବଜେକ୍ଟିଭ୍ ପ୍ରଶ୍ନର ଉତ୍ତର ଓଏମ୍‌ଆର ସିଟ୍‌ରେ ଥିବାରୁ ତାହା ମୂଲ୍ୟାୟନ ଶେଷ ହୋଇସାରିଛି। ସବ୍‌ଜେକ୍ଟିଭ୍ ଉତ୍ତର ଖାତାଗୁଡ଼ିକର ମୂଲ୍ୟାୟନ ଗତ ୧୯ରୁ ଆରମ୍ଭ ହୋଇଥିଲା। ମୂଲ୍ୟାୟନ ବ୍ୟବସ୍ଥାରେ ସ୍ୱଚ୍ଛତା ପାଇଁ ପ୍ରତିଦିନ ଶିକ୍ଷକମାନେ ଖାତା ଦେଖିସାରିବା ପରେ ବୋର୍ଡ ଦ୍ୱାରା ପ୍ରଦାନ କରାଯାଇଥିବା ଲିଙ୍କ୍‌ରେ ପରୀକ୍ଷାର୍ଥୀଙ୍କ ମାର୍କ ଅପଲୋଡ୍ କରିଛନ୍ତି।

## ଗ୍ରୀଷ୍ମ ପାଇଁ ବଢ଼ିଲା ସ୍ୱତନ୍ତ୍ର ଟ୍ରେନ୍ ସେବା




ଭୁବନେଶ୍ୱର, ୨।୪ (ସଂଚାର ବ୍ୟୁରୋ)ଃ ବଢ଼ିଲା ୬ଟି ସ୍ପେଶାଲ ଟ୍ରେନର୍ ଯାତ୍ରୀ ସେବା। ଗ୍ରୀଷ୍ମ ଋତୁରେ ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ କରିବା ଏବଂ ଯାତ୍ରା ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ପୂର୍ବତଟ ରେଳୱେ ସ୍ୱତନ୍ତ୍ର ଟ୍ରେନ୍‌ରେ ପରିଚାଳନାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ତେବେ ପୂର୍ବ ସମୟ, ରହଣି ସ୍ଥାନ ଏବଂ କୋଚ୍ ସରଞ୍ଜନା ଅପରିବର୍ତ୍ତିତ ରହିଛି। ଭୁବନେଶ୍ୱର- ଯଶବନ୍ତପୁର ସ୍ପେଶାଲ୍ ଆସନ୍ତା ୨୭ ଜୁନ୍ ଏବଂ ଯଶବନ୍ତପୁର- ଭୁବନେଶ୍ୱର ସ୍ପେଶାଲ୍ ୨୯ ଜୁନ୍ ପର୍ଯ୍ୟନ୍ତ ଗଡ଼ିବ। ସମ୍ବଲପୁର- ଇରୋଡ୍ ସ୍ପେଶାଲ୍ ୨୭ ମେ’ ଏବଂ ଇରୋଡ୍- ସମ୍ବଲପୁର ସ୍ପେଶାଲ୍ ୨୯ ମେ’ ବୃଦ୍ଧି କରାଯାଇଛି। ସେହିପରି ବିଶାଖାପାଟଣା- ଶାଲିମାର ସ୍ପେଶାଲ୍ ୩୦ ଜୁନ୍ ଏବଂ ଶାଲିମାର- ବିଶାଖାପାଟଣା ସ୍ପେଶାଲ୍ ମଧ୍ୟ ଜୁନ୍ ୩୦ ପର୍ଯ୍ୟନ୍ତ ଯାତ୍ରୀ ସେବା ଯୋଗାଇବ। ଏହି ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି ଯାତ୍ରୀମାନେ ନିଜ ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି।

## ଖୋର୍ଦ୍ଧାକୁ ପାନୀୟ ଜଳ ଓ ପୌର କାର୍ଯ୍ୟାଳୟ ଭେଟି



ଭୁବନେଶ୍ୱର, ୨।୪ (ସଂଚାର ବ୍ୟୁରୋ)ଃ ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ୨୨ଟି ୱାର୍ଡ ଓ ଆଖପାଖ ଅଞ୍ଚଳର ୯୪୫୦ଟି ଘରର ପାଖାପାଖି ୬୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଯଥାଶୀଘ୍ର ଆରମ୍ଭ ହେବାକୁ ଯାଉଛି ସରକାରଙ୍କ ୨୪ ଘଣ୍ଟିଆ ଡ୍ରିଙ୍କ ଫ୍ରମ ଟ୍ୟାପ ଯୋଜନା। ପାଣି ସମସ୍ୟାକୁ ନେଇ ଅଞ୍ଚଳବାସୀ, ବିଧାୟକ ଓ ସାଂସଦଙ୍କ ନିକଟରେ କରିଥିବା ଦୀର୍ଘ ଦିନର ଦାବି ପରେ, ଗୁରୁବାର ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଯାହା ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ କରିବ ବୋଲି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଆଶା ପ୍ରକାଶ କରିଛନ୍ତି।

ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅନ୍ତର୍ଗତ କାର୍ଯ୍ୟ ନିର୍ବାହୀ ସଂସ୍ଥା ‘ୱାଟକୋ’ ଅଧୀନରେ ପାଖାପାଖି ୨୮କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି ପ୍ରକଳ୍ପ ଆସନ୍ତା ବର୍ଷ ଶେଷ ହେବାକୁ ଥିବା ବେଳେ ପ୍ରକଳ୍ପ ଅଧୀନରେ ୩୧,୨୯୮ ମିଟର ପାଇପ୍ ବିଛାଯିବ। ଏହି ୨୪ ଘଣ୍ଟିଆ ଜଳ ଯୋଗାଣକୁ ଆହୁରି ସୁଚାରୁ ଓ ବାଧାବିହୀନ କରିବା ପାଇଁ ୪ଟି ଜେନେରେଟର ବ୍ୟବସ୍ଥା କରାଯାଇଛି।

# ଜୋରଦାର ହେଲା ପ୍ରଦୂଷଣ ଯାଞ୍ଚ



**ନିର୍ଦ୍ଦେଶ ମାନ, ନହେଲେ ଫାଇନ**

ଭୁବନେଶ୍ୱର, ୨।୪(ସଂଚାର ବ୍ୟୁରୋ)ଃ ରାଜ୍ୟରେ ୭୦ରୁ ୮୦ ପ୍ରତିଶତ ଗାଡ଼ିର ମାଲିକ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ହାସଲ କରିଛନ୍ତି। ତେବେ ଆଉ ୨୦ ପ୍ରତିଶତ ଅମାନିଆ ଏଯାଏଁ ନିଜ ଗାଡ଼ିର ପ୍ରଦୂଷଣ ଯାଞ୍ଚ କରିନାହାଁନ୍ତି। ସେହି ଅମାନିଆମାନଙ୍କୁ ସରକାରଙ୍କ ନିର୍ଦ୍ଦେଶକୁ ମାନି ସହଯୋଗ କରିବାକୁ ନିବେଦନ କରିଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ସେ କହିଛନ୍ତି ଯେ ଏଣିକି ପିୟୁସିସିର ଅବମାନନା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଡେଡ୍‌ଲାଇନ୍ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଦିଆଯାଇଥିଲା। ଏବେ ଅବଧି ସରିଲା, ତେଣୁ ନିୟମ ଉଲ୍ଲଙ୍ଘନକାରୀମାନଙ୍କ ବିରୋଧରେ ଏଣିକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଜିଠାରୁ ଏଥିସକାଶେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପରିବହନ ମନ୍ତ୍ରୀ ଶ୍ରୀ ଜେନାଙ୍କ ନିର୍ଦ୍ଦେଶରେ ସଡ଼କ ସୁରକ୍ଷାକୁ ନେଇ ଜାରି ରହିଥିବା ବିଶେଷ ଅଭିଯାନ ଅବଧିକୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଗତ ୨୧ ତାରିଖରୁ ଏହି ଅଭିଯାନ ଆରମ୍ଭ ହୋଇଥିଲା। ସଡ଼କ ଦୁର୍ଘଟଣା ସଂଖ୍ୟା ହ୍ରାସ କରିବା ଲକ୍ଷ୍ୟରେ ଚାଲିଥିବା ଏହି ଅଭିଯାନରେ ରାଜ୍ୟବ୍ୟାପୀ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏଥିସହ ଅମାନିଆ ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବା ସକାଶେ ଏନଫୋର୍ସମେଣ୍ଟ ଉପରେ ବି ଗୁରୁତ୍ୱ ଦିଆଯାଉଛି। ପୂର୍ବରୁ ଦିଆଯାଇଥିବା ସମୟସୀମା ଶେଷ ହୋଇଥିବାରୁ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ପୁନର୍ବାର ଯାଞ୍ଚ ଆରମ୍ଭ ହୋଇଛି। ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯାଉଛି।



ପରିବହନ ବିଭାଗ ଏହି ଜରିମାନା କମାଇବା ପାଇଁ ପ୍ରସ୍ତାବ ଦେଇଛି, କିନ୍ତୁ ବର୍ତ୍ତମାନ ପୁରୁଣା ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଚାଲିଛି। ପେଟ୍ରୋଲ ପମ୍ପଗୁଡ଼ିକରେ ପିୟୁସିସି ଦେଖାଇବା ପରେ ହିଁ ଗାଡ଼ିରେ ତେଲ ପକାଇବା ପାଇଁ ନିର୍ଦ୍ଦେଶ ରହିଛି। ପରିବହନ ବିଭାଗ ପକ୍ଷରୁ ମାଗଣାରେ ଗ୍ରୀନ୍ ଷ୍ଟିକର୍ ଦିଆଯାଉଛି, ଯାହା ଗାଡ଼ିର କାଚରେ ଲଗାଇବାକୁ ପରାମର୍ଶ ଦିଆଯାଇଛି।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

### ଓରାକଲ୍‌ରୁ ଆମାଜନ୍ ଯାଏ ସବୁଠି ଛଟେଇ

# ନିଯୁକ୍ତି ହରାଇଲେଣି ୧୨୦୦୦ ଭାରତୀୟ



ନୂଆଦିଲ୍ଲୀ , ୨।୪:ଆଇଟି କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ପେସାଦାରଙ୍କ ପାଇଁ ଏବେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସବୁଠୁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରରେ ପ୍ରାୟ ସମସ୍ତ ପ୍ରମୁଖ କମ୍ପାନୀ ଏଆଇ ଏବଂ କ୍ଲାଉଡ୍ ଭିତ୍ତିଭୂମି ପ୍ରତିଷ୍ଠା ଲାଗି ପର୍ଯ୍ୟାପ୍ତ ମାତ୍ରାରେ ପୁଞ୍ଜିନିବେଶକରି ସେହି ଅନୁଯାୟୀ କାର୍ଯ୍ୟ ଢାଞ୍ଚା ପ୍ରସ୍ତୁତି ଆରମ୍ଭ କରିଥିବାରୁ ବିଭିନ୍ନ କମ୍ପାନୀରୁ ବିପୁଳ ସଂଖ୍ୟାରେ କର୍ମଚାରୀ ଛଟେଇ ଆରମ୍ଭ ହୋଇଛି। ଏହି କ୍ରମରେ ଓରାକଲ୍‌ଠାରୁ ଆରମ୍ଭକରି ଆମାଜନ୍ ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ କର୍ମଚାରୀଙ୍କୁ ଚାକିରିରୁ ବିଦା ହେବାକୁ ପଡୁଛି। ଏହି ଧାରାର ପ୍ରଭାବ ଭାରତ ଉପରେ ମଧ ପଡ଼ିଛି। ଭାରତ ସମେତ ବିଶ୍ୱର ବିଭିନ୍ନ ଭାଗରେ ହଜାର ହଜାର ଆଇଟି ପେସାଦାର କାର୍ଯ୍ୟ କରୁଛନ୍ତି। କିନ୍ତୁ ବର୍ତ୍ତମାନ ଯେଭଳି ଛଟେଇ ଆରମ୍ଭ ହୋଇଛି ତଦ୍ୱାରା ଅଧିକାଂଶ ଭାରତୀୟ ନିଯୁକ୍ତି ହରାଇବା ଆଶଙ୍କା ବଢ଼ିବାରେ ଲାଗିଛି। ଅନ୍ତର୍ଜାତୀୟ ସ୍ତରର ଏକ ସ୍ୱତନ୍ତ୍ର ପ୍ଲାଟ୍‌ଫର୍ମ 'ଲେଅଫସ୍ ଡଟ୍ ଏଫ୍‌ଓ୍ୱାଇଆଇ' ରିପୋର୍ଟ ଅନୁସାରେ ଗତ ବର୍ଷଠାରୁ ଏଆଇ ପ୍ରଭାବରେ ବୈଷୟିକ ଏବଂ ଆଇଟି କ୍ଷେତ୍ରରେ ଛଟେଇ ଆରମ୍ଭ ହୋଇଥିଲା। କେବଳ ୨୦୨୫ରେ ବୈଶ୍ୱିକ ସ୍ତରରେ ୨୧୮ କମ୍ପାନୀରୁ ୧,୧୨,୭୩୨ କର୍ମଚାରୀ ଛଟେଇ ହୋଇଥିଲେ। ଏହି ଧାରାରେ ଚଳିତ ବର୍ଷ ମଧ ବିଭିନ୍ନ କମ୍ପାନୀ ସେମାନଙ୍କ କର୍ମଚାରୀ ସଂଖ୍ୟାରେ ବ୍ୟାପକ ହ୍ରାସ କରିଛନ୍ତି। ଆମେରିକାର ଅନ୍ୟତମ ପ୍ରମୁଖ ଆଇଟି ଉଦ୍ୟୋଗ ଓରାକଲ୍ କର୍ପୋରେଶନ ବିଶ୍ୱସ୍ତରରେ ୩୦ ହଜାର କର୍ମଚାରୀଙ୍କୁ ଛଟେଇ କରିଛି। କମ୍ପାନୀର ଆର୍ଥିକ ସ୍ଥିତି ଭଲ ରହିବା ସହ ଆୟ ଅଭିବୃଦ୍ଧି ଯଥେଷ୍ଟ ରହିଥିଲେ ମଧ କମ୍ପାନୀ ଉକ୍ତ ସଂଖ୍ୟାରେ କର୍ମଚାରୀଙ୍କୁ ବିଦା କରିଛି। ଏହି କ୍ରମରେ ସପ୍ତାହକ ମଧରେ ଭାରତରେ ଓରାକଲ୍‌ରେ କାର୍ଯ୍ୟ କରୁଥିବା ୨୫୦୦ ଆଇଟି ପେସାଦାର ନିଯୁକ୍ତି ହରାଇଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୨୦୦୦ ଭାରତୀୟ ଓରାକଲ୍‌ରୁ ବିଦା ହୋଇସାରିଲେଣି। ଛଟେଇ ହୋଇଥିବା କର୍ମଚାରୀମାନଙ୍କୁ କର୍ମାବସାନଜନିତ କ୍ଷତିପୂରଣ ଦେବାକୁ ମଧ ଓରାକଲ୍ ଘୋଷଣା କରିଛି। ବର୍ତ୍ତମାନ କମ୍ପାନୀ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଏବଂ ଡାଟା ସେଣ୍ଟର ସମେତ କ୍ଲାଉଡ୍ ଭିତ୍ତିଭୂମି ପ୍ରତିଷ୍ଠା ଦିଗରେ ଅଧିକ ନିବେଶ କରୁଥିବାରୁ ଆର୍ଥିକ ଚାପ ହ୍ରାସ କରିବା ପାଇଁ କର୍ମଚାରୀ ସଂଖ୍ୟା ହ୍ରାସ କରିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଏଆଇ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଓପନ୍ ଏଆଇ ଏବଂ ଓରାକଲ୍ ମଧରେ ଆଗାମୀ ୫ ବର୍ଷ ମଧରେ ୩୦୦ ବିଲିୟନ ଡଲାରର କାରବାର ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ କମ୍ପାନୀର କାରବାର ୨୨ ପ୍ରତିଶତ ଅଭିବୃଦ୍ଧିରେ ୧୭. ୨ ବିଲିୟନ ଡଲାର ରହିଥିଲେ ହେଁ ଋଣ ବୋଝ ବଢ଼ି ଚାଲିଥିବାରୁ ଓରାକଲ୍ ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚ କାଟ କରିବାକୁ ବାଧ ହୋଇଥିବା କୁହାଯାଇଛି।

## ଏୟାରଟେଲ୍ ଗ୍ରାହକଙ୍କୁ ବଡ଼ ଭେଟି




## ବେଶ୍ ଶସ୍ତାରେ ଦେଖନ୍ତୁ ଆଇପିଏଲ୍ ୨୦୨୬, ଲଞ୍ଚ୍ ହେଲା ୪୮ ଟଙ୍କିଆ ନୂଆ ପ୍ଲାନ୍

ନୂଆଦିଲ୍ଲୀ, ୧।୪: ଏବେ ସାରା ଦେଶରେ ଆଇପିଏଲ୍ ୨୦୨୬ର କ୍ରେଜ୍। କ୍ରିକେଟ୍ ପ୍ରେମୀମାନେ ଯେପରି ବିନା କୌଣସି ବାଧାରେ ମ୍ୟାଚ୍‌ର ଆନନ୍ଦ ନେଇପାରିବେ, ସେଥିପାଇଁ ଟେଲିକମ୍ କମ୍ପାନୀମାନଙ୍କ ମଧ୍ୟରେ ଏବେ 'ପ୍ଲାନ୍ ଓ୍ୱାର୍' ଆରମ୍ଭ ହୋଇଛି। ଏହି ରେସ୍‌ରେ ସମସ୍ତଙ୍କୁ ପଛରେ ପକାଇ ଏୟାରଟେଲ୍ ନିଜ ଗ୍ରାହକଙ୍କ ପାଇଁ ଅତି ଶସ୍ତା ଡାଟା ପ୍ଲାନ୍ ଲଞ୍ଚ୍ କରିଛି । ମାତ୍ର ୪୮ ଟଙ୍କାରେ କମ୍ପାନୀ ଏବେ ଡାଟା ସହିତ ଓଟିଟି ଓଟିଟି ବେନିଫିଟ୍ ପ୍ରଦାନ କରୁଛି । ଏୟାରଟେଲ୍‌ର ୪୮ ଟଙ୍କିଆ ପ୍ଲାନ୍‌ର ବିଶେଷତ୍ୱ: ଏୟାରଟେଲ୍ ପକ୍ଷରୁ ଅଣାଯାଇଥିବା ଏହି ନୂଆ ପ୍ଲାନ୍‌ଟି ମୁଖ୍ୟତଃ ଏକ 'ଡାଟା ଭାଉଚର' । ଏହାର ମୁଖ୍ୟ ଆକର୍ଷଣ ଗୁଡ଼ିକ ହେଲା: ଡାଟା: ଏଥିରେ ୟୁଜର୍ସଙ୍କୁ ୧ଜିବି ୪ଜି ଡାଟା ମିଳିବ । ଓଟିଟି ବେନିଫିଟ୍: ସବୁଠାରୁ ବଡ଼ କଥା ହେଉଛି, ଏହି ଅଳ୍ପ ଟଙ୍କାର ପ୍ଲାନ୍‌ରେ କମ୍ପାନୀ ଜିଓ ହଟ୍‌ଷ୍ଟାର୍‌ର ଏକ ମାସ ପାଇଁ ମୋବାଇଲ୍ ସବ୍‌ସ୍କ୍ରିପସନ୍ ସମ୍ପୂର୍ଣ୍ଣ ମାଗଣାରେ ଦେଉଛି । ଆଇପିଏଲ୍ ୨୦୨୬ ଦେଖିବା ପାଇଁ ୟୁଜର୍ସମାନେ ଯେପରି ଜିଓ ହଟ୍‌ଷ୍ଟାର୍‌ର ଆକ୍ସେସ୍ ପାଇପାରିବେ, ସେଥିପାଇଁ କମ୍ପାନୀ ଏହି ମାଷ୍ଟରଷ୍ଟ୍ରୋକ୍ ଖେଳିଛି । କେବଳ ୪୮ ଟଙ୍କା ନୁହେଁ, ଏୟାରଟେଲ୍ ପାଖରେ ଜିଓ ହଟ୍‌ଷ୍ଟାର୍‌ର ସୁବିଧା ଥିବା ଅନ୍ୟ କେତେକ ପ୍ଲାନ୍ ମଧ୍ୟ ରହିଛି। ସେଗୁଡ଼ିକ ହେଲା: ୧୯୫ ଟଙ୍କା, ୨୭୯ ଟଙ୍କା ଏବଂ ୩୬୧ ଟଙ୍କିଆ ପ୍ଲାନ୍: ଏହି ପ୍ଲାନ୍‌ଗୁଡ଼ିକରେ ଡାଟା ସହ ଓଟିଟି ସୁବିଧା ମିଳୁଛି। ନେଟ୍‌ଫ୍ଲିକ୍ସ ବେନିଫିଟ୍: ୨୭୯ ଟଙ୍କିଆ ପ୍ଲାନ୍‌ରେ ଗ୍ରାହକଙ୍କୁ ନେଟ୍‌ଫ୍ଲିକ୍ସ ଏବଂ ଜି୫ ର ସବ୍‌ସ୍କ୍ରିପସନ୍ ମଧ୍ୟ ମିଳୁଛି, ଯାହାର ବୈଧତା ଏକ ମାସ ରହିଛି ।



## ଏଆଇ କହିବ ଭବିଷ୍ୟତ



ନୂଆଦିଲ୍ଲୀ,୨।୩: ଆଜିକାଲି କୃତ୍ରିମ ବୁଦ୍ଧିମତା ବା ଏଆଇର ଦୁନିଆରେ ଜଣେ ୨୦ ବର୍ଷୀୟ ଚୀନ ଛାତ୍ରଙ୍କୁ ନେଇ ଜୋରଦାର ଚର୍ଚ୍ଚା ଚାଲିଛି । ଗୁଗଲ୍ ଏବଂ ମାଇକ୍ରୋସଫ୍ଟ ଭଳି ବଡ଼ ବଡ଼ କମ୍ପାନୀଗୁଡ଼ିକୁ ପଛରେ ପକାଇ ବେଜିଂ ୟୁନିଭରସିଟିର ଛାତ୍ର ଗୁଓ ହାଙ୍ଗଜିଆଙ୍ଗ ଏକ ଏପରି ଏଆଇ ଇଞ୍ଜିନ ତିଆରି କରିଛନ୍ତି, ଯାହା ଭବିଷ୍ୟତବାଣୀ କରିବାରେ ସକ୍ଷମ । ମାତ୍ର ୧୦ ଦିନ ମଧରେ ପ୍ରସ୍ତୁତ ହୋଇଥିବା ଏହି ସିଷ୍ଟମର ନାମ ରଖାଯାଇଛି କୌଣସି ସାଧାରଣ ଚାଟବୋଟ୍ ନୁହେଁ । ଏହା ସମାଜର ଏକ କୃତ୍ରିମ ମଡେଲ ପ୍ରସ୍ତୁତ କରି କାମ କରିଥାଏ । ଏହାର କିଛି ମୁଖ୍ୟ ବିଶେଷତ୍ୱ ହେଲା: ଏଆଇ ସୋସାଇଟି:ଏହା ପ୍ରାୟ ୧୦ ଲକ୍ଷ ଏଆଇ ଏଜେଣ୍ଟଙ୍କୁ ନେଇ ଏକ ଭର୍ଚୁଆଲ ସମାଜ ଗଠନ କରିପାରେ। ଆଚରଣ ଅନୁଧ୍ୟାନ:ଏହି ଏଜେଣ୍ଟମାନଙ୍କର ନିଜସ୍ୱ ବ୍ୟକ୍ତିତ୍ୱ ଏବଂ ସ୍ମୃତିଶକ୍ତି ରହିଥାଏ । ସମାଜରେ କୌଣସି ନୂଆ ନୀତି ବା ଖବର ଆସିଲେ ଲୋକେ କିପରି ପ୍ରତିକ୍ରିୟା ଦେବେ, ତାହା ଏହି ଏଆଇ ଏଜେଣ୍ଟମାନଙ୍କ ବ୍ୟବହାରରୁ ଜଣାପଡ଼ିଥାଏ । ଓଏଏସ୍‌ଆଇଏସ୍ ଇଞ୍ଜିନ: ଏହା ଏକ ଜଟିଳ ଟେକ୍ନୋଲୋଜି ଉପରେ ଆଧାରିତ, ଯାହା ବାସ୍ତବ ଦୁନିଆର ସ୍ଥିତିକୁ ପୂର୍ବାନୁମାନ କରିବାରେ ସାହାଯ୍ୟ କରେ । ୨୪ ଘଣ୍ଟା ମଧରେ ମିଳିଲା ୩୪ କୋଟିର ଫଣ୍ଡିଂ: ଗୁଓଙ୍କର ଏହି ଅଦ୍ଭୁତ କ୍ଷମତା ଦେଖି ଚୀନର ପୂର୍ବତନ ସବୁଠାରୁ ଧନୀ ବ୍ୟକ୍ତି ଚେନ୍ ତିଆନକିୟାଓ ମାତ୍ର ୨୪ ଘଣ୍ଟା ମଧରେ ତାଙ୍କୁ ୪.୧ ମିଲିୟନ ଡଲାର ଯାହା ଭାରତୀୟ ମୂଲ୍ୟରେ ପ୍ରାୟ ୩୪ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

ଏହି ଏଆଇ ତିଆରି କରିବା ପାଇଁ 'ଭାଇବ୍ କୋଡିଂ' ନାମକ ଏକ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରାଯାଇଛି । ଏହି ଏଆଇ ନିଜର ଶକ୍ତି ପ୍ରଦର୍ଶନ କରି ସାରିଛି । ଏକ ବିଶ୍ୱବିଦ୍ୟାଳୟ ବିବାଦ ସମୟରେ ଲୋକଙ୍କ ଆକ୍ରୋଶ କେତେବେଳେ ଏବଂ କିପରି ବଦଳିବ, ତାହାର ସଠିକ୍ ଆକଳନ କରିଥିଲା। ଶତାବ୍ଦୀ ପୂର୍ବରୁ ହଜିଯାଇଥିବା ପ୍ରସିଦ୍ଧ ଉପନ୍ୟାସ 'ଡ୍ରିମ୍ ଅଫ୍ ଦି ରେଡ୍ ଚାମ୍ବର'ର ଶେଷ ଭାଗକୁ ଏହା ନିଜେ ଲେଖି ଦେଇଛି । ବିଶେଷଜ୍ଞଙ୍କ ମତ ଅନୁସାରେ, ଯଦିଓ ଏହି ସିଷ୍ଟମ ଚଲାଇବା ପାଇଁ ଅଧିକ ଖର୍ଚ୍ଚ ହେଉଛି, ତଥାପି ଏହା ପ୍ରମାଣ କରିଛି ଯେ ଚୀନ୍ ହାତରେ ଏବେ "ଭବିଷ୍ୟତ କହିବାର ଯାଦୁକରୀ ସିଷ୍ଟମ୍" ଲାଗିଯାଇଛି ।

## ମିଳିବନି ପ୍ଲେନ ପେଟ୍ରୋଲ କେବଳ ମିଳିବ ଇ୨୦ ଫୁଏଲ




ନୂଆଦିଲ୍ଲୀ,୨।୪: ଦେଶରେ ଲାଗୁ ହୋଇଛି ନୂଆ ଇନ୍ଧନ ନିୟମ। ଏହ ଅନୁଯାୟୀ ଏଣିକି ଦେଶର ସବୁ ପଟ୍ରୋଲ ପମ୍ପରେ ସର୍ବନିମ୍ନ ୯୫ ଆର୍‌ଓଏନ୍ ଅକ୍ଟେନ ରେଟିଂ ଥିବା ଇ୨୦ ଇନ୍ଧନ ବିକ୍ରି ବାଧ୍ୟତାମୂଳକ ହୋଇଛି। ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଲାଗୁ ହୋଇଥିବା ଏହି ନିୟମର ଉଦ୍ଦେଶ୍ୟ ହେଉଛି, ସ୍ୱଚ୍ଛ ପରିବହନ, ଅଶୋଧିତ ତେଲ ଉପରେ ନିର୍ଭରତା କମାଇବା ଏବଂ ଶକ୍ତି ସୁରକ୍ଷାକୁ ମଜଭୁତ କରିବା। ଦେଶରେ ୯୫ ଆର୍‌ଓଏନ୍ ଇ୨୦ ଇନ୍ଧନ ନିୟମ ଲାଗୁ ଏହା ପୂର୍ବରୁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଦେଶର ବିଭିନ୍ନ ତେଲ କମ୍ପାନିଙ୍କୁ ଏନେଇ ଫେବ୍ରୁଆରୀ ୧୭ରେ ଏନେଇ ଏକ ବିଜ୍ଞପ୍ତି ଜାରି କରିଥିଲା। ଯେଉଁଥିରେ, ଏପ୍ରିଲ ୧ରୁ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶାଇ ବିକ୍ରି କରିବାକୁ ତେଲ କମ୍ପାନିଙ୍କୁ ବିକ୍ରି କରିବାକୁ କୁହାଯାଇଥିଲା। ଖାଲି ସେତିକି ନୁହେଁ ଏହା ସହ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ)ର ନିର୍ଦ୍ଦେଶ ପାଳନ କରିବାକୁ ହେବ। ଯେମିତି ଦେଶରେ ଇ୨୦ ତେଲର ଗୁଣବତ୍ତା ଗୋଟିଏ ପ୍ରକାର ରହିବ। ଅବଶ୍ୟ କେନ୍ଦ୍ର ସରକାର ଆବଶ୍ୟକତାସ୍ଥଳେ କିମ୍ବା ଅତି ଜରୁରୀ ପରିସ୍ଥିତିରେ କିଛି କ୍ଷେତ୍ର ପାଇଁ ଗୁଣବତ୍ତାରେ କୋହଳ ଅନୁମତି ଦେଇଛନ୍ତି। ପ୍ରକୃତରେ ଇ୨୦ର ମାନକ ବା ଗୁଣବତ୍ତା ହେଉଛି ୯୫ ଆଇଓଏନ୍ ଅକ୍ଟେନ। ୯୫ ଆର୍‌ଓଏନ୍‌ର ମାନକ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଇଞ୍ଜିନର ନକିଂ ପ୍ରତି ପ୍ରତିରୋଧକ କ୍ଷମତାକୁ ବଢ଼ାଇଥାଏ। ଅର୍ଥାତ ଇଞ୍ଜିନରେ ତେଲ ଠିକ୍ ଭାବରେ ଜଳିଥାଏ ଏବଂ ଅଯଥାରେ ତେଲ ନଷ୍ଟ ହୋଇନଥାଏ। ଆଉ ଗାଡ଼ିର ମାଇଲେଜ ମଧ ବଢ଼ିଥାଏ। ଭାରତରେ ପେଟ୍ରୋଲର ଅକ୍ଟେନ ରେଟିଂ ସାଧାରଣତଃ ୯୧ରୁ ୯୨ ଆରଓଏନ ପାଖାପାଖି ରହିଥାଏ। ଯେତେବେଳେକି ଇଥାନଲର ଅକ୍ଟେନ ରେଟିଂ ସ୍ୱାଭାବିକ ଭାବରେ ପ୍ରାୟ ୧୦୮ ଆରଓଏନ ରହିଥାଏ। ତେବେ ୨୦ ପ୍ରତିଶତ ଇଥାନଲ ମିଶାଇବା ଦ୍ୱାରା ଅକ୍ଟେନ ସ୍ତରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥାଏ। ତେଲ ଉଦ୍ୟୋଗର ଅନୁମାନ ଅନୁସାରେ, ଏହି ବୃଦ୍ଧି ପ୍ରାୟ ୬ ଆରଓଏନ ପର୍ଯ୍ୟନ୍ତ ରହିଥାଏ। ଏହାଦ୍ୱାରା ଇ୨୦ ପେଟ୍ରୋଲର ଅକ୍ଟେନ ସ୍ତର ପ୍ରାୟ ୯୭ରୁ ୯୮ ପର୍ଯ୍ୟନ୍ତ ପହଞ୍ଚିଯାଏ। ଏହି ଉଚ୍ଚ ଅକ୍ଟେନ ଯୋଗୁ ଇଞ୍ଜିନ ଠିକ ଭାବରେ କାର୍ଯ୍ୟ କରିଥାଏ। ଇଞ୍ଜିନରେ ତେଲର ଦହନକୁ ମଧ ସ୍ଥିର ରହିଥାଏ। ସେହିଭଳି ଏହି ତେଲ ଦ୍ୱାରା ଗାଡ଼ିର ପରଫରମାନ୍ସରେ ସୁଧାର ବ୍ୟତୀତ ଏହି ପଦକ୍ଷେପର ଆଉ ଏକ ବଡ଼ ଉଦ୍ଦେଶ୍ୟ ମଧ ରହିଛି। ଏହାଦ୍ୱାରା ଆମଦାନୀ ହେଉଥିବା ଅଶୋଧିତ ତେଲ ଉପରେ ନିର୍ଭରତା କମ୍ କରିବା, କାର୍ବନ ନିର୍ଗମନ କମ୍ କରିବା ଏବଂ ଦୀର୍ଘକାଳୀ ଶକ୍ତି ସୁରକ୍ଷାକୁ ମଜଭୁତ କରିବା। ଆହୁରି ମଧ ଇଥାନଲ ପ୍ରସ୍ତୁତ କରିବାକୁ ଆଖୁ, ମକା ଏବଂ ଅନ୍ୟ ଶସ୍ୟ ଭଳି ଫସଲର ଆବଶ୍ୟକତା ହୋଇଥାଏ। ତେଣୁ ଏହାଦ୍ୱାରା କୃଷି କଞ୍ଚାମାଲର ଚାହିଦା ବଢ଼ିବା ସହ ଚାଷୀଙ୍କ ଆୟରେ ବୃଦ୍ଧି ହେବା ନେଇ ମଧ ଅନୁମାନ ରହିଛି।

## ୪୫ ଟଙ୍କା ସଞ୍ଚୟରେ ମିଳିବ ୨୫ ଲକ୍ଷ




ନୂଆଦିଲ୍ଲୀ, ୨।୪: ଆଜିକାଲିର ଅନିଶ୍ଚିତତା ଭରା ଦୁନିଆରେ ନିଜ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଏକ ଭଲ ନିବେଶ ଯୋଜନା ଖୋଜିଥାନ୍ତି । ଯଦି ଆପଣ କମ୍ ଟଙ୍କା ଜମା କରି ଏକ ବଡ଼ ପାଣ୍ଠି ଗଠନ କରିବାକୁ ଚାହୁଁଛନ୍ତି, ତେବେ ଭାରତୀୟ ଜୀବନ ବୀମା ନିଗମ (LIC) ଆଣିଛି ଏକ ଦମଦାର୍ ପ୍ଲାନ୍ । LIC ର 'ନ୍ୟୁ ଜୀବନ ଆନନ୍ଦ' (ପ୍ଲାନ୍ ନମ୍ବର ୯୧୫) ଏବେ ସାଧାରଣ ନିବେଶକଙ୍କ ପାଇଁ ସବୁଠାରୁ ପସନ୍ଦର ଯୋଜନା ପାଲଟିଛି । ଅନେକ ଲୋକ ଭାବନ୍ତି ଯେ ଲକ୍ଷ ଲକ୍ଷ ଟଙ୍କାର ଫଣ୍ଡ୍ ପାଇଁ ବଡ଼ ଅଙ୍କର ନିବେଶ ଦରକାର, କିନ୍ତୁ 'ଜୀବନ ଆନନ୍ଦ' ଏହି ଧାରଣାକୁ ଭୁଲ୍ ପ୍ରମାଣିତ କରିଛି । ଯଦି ଜଣେ ୩୫ ବର୍ଷୀୟ ବ୍ୟକ୍ତି ୩୫ ବର୍ଷ ପାଇଁ ୫ ଲକ୍ଷ ଟଙ୍କାର ବୀମା (Sum Assured) ନିଅନ୍ତି, ତେବେ ତାଙ୍କୁ ବାର୍ଷିକ ପ୍ରାୟ ୧୬,୩୦୦ ଟଙ୍କା ପ୍ରିମିୟମ ଦେବାକୁ ପଡ଼ିବ । ଏହାକୁ ମାସିକ ହିସାବ କଲେ ପ୍ରାୟ ୧,୩୫୯ ଟଙ୍କା ଏବଂ ଦୈନିକ ହିସାବରେ ମାତ୍ର ୪୫ ଟଙ୍କା ପଡ଼ିବ । ସମଗ୍ର ଅବଧି ମଧ୍ୟରେ ଆପଣ ପ୍ରାୟ ୫.୭୦ ଲକ୍ଷ ଟଙ୍କା ଜମା କରିବେ, କିନ୍ତୁ ମ୍ୟାଚୁରିଟି ସମୟରେ ବୋନସ୍ ସହିତ ଆପଣଙ୍କୁ ପ୍ରାୟ ୨୫ ଲକ୍ଷ ଟଙ୍କା ମିଳିବ । ଏଥିରେ ମୂଳ ବୀମା ରାଶି ସହ ରିଭିଜନାରୀ ବୋନସ୍ ଏବଂ ଆଡିସନାଲ୍ ବୋନସ୍ ସାମିଲ ରହିଛି । ଏହି ପଲିସିର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି 'ହୋଲ୍ ଲାଇଫ୍ ରିସ୍କ କଭର' । ସାଧାରଣତଃ ଅନ୍ୟ ପଲିସିରେ ମ୍ୟାଚୁରିଟି ଟଙ୍କା ମିଳିବା ପରେ ବୀମା ଶେଷ ହୋଇଯାଏ, କିନ୍ତୁ ଜୀବନ ଆନନ୍ଦରେ ୨୫ ଲକ୍ଷ ଟଙ୍କା ପାଇବା ପରେ ମଧ୍ୟ ପଲିସିଧାରକଙ୍କୁ ସାରା ଜୀବନ ପାଇଁ ୫ ଲକ୍ଷ ଟଙ୍କାର ବୀମା କଭର ମାଗଣାରେ ମିଳିଥାଏ । ଅର୍ଥାତ୍, ଭବିଷ୍ୟତରେ ପଲିସିଧାରକଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାରକୁ ଅତିରିକ୍ତ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ।

## ୟାମାହା ଇସି ୦୬

ନୂଆଦିଲ୍ଲୀ, ୨।୪: ୟାମାହା କମ୍ପାନି ପକ୍ଷରୁ ବଜାରକୁ ଆସିଛି ନୂଆ ଇଲେକ୍ଟ୍ରିକ୍ ସ୍କୁଟର୍ ଇସି-୦୬। ଏହାର ପ୍ରାରମ୍ଭିକ ମୂଲ୍ୟ ରହିଛି ୧,୬୯,୧୦୦ ଟଙ୍କା (ଏକ୍ସ ସୋ'ରୁମ୍)। ଏହାର ୪ କିଲୋୱାଟ୍ ଲିଥିୟମ୍ ଆୟନ୍ ବ୍ୟାଟେରି କ୍ୟାପାସିଟି, ଆଇପିଏମ୍‌ଏସ୍‌ଏମ୍ ମୋଟର୍, ଇଣ୍ଡିଆନ୍ ଡ୍ରାଇଭିଂ ସାଇକେଲ୍‌ରେ ୧୬୯ କିଲୋମିଟର୍ ରେଞ୍ଜ ଓ ୭୯ କି.ମି. ପ୍ରତି ଘଣ୍ଟା ଟପ୍ ସ୍ପିଡ୍ ରହିଛି। ଏହାକୁ ୮ଘଣ୍ଟା ଚାର୍ଜ କଲେ ୦-୮୦% ଓ ୧୦ ଘଣ୍ଟାରେ ୦-୧୦୦% ଚାର୍ଜ ହେବ ଏବଂ ୪ କିଲୋମିଟର୍ ପ୍ରତି ଘଣ୍ଟା ବ୍ୟାଟେରି କ୍ୟାପାସିଟିରେ ଏହା ୧୬୯ କିଲୋମିଟର୍ ଯିବ। ଏହାର ଇକୋନୋମିକ୍, ଷ୍ଟାଣ୍ଡାର୍ଡ ଓ ପାୱାର୍ ପରି ୩ଟି ଡ୍ରାଇଭିଂ ମୋଡ୍ ରହିଛି। ଏଥିରେ ୨୪.୫ ଲିଟର୍ ଅଣ୍ଡର୍-ସିଟ୍ ଷ୍ଟୋରେଜ୍ ଓ ପର୍ଯ୍ୟାପ୍ତ ବୁଟ୍ ସ୍ପେସ୍ ପରି ବୈଶିଷ୍ଟ୍ୟ ରହିଛି। ଏହାର ୨୦୦ ଏମ୍‌ଏମ୍ ଫ୍ରଣ୍ଟ ଓ ବ୍ୟାକ୍ ଡିସ୍କ ବ୍ରେକ୍ ରହିଛି। ଏହାର ଆପ୍ ହେଉଛି ପ୍ରୋଟେକ୍ସନ୍ ରହିଛି। ଏହାର ଓଜନ ୧୩୨ କିଲୋଗ୍ରାମ୍। ଇସି-୦୬ କେବଳ ବ୍ଲୁଇସ୍ ହ୍ୱାଇଟ୍ ରଙ୍ଗରେ ଉପଲବ୍ଧ।



## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୧,୪୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୮,୮୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୧,୪୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୮,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୧,୪୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୮,୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୧,୫୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୮,୯୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୨,୧୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୯,୫୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୧,୪୨୦ ଓ ୧,୩୮,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର



ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିwwwwwwବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି ।

# ବସ୍ତିରୁ ବଲିଉଡ୍





ମୁମ୍ବାଇଃ ପ୍ରାୟତଃ କୁହାଯାଏ ଯେ ଯଦି ଆପଣଙ୍କ ପାଖରେ ପ୍ରତିଭା ଏବଂ ପରିଶ୍ରମ କରିବାର ଆଗ୍ରହ ଅଛି, ତେବେ ଆପଣଙ୍କୁ ଷ୍ଟାର ହେବାରୁ କେହି ବି ରୋକିପାରିବେ ନାହିଁ। ଶିଳ୍ପର ଅନେକ କଳାକାର ଏହାର ଜୀବନ୍ତ ଉଦାହରଣ ଦେଖାଇଛନ୍ତି। ବସ୍ତି ଏବଂ ଝୁମ୍ପୁଡ଼ିରେ ଛୋଟରୁ ବଡ ହୋଇଥିବା ଏହି ଅଭିନେତା ସେମାନଙ୍କ ପ୍ରତିଭା ବଳରେ ଆଜି ଫେମସ ହୋଇଛନ୍ତି । ଦାରିଦ୍ର୍ୟରୁ ବାହାରି ଆଜି ଏହି ତାରକାମାନେ ବିଳାସପୂର୍ଣ୍ଣ ଜୀବନଯାପନ କରନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି କମେଡିଆନ ଜନି ଲିଵର । ତାଙ୍କର ପିଲାଦିନ ବହୁତ କଷ୍ଟରେ ପରିପୂର୍ଣ୍ଣ ଥିଲା। ସେ ଏକ ତେଲୁଗୁ ଖ୍ରୀଷ୍ଟିଆନ ପରିବାରରେ ଜନ୍ମ ହୋଇଥିଲେ। ସେ ତାଙ୍କର ପିଲାଦିନ ଧରାବି ବସ୍ତିରେ ବିତାଇଥିଲେ। ଆର୍ଥିକ ଅଭାବ ଯୋଗୁଁ, ସେ ସପ୍ତମ ଶ୍ରେଣୀ ପରେ ତାଙ୍କର ଶିକ୍ଷା ଜାରି ରଖିପାରିଲେ ନାହିଁ। ଏପରି ସମୟରେ, ତାଙ୍କ ସ୍ୱପ୍ନ ପୂରଣ କରିବା ଅପେକ୍ଷା ବଞ୍ଚିବା ପ୍ରାଥମିକତା ପାଇଲା। ଯୁବାଅବସ୍ଥାରେ, ଜନି ତାଙ୍କ ପରିବାରକୁ ସପୋର୍ଟ କରିବା ପାଇଁ ତିନିରୁ ଚାରି ମାସ ପାଇଁ ମୁମ୍ବାଇର ରାଜ ରାସ୍ତାରେ କଲମ ବିକିଥିଲେ। ସେତେବେଳେ, ଜନି ମାତ୍ର ୧୫ କିମ୍ବା ୧୬ ବର୍ଷ ବୟସର ଥିଲେ। କଲମ ବିକ୍ରି କରିବା ସମୟରେ ସେ ଲୋକପ୍ରିୟ ସେଲିବ୍ରିଟିମାନଙ୍କର ମିମିକ୍ରି କରୁଥିଲେ। ଏହା କରିକି ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା। ଧୀରେ ଧୀରେ, ସେ ଜନସାଧାରଣଙ୍କ ସହିତ ଏକ ଦୃଢ଼ ସମ୍ପର୍କ ସ୍ଥାପନ କଲେ। କମେଡି ମାଧ୍ୟମରେ ଟଙ୍କା ରୋଜଗାର କରିବାର ତାଙ୍କର କୌଶଳ ଖୁବ୍ ଶୀଘ୍ର ତାଙ୍କୁ ଏକ ପରିଚୟ ଦେଲା। ପ୍ରାରମ୍ଭରେ, ସେ କଲମ ବିକ୍ରି କରି ୨୫-୩୦ ଟଙ୍କା ରୋଜଗାର କରୁଥିଲେ। ପରେ ତାଙ୍କ ଅଭିନୟରେ ସେଲିବ୍ରିଟି ମିମିକ୍ରି କରି ୨୫୦-୩୦୦ ଟଙ୍କାକୁ ବୃଦ୍ଧି କରିଲେ। ଚଳଚ୍ଚିତ୍ରରେ ପ୍ରବେଶ କରିବା ପୂର୍ବରୁ, ଜନି ଷ୍ଟେଜ ଶୋ ଏବଂ ଅର୍କେଷ୍ଟ୍ରାରେ କାମ କରିଥିଲେ। ତାଙ୍କ ମିମିକ୍ରି କରିବାର ଶୈଳୀ ଦର୍ଶକଙ୍କ ହୃଦୟ ଜିତିଥିଲା। ସଞ୍ଜୟ ଦତ୍ତ ତାଙ୍କ ପ୍ରତିଭାକୁ ଲକ୍ଷ୍ୟ କରିଥିଲେ ଏବଂ ତାଙ୍କୁ ଚଳଚ୍ଚିତ୍ରରେ କାମ କରିବାର ସୁଯୋଗ ଦେଇଥିଲେ। ଜନିଙ୍କୁ ୧୯୯୦ ଦଶକର ସବୁଠାରୁ ପ୍ରସିଦ୍ଧ ହାସ୍ୟା ଅଭିନେତାଙ୍କ ମଧ୍ୟରେ ଗଣନା କରାଯାଉଥିଲା। ତାଙ୍କର କମିକ ଟାଇମିଂ ନିଖୁଣ ଥିଲା। ମଲ୍ଟିଷ୍ଟାର ମୁଭିରେ ମଧ୍ୟ ସେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ। ସେ ଶିଳ୍ପର ଅନେକ ବଡ଼ ତାରକାଙ୍କ ସହିତ କାମ କରିଛନ୍ତି। ତାଙ୍କୁ ତୁମ୍ ପର ହମ୍ କୁର୍ବାନ୍ ଚଳଚ୍ଚିତ୍ରରେ ପ୍ରଥମ ଆକ୍ଟିଂରେ ବ୍ରେକ୍ ମିଳିଥିଲା। ଟେଲିଭିଜନରେ ସେ ଜବାନ୍ ସମ୍ଭାଲକେ ଶୋ' ମାଧ୍ୟମରେ ଡେବ୍ୟୁ କରିଥିଲେ। ଜନି-ତେଜାବ, କସମ, ଖତରନାକ, ଜଲୱା ସମେତ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ତାଙ୍କର କ୍ୟାରିୟରର ପ୍ରଥମ ସଫଳତା ଥିଲା ବାଜିଗର ଚଳଚ୍ଚିତ୍ର। ଏକ ସାକ୍ଷାତକାରରେ, ଜନି ପ୍ରକାଶ କରିଥିଲେ ଯେ ସେ ତାଙ୍କ ମଦ୍ୟପ ବାପାଙ୍କ ଦ୍ୱାରା ଏତେ ଦୁଃଖିତ ଥିଲେ ଯେ ୧୩ ବର୍ଷ ବୟସରେ ସେ ରେଳ ଟ୍ରାକରେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ। ହେଲେ ତାଙ୍କ ତିନି ସାନ ଭଉଣୀଙ୍କ କଥା ଭାବି ସେ ରେଳ ଟ୍ରାକରୁ ଓହ୍ଲାଇ ପଡ଼ିଲେ। ଜନି ଲିଭର ଯିଏ ଥରେ ରାସ୍ତାରେ କଲମ ବିକ୍ରି କରୁଥିଲେ। ଆଜି ମୁମ୍ବାଇର ଲୋଖଣ୍ଡୱାଲାରେ ଏକ ବିଳାସପୂର୍ଣ୍ଣ ଘରର ମାଲିକ। ସେ ତାଙ୍କ ପରିବାର ସହିତ ଏକ ଡୁପ୍ଲେକ୍ସ ଆପାର୍ଟମେଣ୍ଟରେ ରୁହନ୍ତି। ଏହା ତାଙ୍କ ନିଜ ରୋଜଗାରରେ କିଣିଥିବା ପ୍ରଥମ ଘର। ତାଙ୍କର ମୋଟ ସମ୍ପତ୍ତି ମୂଲ୍ୟ ୨୨୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଜନି ୧୯୧୦ ମସିହାରେ ଏହି ସି-ଫେସିଙ୍ଗ ଘର କିଣିଥିଲେ । ଏଥିରେ ତିନୋଟି ଶୟନ କକ୍ଷ ଏବଂ ଉଭୟ ମହଲାରେ ବିସ୍ତାରିତ ଏକ ବାସଗୃହ ରହିଛି। ପ୍ରଥମେ ୨୦ ଲକ୍ଷରେ ସେ ଉପର ମହଲା କିଣିଥିଲେ। ପରେ ତଳ ମହଲା ୪ କୋଟିରେ କିଣିଥିଲେ। କହିବାକୁ ଗଲେ ପୂର୍ବରୁ ସେ ଧରାବିର ଏକ ବସ୍ତିର ରହୁଥିଲେ ଆଉ ଆଜି ସେ ଲୋଖଣ୍ଡୱାଲାର ଏକ ଡୁପ୍ଲେକ୍ସରେ ରହୁଛନ୍ତି।

## ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ଯୋଗୁ ଶୁଟିଂ ବାତିଲ



ନୂଆଦିଲ୍ଲୀ,୨।୩: ଆଜିକାଲି କୃତ୍ରିମ ବୁଦ୍ଧିମତା ବା ଏଆଇର ଦୁନିଆରେ ଜଣେ ୨୦ ବର୍ଷୀୟ ଚୀନ ଛାତ୍ରଙ୍କୁ ନେଇ ଜୋରଦାର ଚର୍ଚ୍ଚା ଚାଲିଛି । ଗୁଗଲ୍ ଏବଂ ମାଇକ୍ରୋସଫ୍ଟ ଭଳି ବଡ଼ ବଡ଼ କମ୍ପାନୀଗୁଡ଼ିକୁ ପଛରେ ପକାଇ ବେଜିଂ ୟୁନିଭରସିଟିର ଛାତ୍ର ଗୁଓ ହାଙ୍ଗଜିଆଙ୍ଗ ଏକ ଏପରି ଏଆଇ ଇଞ୍ଜିନ ତିଆରି କରିଛନ୍ତି, ଯାହା ଭବିଷ୍ୟତବାଣୀ କରିବାରେ ସକ୍ଷମ । ମାତ୍ର ୧୦ ଦିନ ମଧ୍ୟରେ ପ୍ରସ୍ତୁତ ହୋଇଥିବା ଏହି ସିଷ୍ଟମର ନାମ ରଖାଯାଇଛି କୌଣସି ସାଧାରଣ ଚାଟବୋଟ୍ ନୁହେଁ । ଏହା ସମାଜର ଏକ କୃତ୍ରିମ ମଡେଲ ପ୍ରସ୍ତୁତ କରି କାମ କରିଥାଏ । ଏହାର କିଛି ମୁଖ୍ୟ ବିଶେଷତ୍ୱ ହେଲା: ଏଆଇ ସୋସାଇଟି:ଏହା ପ୍ରାୟ ୧୦ ଲକ୍ଷ ଏଆଇ ଏଜେଣ୍ଟଙ୍କୁ ନେଇ ଏକ ଭର୍ଚୁଆଲ ସମାଜ ଗଠନ କରିପାରେ। ଆଚରଣ ଅନୁଧ୍ୟାନ:ଏହି ଏଜେଣ୍ଟମାନଙ୍କର ନିଜସ୍ୱ ବ୍ୟକ୍ତିତ୍ୱ ଏବଂ ସ୍ମୃତିଶକ୍ତି ରହିଥାଏ। ସମାଜରେ କୌଣସି ନୂଆ ନୀତି ବା ଖବର ଆସିଲେ ଲୋକେ କିପରି ପ୍ରତିକ୍ରିୟା ଦେବେ, ତାହା ଏହି ଏଆଇ ଏଜେଣ୍ଟମାନଙ୍କ ବ୍ୟବହାରରୁ ଜଣାପଡ଼ିଥାଏ। ଓଏଏସ୍ଆଇଏସ୍ ଇଞ୍ଜିନ: ଏହା ଏକ ଜଟିଳ ଟେକ୍ନୋଲୋଜି ଉପରେ ଆଧାରିତ, ଯାହା ବାସ୍ତବ ଦୁନିଆର ସ୍ଥିତିକୁ ପୂର୍ବାନୁମାନ କରିବାରେ ସାହାଯ୍ୟ କରେ । ୨୪ ଘଣ୍ଟା ମଧ୍ୟରେ ମିଳିଲା ୩୪ କୋଟିର ଫଣ୍ଡିଂ: ଗୁଓଙ୍କର ଏହି ଅଦ୍ଭୁତ କ୍ଷମତା ଦେଖି ଚୀନର ପୂର୍ବତନ ସବୁଠାରୁ ଧନୀ ବ୍ୟକ୍ତି ଚେନ୍ ତିଆନକିୟାଓ ମାତ୍ର ୨୪ ଘଣ୍ଟା ମଧ୍ୟରେ ତାଙ୍କୁ ୪.୧ ମିଲିୟନ ଡଲାର ଯାହା ଭାରତୀୟ ମୂଲ୍ୟରେ ପ୍ରାୟ ୩୪ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏହି ଏଆଇ ତିଆରି କରିବା ପାଇଁ 'ଭାଇବ୍ କୋଡିଂ' ନାମକ ଏକ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରାଯାଇଛି । ଏହି ଏଆଇ ନିଜର ଶକ୍ତି ପ୍ରଦର୍ଶନ କରି ସାରିଛି। ଏକ ବିଶ୍ୱବିଦ୍ୟାଳୟ ବିବାଦ ସମୟରେ ଲୋକଙ୍କ ଆକ୍ରୋଶ କେତେବେଳେ ଏବଂ କିପରି ବଦଳିବ, ତାହାର ସଠିକ୍ ଆକଳନ କରିଥିଲା। ଶତାବ୍ଦୀ ପୂର୍ବରୁ ହଜିଯାଇଥିବା ପ୍ରସିଦ୍ଧ ଉପନ୍ୟାସ 'ଡ୍ରିମ୍ ଅଫ୍ ଦି ରେଡ୍ ଚାମ୍ବର'ର ଶେଷ ଭାଗକୁ ଏହା ନିଜେ ଲେଖି ଦେଇଛି । ବିଶେଷଜ୍ଞଙ୍କ ମତ ଅନୁସାରେ, ଯଦିଓ ଏହି ସିଷ୍ଟମ ଚଳାଇବା ପାଇଁ ଅଧିକ ଖର୍ଚ୍ଚ ହେଉଛି, ତଥାପି ଏହା ପ୍ରମାଣ କରିଛି ଯେ ଚୀନ୍ ହାତରେ ଏବେ "ଭବିଷ୍ୟତ କହିବାର ଯାଦୁକରୀ ସିଷ୍ଟମ୍" ଲାଗିଯାଇଛି ।

## ସ୍ୱର୍ଣ୍ଣ ମନ୍ଦିରରେ ବାସନ ଧୋଇଲେ ପ୍ରିୟଙ୍କା

ବଲିଉଡରୁ ହଲିଉଡ ପର୍ଯ୍ୟନ୍ତ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବେ ଭାରତ ଗସ୍ତରେ ଅଛନ୍ତି। ନିକଟରେ ସେ ଅମୃତସରର ପବିତ୍ର ସ୍ୱର୍ଣ୍ଣ ମନ୍ଦିର ପରିଦର୍ଶନ କରିବା ସହ ସେଠାରେ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ପ୍ରିୟଙ୍କା ଏକ ସାଧାରଣ ଗୋଲାପି ରଙ୍ଗର ସୁଟ ପିନ୍ଧି ଏବଂ ମୁଣ୍ଡରେ ଓଢ଼ଣି ଦେଇ ମନ୍ଦିର ପରିସରରେ ବାସନ ମାଜୁଥିବାର ଦେଖିବାକୁ ମିଳିଛି। ଶିଖ୍ ପରମ୍ପରାରେ 'ସେବା'ର ବିଶେଷ ଗୁରୁତ୍ୱ ରହିଛି, ଯେଉଁଠାରେ ପ୍ରତିଟି ବ୍ୟକ୍ତି ବିନା କୌଣସି ଭେଦଭାବରେ ଯୋଗଦାନ ଦିଅନ୍ତି। ପ୍ରିୟଙ୍କାଙ୍କର ଏହି ସାଧାରଣ ରୂପ ପ୍ରଶଂସକଙ୍କୁ ବେଶ ପସନ୍ଦ ଆସିଛି। ମହାବୀର ଜୟନ୍ତୀ ଅବସରରେ ସେ ଏହି ସେବା କରିଥିବାରୁ ଏହାର ଧାର୍ମିକ ଗୁରୁତ୍ୱ ଆହୁରି ବଢ଼ିଯାଇଛି। ପ୍ରିୟଙ୍କାଙ୍କର ଏହି ଗସ୍ତକୁ ତାଙ୍କର ଆଗାମୀ ବଡ଼ ପ୍ରୋଜେକ୍ଟ 'ବାରାଣସୀ'ସହ ଯୋଡ଼ି ଦେଖାଯାଉଛି। ରିପୋର୍ଟ ଅନୁସାରେ, ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ଏସ.ଏସ. ରାଜାମୌଳିସମ୍ଭାଳିଛନ୍ତି। ଏହି ଫିଲ୍ମରେ ପ୍ରିୟଙ୍କାଙ୍କ ସହ ସାଉଥ ସୁପରଷ୍ଟାର୍ ମହେଶ ବାବୁଏବଂ ପୃଥ୍ୱୀରାଜ ସୁକୁମାରନ ମଧ୍ୟ ନଜର ଆସିବେ। ପ୍ରିୟଙ୍କା ଏଥିରେ 'ମନ୍ଦାକିନୀ' ଚରିତ୍ରରେ ଅଭିନୟ କରୁଛନ୍ତି, ଯାହା ମାଧ୍ୟମରେ ସେ ଦୀର୍ଘ ସମୟ ପରେ ଭାରତୀୟ ସିନେମାକୁ ଫେରୁଛନ୍ତି। ଫିଲ୍ମ 'ବାରାଣସୀ'ର ଟିଜର୍ ଏବେ ଇଣ୍ଟରନେଟରେ ହଇଚଇ ସୃଷ୍ଟି କରିଛି। ଟିଜ୍‌ରରୁ ଜଣାପଡୁଛି ଯେ ଏହି କାହାଣୀ ଏକ ବଡ଼ ଧରଣର ବିପତ୍ତି ଉପରେ ଆଧାରିତ, ଯେଉଁଥିରେ 'ସାମ୍ଭବୀ' ନାମକ ଏକ ଗ୍ରହାଣୁ ପୃଥିବୀ ସହିତ ଧକ୍କା ହେବାର ଦୃଶ୍ୟ ରହିଛି। ଟିଜର୍ ଶେଷରେ ମହେଶ ବାବୁ ବଳଦ ଉପରେ ବସି ହାତରେ ତ୍ରିଶୂଳ ଧରିଥିବାର ଏକ ଦମଦାର ଲୁକ ଦେଖିବାକୁ ମିଳିଛି। ଏହି ମେଗା ବଜେଟ ଫିଲ୍ମ ୭ ଏପ୍ରିଲ ୨୦୨୭ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ।




## ଗୀତ ଗାଇ ପାରୁନାହାନ୍ତି ଅଲକା

ପ୍ରସିଦ୍ଧ ପ୍ଲେବ୍ୟାକ୍ ସିଙ୍ଗର ଅଲକା ୟାଗନିକ୍। ୨୦୨୪ ମସିହାରେ ଗାୟିକା ପ୍ରକାଶ କରିଥିଲେ ଯେ ସେ ଶ୍ରବଣ ଶକ୍ତିର ଏକ ବିରଳ ରୋଗରେ ପୀଡିତ । ଏବେ ଗାୟିକା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଏକ ନୂଆ ଅପଡେଟ୍ ସେୟାର କରି କହିଛନ୍ତି ଯେ ଏବେ ବି ସେ ଏହି ରୋଗରେ ପୀଡିତ ଅଛନ୍ତି। ତାଙ୍କର ରୋଗ ବିଷୟରେ ଜଣା ପଡିବା ପର ଠାରୁ ଅଲକା ପ୍ରାୟତଃ ଲୋକଙ୍କ ନଜରରୁ ଦୂରରେ ରହି ଆସିଛନ୍ତି। କିନ୍ତୁ ଚଳତି ବର୍ଷ ପଦ୍ମ ଭୂଷଣ ପୁରସ୍କାର ପାଇବା ପରେ ପୁଣି ଥରେ ସେ ଚର୍ଚ୍ଚାକୁ ଆସିଛନ୍ତି। ଏକ ସାକ୍ଷାତକାରରେ, ଅଲକା ତାଙ୍କ ଅସୁସ୍ଥତା ବିଷୟରେ କହିଛନ୍ତି ଯେ ସେ ଏବେ ବି ଏହା ସହିତ ସଂଘର୍ଷ କରୁଛନ୍ତି। ଯେଉଁଥିପାଇଁ ସେ ଆସାଇନମେଣ୍ଟ ନେଇ ପାରୁନାହାଁନ୍ତି। ଏହା ବ୍ୟତୀତ, ମେଲୋଡି କୁଇନ୍ ଭାରତର ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ ହେବା ପାଇଁ ତାଙ୍କର କୃତଜ୍ଞତା ପ୍ରକାଶ କରିଛନ୍ତି। ଏହାକୁ ନେଇ ଅଲକା କହିଛନ୍ତି, "ମୋ ଝିଅ ମୋତେ କହିଥିଲା।
ମୁଁ ଏହା ଶୁଣି ବହୁତ ଖୁସି ହେଲି। ଏହି ସମ୍ମାନ ପାଇଁ ମୋତେ ବାଛିଥିବାରୁ ମୁଁ ଭାରତ ସରକାରଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି।" ଯେତେବେଳେ ତାଙ୍କୁ ପଚରାଗଲା ଯେ ସେ ଏହି ସମ୍ମାନ ଆଶା କରିଥିଲେ କି, ଗାୟିକା ଶାନ୍ତ ଏବଂ ସରଳ ଭାବରେ ଉତ୍ତର ଦେଲେ, "ସତ କହିବାକୁ ଗଲେ, ନା। ଏହା ଯେତେବେଳେ ମିଳେ, ତାହା ସ୍ୱାଗତ ଯୋଗ୍ୟ।
ତେବେ ଅଲକା ପ୍ରଥମେ ୨୦୨୪ ମସିହାରେ ଏକ ଇନଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ତାଙ୍କର ଅସୁସ୍ଥତା ବିଷୟରେ ପ୍ରକାଶ କରିଥିଲେ। ଯେଉଁଥିରେ ସେ ଲେଖିଥିଲେ ଯେ ସେ ଏକ ବିରଳ ପ୍ରକାରର ରୋଗ 'ସେନ୍ସରୀ ନ୍ୟୁରାଲ ନର୍ଭ ହିୟରିଙ୍ଗ୍ ଲସ୍' ରେ ପୀଡିତ ଥିଲେ। ଯାହା ଏକ ଭାଇରାଲ୍ ସଂକ୍ରମଣ ଯୋଗୁଁ ହୋଇଥିଲା। ସେବେଠାରୁ ସେ କୌଣସି ନୂତନ ଗୀତ ପ୍ରୋଜେକ୍ଟ ଗ୍ରହଣ କରିନାହାଁନ୍ତି।



## 'କକ୍‌ଟେଲ୍-୨'ରେ ଭିନ୍ନ ଚରିତ୍ରରେ ନଜର ଆସିବେ କ୍ରିତି

ମୁମ୍ବାଇ : ଅଭିନେତ୍ରୀ କୃତିସାନନ୍ ଖୁବଶୀଘ୍ର ଫିଲ୍ମ'କକ୍ଟେଲ୍-୨'ରେ ନଜର ଆସିବେ। ଫିଲ୍ମରେ ତାଙ୍କ ସହ ମୁଖ୍ୟ ଭୂମିକାରେ ଅଛନ୍ତି ଶାହିଦକପୁର ଓ ରଶ୍ମିକା ମନ୍ଦାନା। କୃତି ତାଙ୍କର ଏହି ନୂଆ ଫିଲ୍ମକୁ ନେଇ ଖୁବ୍ ଏକ୍ସସାଇଟେଡ୍ ଆଛନ୍ତି। ଏକ ମନୋରଞ୍ଜନଧର୍ମୀ ଗଣମାଧ୍ୟମସହ ସାକ୍ଷାତକାରରେ କ୍ରିତି କହିଛନ୍ତି, 'କକଟେଲ୍-୨'ରେତାଙ୍କ ଚରିତ୍ର ତାଙ୍କ କ୍ୟାରିଅରର ସବୁଠୁ ହଟ୍ ଭୂମିକା । ଯାହାର ପୂରା ଶ୍ରେୟ ଦେଇଛନ୍ତି ନିର୍ଦ୍ଦେଶକ ହୋମୀ ଅଦଜାନିୟାଙ୍କୁ। ଅଭିନେତ୍ରୀ କହିଛନ୍ତି, ଏହି ଫିଲ୍ମରେ କୃତିଙ୍କ ଏମିତି ଲୁକ୍ସ ଦେଖିବାକୁ ମିଳିବ ଯାହାକୁ ହୁଏତ ପୂର୍ବରୁ ଦେଖି ନାହାନ୍ତି ଦର୍ଶକ। କୃତିଙ୍କ ନୂଆ ଲୁକ୍ କାହିଁକି ଖାସ୍ ? ଫିଲ୍ମରେ ତାଙ୍କ ଚରିତ୍ର ଖୁବ୍ ଭିନ୍ନ, ଯେଉଁଥିପାଇଁ ହୋମି ତାଙ୍କର ଲୁକ୍କାୟିତ 'କୁଲ୍' ବ୍ୟକ୍ତିତ୍ୱକୁ ବାହାରକୁ ଆଣିଛନ୍ତି । ଏ ବିଷୟରେ କ୍ରିତିଙ୍କର ଆଦୌ ଧାରଣାନ ଥିଲା । ଗଣମାଧ୍ୟମ ସହ କଥାବାର୍ତ୍ତା ସମୟରେ କ୍ରିତି କହିଛନ୍ତି, 'କକଟେଲ୍' ଓ 'କକଟେଲ୍-୨'ର କାହାଣୀ ମଧ୍ୟରେ ସାମଞ୍ଜସ୍ୟ ନାହିଁ । ମୂଳ ଫିଲ୍ମ ଭଳି ସିକ୍ୱେଲର ଭାଇବ୍ ସମାନ । କିନ୍ତୁ ସେ ଆଶା ରଖିଛନ୍ତି ତାଙ୍କ ଗ୍ଲାମରସ୍ ଓ ବିନ୍ଦାସ୍ ଅନ୍ଦାଜ ଦର୍ଶକଙ୍କୁ ପସନ୍ଦ୍ ଆସିବ। ଦୁଇଜଣ ଝିଅଓ ଜଣେ ପୁଅକୁ ନେଇ ଫିଲ୍ମର କାହାଣୀ । ଫିଲ୍ମରେ ଭାବପ୍ରବଣତା, ବନ୍ଧୁତା, ଡ୍ରାମା ଓ ମ୍ୟୁଜିକ୍ ସାଙ୍ଗକୁ ଚମତ୍କାର ସ୍ଥାନର ଝଲକ୍ ଦେଖିବାକୁ ମିଳିବ । ଆସନ୍ତା ଜୁନ୍ ୧୯ରେ ଫିଲ୍ମ ଥିଏଟରକୁ ଆସିବ । 'କକଟେଲ୍-୨'ରେ କୃତିଙ୍କ ଆକର୍ଷଣ ଲୁକ୍, ଦମଦାର ସ୍କ୍ରିନ୍ ପ୍ରେଜେନ୍ସ ଖୁବ୍ ଚର୍ଚ୍ଚା ସାଉଁଟୁଛି। ଯାହା ଚଳିତ ବର୍ଷର ବହୁ ପ୍ରତିକ୍ଷୀତ ଫିଲ୍ମ ଭିତରେ ସାମିଲ୍ ହୋଇଛି। କୃତିଙ୍କ ଲୁକ୍ ସାମ୍ନାକୁ ଆସିବା ପରେ ମଲ୍ଟି ଟ୍ୟାଲେଣ୍ଟେଡ୍ ଷ୍ଟାରଙ୍କ ପରଫର୍ମାନ୍ସ ଦେଖିବାକୁ ଅପେକ୍ଷା କରିଛନ୍ତି ଦର୍ଶକ।



## କାର୍ତ୍ତିକଙ୍କ ଫିଲ୍ମରେ ଧମାଲ କରିବେ ଅରିଜିତ୍



ମୁମ୍ବାଇ: ପ୍ରସିଦ୍ଧ ବଲିଉଡ୍ ଗାୟକ ଅରିଜିତ ସିଂହ ପ୍ଲେବ୍ୟାକ୍ ସିଙ୍ଗିଙ୍ଗରୁ ଅବସର ନେଇଛନ୍ତି। ଏହି ଖବର ତାଙ୍କ ଫ୍ୟାନ୍ସଙ୍କୁ ଝଟକା ଦେଇଥିଲା। କିନ୍ତୁ ଏବେ ଆସିଛି ଏକ ଖୁସି ଖବର, କାର୍ତ୍ତିକ ଆର୍ଯ୍ୟନଙ୍କ ଫିଲ୍ମରେ ଶୁଣିବାକୁ ମିଳିବ ଅରିଜିତଙ୍କ ରୋମାଣ୍ଟିକ ଟ୍ରାକ୍। ହେଲେ ଏଠି ଆପଣଙ୍କୁ ଦ୍ୱନ୍ଦ୍ୱରେ ନ ପକାଇ କହିଦେଉଛି ଯେ, ଇଏ ଅରିଜିତଙ୍କ ଅବସର ଘୋଷଣା ପୂର୍ବରୁ ରେକର୍ଡ ହୋଇଥିବା ଗୀତ। ଏହି ଗୋଟିଏ ଗୀତ ନୁହେଁ ଏମିତି ଅନେକ ଗୀତ, ଯାହା ତାଙ୍କ ଅବସର ଘୋଷଣା ପରେ ରିଲିଜ୍ ହେଉଛି ବା ହେବାକୁ ବାକି ଅଛି । ନିକଟରେ 'ଧୁରନ୍ଧର-୨'ରେ ଅରିଜିତ ସିଂହଙ୍କ ଗୀତ 'ଫିର୍ ସେ' ଏବଂ ଅକ୍ଷୟ କୁମାରଙ୍କ 'ଭୂତ ବଙ୍ଗଳା'ର 'ତୁ ହି ଦିସଦା' ରିଲିଜ୍ ହୋଇଥିଲା। ଉଭୟ ଟ୍ରାକରେ, ଅରିଜିତ ସିଂହଙ୍କ ସ୍ୱର ପୁଣି ଥରେ ଦର୍ଶକଙ୍କ ହୃଦୟ ଜିଣିଥିଲା। ଏବେ, କାର୍ତ୍ତିକ ଆର୍ଯ୍ୟନଙ୍କ ଅଭିନୀତ ଏକ ଫିଲ୍ମରେ ଅରିଜିତ ସିଂହଙ୍କ ସ୍ୱର ପୁଣି ଥରେ ଶୁଣିବାକୁ ମିଳିବ। ପ୍ରଯୋଜକ ଭୂଷଣ କୁମାର ନିଜେ ଏହି ଖବର ସେୟାର କରିଛନ୍ତି, ଯାହା ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହକୁ ଆହୁରି ବଢ଼ି ଯାଇଛି। କାର୍ତ୍ତିକ ଆର୍ଯ୍ୟନ ଏବଂ ଶ୍ରୀଲୀଲା ଖୁବଶୀଘ୍ର ଅନୁରାଗ ବାସୁଙ୍କ ନିର୍ଦ୍ଦେଶିତ ରୋମାଣ୍ଟିକ ମ୍ୟୁଜିକାଲ୍ ଫିଲ୍ମରେ ଏକାଠି ନଜର ଆସିବେ। ବର୍ତ୍ତମାନ, ଏହି ଚଳଚ୍ଚିତ୍ରଟି ଶ୍ରୀନଗରରେ ଶୁଟିଂ କରାଯାଉଛି। ପ୍ରଶଂସକମାନେ ଚଳଚ୍ଚିତ୍ର ସହିତ ଜଡିତ ପ୍ରତ୍ୟେକ ଅପଡେଟ୍ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ପ୍ରଯୋଜକ ଭୂଷଣ କୁମାର ଏବେ ଚଳଚ୍ଚିତ୍ରର ସଙ୍ଗୀତକୁ ନେଇ ଅପଡେଟ୍ ଦେଇଛନ୍ତି। ଏହି ପ୍ରୋଜେକ୍ଟରେ ପ୍ରୀତମ ଚମତ୍କାର ସଙ୍ଗୀତ ରଚନା କରିଛନ୍ତି। ସେ ଏହା ମଧ୍ୟ ନିଶ୍ଚିତ କରିଛନ୍ତି ଯେ ଚଳଚ୍ଚିତ୍ରରେ ଅରିଜିତ ସିଂହ ଗାଇଥିବା ଏକ ଗୀତ ମଧ୍ୟ ରହିବ। **ଭୂଷଣ କୁମାର କ'ଣ କହିଛନ୍ତି?** ନିକଟରେ ଏକ ସାକ୍ଷାତକାରରେ ଭୂଷଣ କୁମାର ସ୍ପଷ୍ଟ କରିଛନ୍ତି ଯେ କାର୍ତ୍ତିକ ଆର୍ଯ୍ୟନ ଏବଂ ଶ୍ରୀଲୀଲା ଅଭିନୀତ ଫିଲ୍ମର ନାଁ 'ଆଶିକି -୩' ନୁହେଁ। ଏହା ଏକ ଅନ୍-ଟାଇଟେଲ୍ଡ ଫିଲ୍ମ ଯାହା ବର୍ତ୍ତମାନ ଶ୍ରୀନଗରରେ ସୁଟିଂ କରାଯାଉଛି। ଅନୁରାଗ ବାସୁ ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଆଶା କରାଯାଇଛି, ଚଳିତ ବର୍ଷ ଫିଲ୍ମଟି ରିଲିଜ୍ କରାଯାଇପାରେ। ଫିଲ୍ମଟି 2026ରେ ରିଲିଜ୍ କରିବା ପାଇଁ ସମସ୍ତ ପ୍ରକାରର ପ୍ରୟାସ ଚାଲିଛି।

## ମୁମ୍ବାଇ ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଉତ୍କଳ ଦିବସ ପାଳନ




ବୈଶିଙ୍ଗା,୨।୪(ସଂଚାର ବ୍ୟୁରୋ)ଃ ମୋ ଓଡ଼ିଆ ସମାଜ, ମୀରା ଭାୟନ୍ଦର, ମୁମ୍ବାଇ ଦ୍ୱାରା ଗତ ତା ୧/୪/୨୦୨୬ ରେ ମୀରା ରୋଡ ଠାରେ ଉତ୍କଳ ଦିବସ ମହା ଆଡମ୍ବରରେ ଆୟୋଜନ କରା ଯାଇଥିଲା। ଉପସ୍ଥିତ ଅତିଥିମାନେ ଉତ୍କଳ ଦିବସ ପାଳନ ଅବସରରେ ଓଡ଼ିଶାର ଗତ ଗୌରବ ଓ ଇତିହାସ ବିଷୟରେ ଅବଗତ କରାଇଥିଲେ। ପିଲାମାନଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ପରିବେଷଣ କରା ଯାଇଥିଲା। ସନ୍ଧ୍ୟାର ଏହି ମନୋରମ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ସାଜସଜ୍ଜା ସହିତ ବିଶିଷ୍ଟ ସଙ୍ଗୀତଜ୍ଞ ମାନେ ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଓଡ଼ିଶାର ସୁସ୍ୱାଦୁ ବ୍ୟଞ୍ଜନ ସହିତ ରାତ୍ରୀ ଭୋଜନର ଆୟୋଜନ କରା ଯାଇଥିଲା। ସର୍ବ ଶେଷରେ ସଂସ୍ଥାର ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶାର ବିଭିନ୍ନ ପୁର ପଲ୍ଲୀ ରୁ ଯାଇ ସେଠାରେ ରୋଜଗାର କରିବା ସହିତ ଏକ ଓଡ଼ିଆ ସମାଜ ଗଠନ କରିଛନ୍ତି।

## ଜନଗଣନା କାର୍ଯ୍ୟକ୍ରମରେ ସାମିଲ ହେବାକୁ ଜିଲ୍ଲାପାଳଙ୍କ ଅପିଲ୍



ସୁବର୍ଣ୍ଣପୁର,୨।୪(ସଂଚାର ବ୍ୟୁରୋ)ଃ ଭାରତ ସରକାରଙ୍କ ଜନଗଣନା କାର୍ଯ୍ୟ କ୍ରମ ରେ ସାମିଲ ହେବାକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରାଜ ସାହୁ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି। ଯାହାକି ୱେବ୍ସାଇଟକୁ ଯାଇ ନିଜେ ପଞ୍ଜିକରଣ କରିପାରିବେ। ଏହା ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ବେଳେ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ୧୬ ତାରିଖରୁ ମେ' ମାସ ୧୫ ପର୍ଯ୍ୟନ୍ତ ଜନଗଣନା ଅଧିକାରୀମାନେ ଘରକୁ ଘର ଯାଇ ଜନଗଣନା କରିବେ। ଏଇ ଅଧିକାରୀ ମାନ ଙ୍କୁ ସଠିକ୍ ବିବରଣୀ ପ୍ରଦାନ କରିବେ। କାରଣ ଏହା ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନର ଭିତ୍ତିଭୂମି ଭାବରେ କାମ କରିବ। ତେଣୁ ଏହି ଜନଗଣନା କାର୍ଯ୍ୟକ୍ରମରେ ସାମିଲ ହୋଇ ସଫଳ କରିବାକୁ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି।

## ପ୍ରୀତି ସୁନା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ



ସୁବର୍ଣ୍ଣପୁର,୨।୪(ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁରର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବରେ ମୁଁ ସୁଶ୍ରୀ ପ୍ରୀତି ସୁନା, ଓଡିଶା ସୂଚନା ସେବା-୨, ୨୦୨୪-୨୫ ବ୍ୟାଚ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ଅର୍ଜୁନ ମାଝୀଙ୍କ ଠାରୁ ଭାର ୩୧.୦୩.୨୦୨୬ ଅପରାହ୍ନରେ ଗ୍ରହଣ କରିଛି। ମୁଁ ପ୍ରୀତି ସୁନା, ଓଡିଶା ସୂଚନା ସେବାରେ ଗତ ନଭେମ୍ବର ମାସ ୨୭ ତାରିଖରେ ସୁବର୍ଣ୍ଣପୁର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟାଳୟରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବରେ ଯୋଗ ଦେଇଥିଲି। ଏହା ପୂର୍ବରୁ ମୁଁ ଇଂରାଜୀ ଖବର କାଗଜ ଟାଇମସ ଅଫ ଇଣ୍ଡିଆ, ଭୁବନେଶ୍ୱର ସଂସ୍କରଣରେ ୨ ବର୍ଷ କାମ କରିଛି ଏବଂ ତା ପୂର୍ବରୁ ୩ ବର୍ଷ ପଶ୍ଚିମ ଓଡ଼ିଶାର ଏକ ୱେବ ଚ୍ୟାନେଲ 'ପହରା'ରେ ସମ୍ବଲପୁରର ରିପୋର୍ଟର ଥିଲି। ମୁଁ ୨୦୨୦ ମସିହାରେ ପଣ୍ଡିଚେରୀ ସେଣ୍ଟ୍ରାଲ ୟୁନିଭରସିଟିରୁ ସାମ୍ବାଦିକତା ଓ ଗଣଯୋଗାଯୋଗ ସ୍ନାତକୋତ୍ତର କରିଛି ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ବାଣିଜ୍ୟରେ ସ୍ନାତକ ପୁରା କରିଛି। ମୁଁ ସମ୍ବଲପୁରର ଝିଅ। ସୁବର୍ଣ୍ଣପୁରକୁ ଆସି ଏଠି ସରକାରୀ ଚାକିରୀ ଆରମ୍ଭ କରିବା ମୋ ପାଇଁ ଏକ ସୌଭାଗ୍ୟ। ସୋନପୁରବାସୀଙ୍କୁ ସଠିକ ସରକାରୀ ସୂଚନା ପହଞ୍ଚାଇବା ଏବଂ ସରକାରଙ୍କ ସମସ୍ତ ଯୋଜନା ବିଷୟରେ ଅବଗତ କରାଇବା ମୋର ମୂଳ ଲକ୍ଷ୍ୟ ହେବ।

## ବିଳମ୍ବିତ ରାତି ପର୍ଯ୍ୟନ୍ତ ରହି ବିଦ୍ୟୁତ ସେବା ଯୋଗାଇଲେ କନିଷ୍ଠ ଯନ୍ତ୍ରୀ ଓ ଟିମ୍



ଧାମନଗର,୨।୪(ସଂଚାର ବ୍ୟୁରୋ)ଃ ଧାମନଗର ବିଦ୍ୟୁତ ବିଭାଗ ଅଧୀନରେ ଥିବା ନହବରୀ ଓ ନୂଆପୋଖରୀ ଗ୍ରାମରେ କାଳବୈଶାଖୀ ଯୋଗୁଁ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇ ବିଦ୍ୟୁତ ସେବା ଛଅ ଦିନ ଧରି ବନ୍ଦ ରହିଥିଲା।ବନ୍ଦ ହେବା ପରେ ପ୍ରଥମେ ନୂଆପୋଖରୀ ଗ୍ରାମବାସୀ ଓ ସୋମବାର ଦିନ ନହବରୀ ଗ୍ରାମବାସୀଙ୍କ ସହିତ ଯୁବ ସାମ୍ବାଦିକ କାହ୍ନୁ ଚରଣ ଜେନା ବିଦ୍ୟୁତ ବିଭାଗର ଧାମନଗର ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଶ୍ୱାସତ କୁମାର ନନ୍ଦୀଙ୍କୁ ଭେଟି ଦୀର୍ଘ ଛଅ ଦିନ ହେବ ବିଦ୍ୟୁତ ନ ଥିବାରୁ ଦୁଇ ଗ୍ରାମର ପାଖାପାଖି ୨୦୦ ପରିବାର ଗରମରେ ବହୁ ଅସୁବିଧା ଭୋଗୁଛନ୍ତି।କେବେ ସୁଦ୍ଧା ବିଭାଗୀୟ ସମସ୍ୟା ସମାଧାନ ହୋଇ ବିଦ୍ୟୁତ ସେବା ପୁନଃ ମିଳିବ ବୋଲି ପ୍ରଶ୍ନ କରିଥିଲେ।କନିଷ୍ଠ ଯନ୍ତ୍ରୀ ଶ୍ୱାସତ କୁମାର ନନ୍ଦୀ ମଙ୍ଗଳବାର ଦିନ ସବୁ ସମସ୍ୟାର ସମାଧାନ କରି ବିଦ୍ୟୁତ ସେବା ପୁନଃ ଯୋଗାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।ମଙ୍ଗଳବାର ଦିନ ରାଧାବଲ୍ଲଭପୁର ସରପଞ୍ଚ ପ୍ରୀତମ କୁମାର ଦାସ, କନିଷ୍ଠ ଯନ୍ତ୍ରୀ ଶ୍ୱାସତ କୁମାର ନନ୍ଦୀ ଏବଂ ଲାଇନମେନ ପ୍ରତାପ ଦାସ, ସୁପରଭାଇଜର ଅରୁପ କୁମାର ମଲ୍ଲିକ, ସହଯୋଗୀ ଧନେଶ୍ୱର ଶଙ୍ଖୁଆ, ସୁଧାଂଶୁ ସାହୁ, ଦିଲ୍ଲୀପ କୁମାର ପାତ୍ର, ମନୋଜ କୁମାର ବେହେରା, ବିଜୟ କୁମାର ସେଠୀ, ତାପସ କୁମାର ଜେନା, ଇବ୍ରାଇମ ଖାନ, ନିର୍ମଳ ଜେନା, ଅମର କୁମାର ସାହୁ, ମନୋଜ, ଦତ୍ତ, ନେତୃତ୍ୱରେ ଏକ ବିଭାଗୀୟ ଟିମ୍ ଆସି ବ୍ୟାଘାତ ହୋଇଥିବା ବିଦ୍ୟୁତ ସମସ୍ୟାକୁ ଠିକ କରି ରାତି ପାଖାପାଖି ୧.୦୦ଟା ସମୟରେ ପୁନଶ୍ଚ ବିଦ୍ୟୁତ ସେବା ଯୋଗାଇଲେ, ସେଥିପାଇଁ ଉଭୟ ଗ୍ରାମବାସୀ ମାନେ ସମସ୍ତ ଉପସ୍ଥିତ ବିଭାଗୀୟ ଅଧିକାରୀ ଏବଂ କାର୍ଯ୍ୟକର୍ତ୍ତାଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଅର୍ପଣ କରିଛନ୍ତି।

## ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବେ ଝରଣା ଓ ଅର୍ଚ୍ଚିତା



ସୁବର୍ଣ୍ଣପୁର,୨।୪(ସଂଚାର ବ୍ୟୁରୋ)ଃ ଚଳିତ ମାର୍ଚ୍ଚ ୨୫ ଓ ୨୬ ତାରିଖ ରେ ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କନିଷ୍ଠ ବାଳିକା ବକ୍ସିଂ ପ୍ରତିଯୋଗିତା ରେ ସୁବର୍ଣ୍ଣପୁର ଜିଲ୍ଲା କ୍ରିଡ଼ା ସଂଘ ର ଝରଣା ନାଏକ ୧୭ ବର୍ଷ ରୁ କମ୍ ବାଳିକା ବର୍ଗ (୪୬କିଗ୍ରା)ରେ ପ୍ରଥମ ସ୍ଥାନ, ଓ ୧୯ ବର୍ଷ ରୁ କମ ବାଳିକା ବର୍ଗ (୪୮ କିଗ୍ରା) ରେ ଅର୍ଚ୍ଚିତା ପଧାନ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ସ୍ତର କୁ ଉନ୍ନୀତ ହୋଇଛନ୍ତି। ଆସନ୍ତା ଏପ୍ରିଲ ୪ ତାରିଖ ରେ ନାଗପୁର ରେ ହେବାକୁ ଥିବା ଜାତୀୟ ସ୍ତର ର ବକ୍ସିଂ ପ୍ରତିଯୋଗିତା ରେ ଝରଣା ଓ ଅର୍ଚ୍ଚିତା ଭାଗ ନେବେ ଓ ଏହାର ଶ୍ରେୟ କୋଚ୍ ରାକେଶ କୁମାର ମେଣ୍ଡଲି ଙ୍କୁ ଦିଆଯିବ ବୋଲି ସଂଘ ସଂପାଦକ ପୀୟୂଷ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଜିଲ୍ଲା କ୍ରୀଡା ସଂଘ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ରେ ପ୍ରତି ବର୍ଷ ସୋନପୁର ର ଅନେକ ଖେଳାଳି ଫୁଟବଲ, ସାଇକିଲିଂ, କବାଡି, ଏଥେଲେଟିକ୍ସ, ଖୋକୋ, ବକ୍ସିଂ, ଭଲିବଲ୍ ରେ ରାଜ୍ୟ ସ୍ତର ରୁ ମନୋନୀତ ହୋଇ ନେସନାଲ ଲେବେଲ କୁ ମନୋନୀତ ହୋଇ ଜିଲ୍ଲା ପାଇଁ ସଫଳତା ଆଣିଛନ୍ତି। ଜିଲ୍ଲା କ୍ରିଡ଼ା ସଂଘ ର ସଂପାଦକ ପୀୟୂଷ କୁମାର ପଣ୍ଡା, ଉପ ସଭାପତି ଚିତ୍ତ ରଞ୍ଜନ ତରାସିଆ, ସହକାରୀ ସଂପାଦକ ନନ୍ଦ କିଶୋର ତ୍ରିପାଠୀ, ଭଲିବଲ୍ ସଂପାଦକ ପୁରଶୋତ୍ତମ୍ ପାଣିଗ୍ରାହୀ, ଫୁଟବଲ ସଂପାଦକ ରାଜିବ ସାହୁ, , କଲିମ୍ ମହମ୍ମଦ, ଭକ୍ତି ରଞ୍ଜନ ଦଳେଇ, ସୁଦର୍ଶନ ପଣ୍ଡା, ବିକାଶ ପଣ୍ଡା, କମଳା କାନ୍ତ ସାହୁ, ଧମା କଲେଜ ପି ଇ ଟି ରାମ କୁମାର ସାହୁ ପ୍ରମୁଖ ଏ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ସକାଳୁଆ ସ୍କୁଲ ହୋଇଥିଲେ ବି ବିଳମ୍ବରେ ଆସୁଛନ୍ତି ଶିକ୍ଷୟିତ୍ରୀ

## କାରଣ ପଚାରିବାରୁ ଅଭିଭାବକଙ୍କୁ ଦୁର୍ବ୍ୟବହାର



ବୈଶିଙ୍ଗା,୨।୪(ସଂଚାର ବ୍ୟୁରୋ)ଃ ଅତ୍ୟଧିକ ଗରମ ଗୁଳ ଗୁଳି ପାଇଁ ସରକାର ଏପ୍ରିଲ ୨ ତାରିଖ ଠାରୁ ସକାଳୁଆ ସ୍କୁଲ ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ ମଧ୍ୟ କେତେକ ଶିକ୍ଷୟିତ୍ରୀ ୧୦ ଘଟିକା ପରେ ବିଦ୍ୟାଳୟ ଆସୁଥିବାର ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ସନ୍ତରା ପଞ୍ଚାୟତର ହୋତାପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ସ୍ମୃତିରେଖା ଗିରି ଗୁରୁବାର ୨ ତାରିଖ ଦିନ ୧୦.୪୦ ମିଃ ସମୟରେ ବିଦ୍ୟାଳୟରେ ପହଞ୍ଚିଥିଲେ। ଏହା ପୂର୍ବରୁ ସକାଳ ଠାରୁ କୁନି କୁନି ଛାତ୍ର/ଛାତ୍ରୀ ମାନେ ବିଦ୍ୟାଳୟ ଆଗରେ ଗଛ ମୂଳରେ ଖେଳୁଥିଲେ। ଅଭିଭାବକ ମାନେ ଏହା ଦେଖି ଶିକ୍ଷୟିତ୍ରୀ ଙ୍କୁ ବିଳମ୍ବର କାରଣ କଣ ବୋଲି ପଚାରିବାରୁ ସେ ଅଭଦ୍ର ଭାଷାରେ ଗାଳି ଗୁଲଜ କରିବା ସହିତ ' ମୋ ଇଚ୍ଛାରେ ମୁଁ ଯେତେ ବେଳେ ବି ଆସିପାରେ, ସକାଳୁଆ ସ୍କୁଲ୍ ହେବ ବୋଲି ମୋତେ ଚିଠି ହୋଇ ନାହିଁ ' ବୋଲି କହିଥିଲେ। ଖବର ପାଇ ସି ଆର ସି ସି ବିଶ୍ୱଜିତ୍ ଦେବରଞ୍ଜନ ଜେନା, ପରିଚାଳନା କମିଟୀ ର ସଭାପତି ଶିବନାରାୟଣ ମହାନ୍ତ, ପ୍ରଧାନ ଶିକ୍ଷକ ଠାକୁରା ହେମ୍ବ୍ରମ ପ୍ରମୁଖ ସଂପୃକ୍ତ ଶିକ୍ଷୟିତ୍ରୀଙ୍କୁ ବୁଝାଇଥିଲେ ମଧ୍ୟ ସେ ବୁଝିବାକୁ ନାରାଜ ଥିବା ସହିତ ନିଜ ଜିଦରେ ଅଟଳ ଥିଲେ। ଏଥିପାଇଁ ସି ଆର ସି ସି ଶ୍ରୀଯୁକ୍ତ ଜେନା ବେତନଟୀ ଗୋଷ୍ଠି ଶିକ୍ଷାଧିକାରୀ ଙ୍କୁ ଜଣାଇ ଦେଇଥିଲେ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବେତନଟୀ,୨।୪(ସଂଚାର ବ୍ୟୁରୋ)ଃ ବେତନଟୀ ବ୍ଲକ ଅଧୀନ ଦହିକୋଟୀ ପଞ୍ଚାୟତର ଖମାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ରାଜଶ୍ରୀ ପଣ୍ଡାଙ୍କୁ ମଙ୍ଗଳବାର ଅପରାହ୍ନରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ମହାନ୍ତ, ଅଙ୍ଗନୱାଡି ଦିଦି ରୁବି ପଣ୍ଡା, ପ୍ରଦୀପ ମହାନ୍ତ ଙ୍କ ସମେତ ବହୁ ପୁରୁଷ ଓ ମହିଳା ଗ୍ରାମବାସୀ ଯୋଗଦାନ କରିଥିଲେ। ଉକ୍ତ ବିଦ୍ୟାଳୟରେ ଶ୍ରୀମତୀ ପଣ୍ଡା ୧୮ ବର୍ଷରୁ ଊର୍ଦ୍ଧ୍ୱ ଉକ୍ତ ବିଦ୍ୟାଳୟରେ ଶିକ୍ଷକତା କରି ଗ୍ରାମବାସୀ ଓ ଛାତ୍ର ଛାତ୍ରୀ ମାନଙ୍କ ହୃଦୟକୁ ଜିଣିପାରିଥିଲେ। ପୂର୍ବରୁ ବିଭିନ୍ନ ବିଦ୍ୟାଳୟରେ ଯଥା ଶଖୁଆପଡା, ପାଣିଜିଆ ଓ ଦାରିହା ସାହିରେ ଶିକ୍ଷକତା କରି ବହୁ ଛାତ୍ର ଛାତ୍ରୀ ଙ୍କୁ ଭଲ ମଣିଷ କରି ଗଢ଼ିଥିବା ପ୍ରକାଶ କରିଥିଲେ।

## ପର୍ଶୁରାମ ଜନ୍ମୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ବଲାଙ୍ଗିର,୨।୪(ସଂଚାର ବ୍ୟୁରୋ)ଃ ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ଆସନ୍ତା ୧୯.୦୪.୨୦୨୬ ଦିନ ପର୍ଶୁରାମ ଜନ୍ମୋତ୍ସବ ଧୂମଧାମ ରେ ପାଳନ କରିବାକୁ ଏକ ପ୍ରସ୍ତୁତି ବୈଠକ ସଭାପତି ପ୍ରାଣ ବଲ୍ଲଭ ତ୍ରିପାଠୀଙ୍କ ନେତୃତ୍ୱରେ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବ ପାଳନ ପାଇଁ ଏ ବର୍ଷ ଯୁବ ନେତୃତ୍ୱ ହାତରେ ଅର୍ପଣ କରାଯାଇଥିଲା। ସେଇ ଅନୁସାରେ ପର୍ଶୁରାମ ଜନ୍ମୋତ୍ସବ ପାଳନ କମିଟିର ସଭାପତି ବିଧୁ ଭୂଷଣ ତ୍ରିପାଠୀ, ସମ୍ପାଦକ ସୁରେଶ ମିଶ୍ର ଓ କୋଷାଧକ୍ଷ ସୁବ୍ରତ ରଞ୍ଜନ ତ୍ରିପାଠୀଙ୍କୁ ସର୍ବ ସହମତି କ୍ରମେ ଅର୍ପଣ କରାଯାଇଅଛି। ଏହି କାର୍ଯ୍ୟକ୍ରମ ପରିଚାଳନା ପାଇଁ ଅନେକ କମିଟି ଗୁଡିକ ଗଠନ କରି ଯୁବବର୍ଗ ସହିତ ମାତୃଶକ୍ତିର ସଦସ୍ୟାଗଣଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଅଛି । ଚିରଞ୍ଜିବି ଭଗବାନ ପର୍ଶୁରାମ ସମସ୍ତଙ୍କର, ଏଣୁ ବଲାଙ୍ଗୀର ର ସମସ୍ତ ବର୍ଗଙ୍କୁ ସାମିଲ କରିବାପାଇଁ ବ୍ରାହ୍ମଣ ସମାଜ ଏକତାର ଉଦାରତା ପ୍ରଦର୍ଶନ କରି ସରକାରୀ ପ୍ରଶାସନ ସହିତ ସମସ୍ତ ସନାତନୀ ବର୍ଗଙ୍କୁ ସମ୍ପୃକ୍ତ କରିବାପାଇଁ ସହମତି ପ୍ରକାଶ ପାଇଥିଲା। ବଲାଙ୍ଗୀର ଓକିଲ ସଂଘର ନବନିର୍ବାଚିତ ସଭାପତି ବାସୁଦେବ ରଥ, ଉପସଭାପତି ଚିନ୍ମୟ ମିଶ୍ର, ସାଧାରଣ ସମ୍ପାଦକ ଅସିତ ସଡ଼ଙ୍ଗି, ସହ ସମ୍ପାଦିକା ସୁଜାତାରାଣି ମିଶ୍ର ଓ କୋଷାଧକ୍ଷ ଶିବଦତ୍ତ ଦ୍ୱିବେଦୀ ଙ୍କୁ ଜିଲ୍ଲା ବ୍ରାହ୍ମଣ ମହାସଭା ଦ୍ୱାରା ପୁଷ୍ପମାଲ୍ୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

## ଏଆଇଟିୟୁସି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ




ବଲାଙ୍ଗିର,୨।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ଆହ୍ୱାନ ରେ ଶ୍ରମିକ ବିରୋଧୀ ଶ୍ରମ କୋଡ ପ୍ରତ୍ୟାହାର ଦାବିରେ ଦେଶ ବ୍ୟାପି ପ୍ରତିବାଦ ଦିବସ ଅବସରରେ ବଲାଙ୍ଗିର ଏଆଇଟିୟୁସି ପକ୍ଷରୁ ଜିଲ୍ଲା ସଭାପତି ତୀର୍ଥ ପଧାନଙ୍କ ନେତୃତ୍ୱରେ ଉଭୟ ମହିଳା ଓ ପୁରୁଷ ଶ୍ରମିକମାନଙ୍କ ଏକ ଶୋଭାଯାତ୍ରା ସ୍ଥାନୀୟ କୋଶଳ କଳା ମଣ୍ଡପ ପଡ଼ିଆ ଗେଟରୁ ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମିକ ନେତାମାନେ ମୋଦି ସରକାରଙ୍କ ଶ୍ରମିକ ମାରଣା ନୀତି ବିରୁଦ୍ଧରେ କଡା ସମାଲୋଚନା କରି ତୁରନ୍ତ ଶ୍ରମିକ ବିରୋଧୀ ୪ଟି କଳା ଶ୍ରମ କୋଡ ପ୍ରତ୍ୟାହାର କରି ୪୪ଟି ଶ୍ରମ ଆଇନ ପ୍ରଣୟନ କରିବାକୁ ମତବ୍ୟକ୍ତ କରିଥିଲେ। ମୋଦି ସରକାର କେବଳ ପୁଞ୍ଜିପତିମାନଙ୍କ ସ୍ୱାର୍ଥ କୁ ଆଖି ଆଗରେ ରଖି ଦେଶର ଅଗଣିତ ଶ୍ରମଜିବୀମାନଙ୍କ ହକ୍ ଓ ଅଧିକାର ଗୁଡ଼ିକୁ ଛଡେଇ ନେଇ ସେମାନଙ୍କ ଭବିଷ୍ୟତ କୁ ଅନ୍ଧକାର କୁ ଠେଲି ଚାଲିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଶ୍ରମିକ ବିରୋଧୀ ୪ଟି କଳା ଶ୍ରମ କୋଡ କେନ୍ଦ୍ର ସରକାର ଶିଘ୍ର ପ୍ରତ୍ୟାହାର କରି ୪୪ଟି କଷ୍ଟଲବ୍ଧ ଶ୍ରମ ଆଇନ ପୁଣି ଲାଗୁ କରିବା ପାଇଁ ପାଇଁ ଭାରତ ର ମହାମହିମ ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ମେମୋରେଣ୍ଡମ ପ୍ରଦାନ କରିଥିଲେ। ଏଥିରେ ଜଗବନ୍ଧୁ ବେହେରା, ପୁରୁଷୋତ୍ତମ କର୍ମୀ, ମାଧବୀ କଲତା, ପାଣ୍ଡବ ଭୋଇ, ଓମୀ ଗୁପ୍ତା, କମଲ ଲୋଚନ ଭୋଇ, ନମିତା ପଟେଲ, ପଙ୍କଜିନୀ ବାଗ, ରସିକ ରଣା, କ୍ଷେତ୍ରମୋହନ ସାହୁ, ବାସନ୍ତୀ ରଣା ପ୍ରମୁଖ ଯୋଗ ଦେଇ ମତବ୍ୟକ୍ତ କରିଥିଲେ।

● ହସ୍ତତନ୍ତ ପରିଧାନ ଦିବସ ପାଳିତ

## 'ହସ୍ତତନ୍ତ ପରିଧାନ - ଶ୍ରମକୁ ସମ୍ମାନ'

ବଲାଙ୍ଗିର,୨।୪(ସଂଚାର ବ୍ୟୁରୋ)ଃ ସମ୍ବାଦ ସାହିତ୍ୟ ଘର ଗୁଡଭେଲା ଆନୁକୂଲ୍ୟରେ ସଭାପତି ଡ. ଶ୍ୟାମସୁନ୍ଦର ପ୍ରଧାନଙ୍କ ନେତୃତ୍ୱରେ ତୁଷୁରା ଶ୍ରୀରାମ ବାଟିକା ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଯୁବ ବ୍ୟବସାୟୀ ଗାୟତ୍ରୀ ଟ୍ରେଡର୍ସର ମାଲିକ ବିଭୋର କେଡିଆ ଯୋଗଦେଇ ସମ୍ବାଦ ସାହିତ୍ୟ ଘରର ଅଭିନବ ପ୍ରୟାସକୁ ଭୁରି ଭୁରି ପ୍ରଶଂସା କରିଥିଲେ। ସମ୍ପାଦକ ଆଶୁକବି ଡ. ହେମନ୍ତ କୁମାର ଦାଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରି 'ହସ୍ତତନ୍ତ ପରିଧାନ - ଶ୍ରମକୁ ସମ୍ମାନ' ବୋଲି କହିଥିଲେ। ଏହା ଦ୍ୱାରା ଆତ୍ମ ନିର୍ଭର ଭାରତ ନିର୍ମାଣ ହୋଇପାରିବ ବୋଲି ମଧ୍ୟ ଡ. ଦାଶ ମତ ପୋଷଣ କରିଥିଲେ। ଏଥିରେ କବୟିତ୍ରୀ ବବିତା ନାୟକ, କବି ସନ୍ତୋଷ କୁମାର ବେହେରା, ଦେବାଶିଷ ମହାପାତ୍ର, ସୁବଳ ସାହୁ, ପ୍ରହଲ୍ଲାଦ ଦଣ୍ଡସେନା, ହରି ଶଙ୍କର ବାଗ ପ୍ରମୁଖ ହସ୍ତତନ୍ତ ପରିଧାନ କରି ଯୋଗ ଦେଇଥିଲେ।

## ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ ପାଳିତ



ସୁବର୍ଣ୍ଣପୁର,୨।୪(ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ପୋଲିସ ପଡ଼ିଆ ଠାରେ ୯୧ ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଏସପି ଶ୍ରୀ ନାରାୟଣ ନାଏକ ଯୋଗ ଦେଇ ବରପୁତ୍ର ଙ୍କୁ ଅମର ସହିଦ ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ପୋଲିସ ର ଦାୟିତ୍ୱ ବହୁମୁଖୀ ବୋଲି କହିଥିଲେ। ଦେଶ ର ବିରୋଧୀ ଅସାମାଜିକ ବ୍ୟକ୍ତି କୁ ନିରୋଧ ବଟିକା କୁ ଆଜିର ଦିନରେ ଦୃଢ଼ ସଂକଳ୍ପ ନେବା କୁ କହିଥିଲେ। ଏସ ପି ଶ୍ରୀ ନାୟକ ମହା ମହିମ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଙ୍କ ବାର୍ତ୍ତା ପଠନ କରିଥିଲେ। ଓ ସରକାର ଙ୍କ ସମସ୍ତ ବ୍ୟବସ୍ଥା ରେ ସୁରକ୍ଷିତ ଓ ଅପରାଧ ମୁକ୍ତ ଓଡିଶା ଗଠନ ରେ ସହାୟକ ବୋଲି ମତ ପ୍ରକାଶ କରିଥିଲେ। ନିମନ୍ତ୍ରିତ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼.ନୃପ ରାଜ ସାହୁ, ଏଡିସନାଲ ଡାଇରେକ୍ଟର ଅଫ ପ୍ରସିକୁଟର ଶ୍ରୀ ହିମାଂଶୁ ପଣ୍ଡା, ପି. ପି. ମଧୁମିତା ଅମାତ୍ୟ, ଅତିରିକ୍ତ ଏସପି କେ କେ ହରି ପ୍ରସାଦ, ପ୍ରତାପ କୁମାର ରଣା, ଡି ଏସ ପି ରେଣୁକା ସୁନା, ଚନ୍ଦ୍ର ଶେଖର ଶବର, ରାଜେଶ୍ୱରୀ ଭୋଇ, ସୁନିତା ପଧାନ ଓ ବୈକୁଣ୍ଠ ସେଠ ଙ୍କ ସମେତ ସମସ୍ତ ଥାନା ଅଧିକାରୀ, ପୋଲିସ ଅଧିକାରୀ ଯୋଗ ଦେଇଥିଲେ। ମେଣ୍ଡା ଫାଣ୍ଡି ର ଶ୍ରେଷ୍ଠ ଉପ ନିରୀକ୍ଷକ ଭାବେ ପ୍ରେମ ରାଜ ସାହୁ, ବୀର ମହାରାଜ ପୁର ଥାନା ର ସହକାରୀ ଉପ ନିରୀକ୍ଷକ ଭାବେ କୁମାରୀ କାନ୍ଦୁଲା ନାଗ, ସୋନପୁର ଆର ଓ ର ଶ୍ରେଷ୍ଠ ହାବିଲ ଦାର ଭାବେ ସନ୍ତୋଷ ପାତ୍ର, ସୋନପୁର ର ଶ୍ରେଷ୍ଠ 'ଓ ଆର' କାନେଷ୍ଟ ବଲ୍ ଭାବେ ବି. ପୁରୋଷୋତ୍ତମ୍ ପାତ୍ର, ଶ୍ରେଷ୍ଠ ଇ ପି ଆର କନେଷ୍ଟ୍ ବଲ ସୋନପୁର 'ଆର ଓ' ର ପଦ୍ମନ ବାଗ, ସୋନପୁର ର ଶ୍ରେଷ୍ଠ ପୋଲିସ ଭାବେ ଭବାନୀ ହୋତା ଙ୍କୁ ସୁବର୍ଣ୍ଣପୁର ଏସପି ଙ୍କ ଦ୍ୱାରା ସମ୍ବର୍ଧିତ କରାଯାଇଥିଲା। ସୋନପୁର ଥାନା ର ଏ ସେ ଆଇ ରଞ୍ଜିତ ମହାପାତ୍ର ଙ୍କୁ ଆଜି ରାଜ୍ୟ ସ୍ତର ରୁ ଡି ଜି ପି ଡିସ୍କ (ଉଏଚ ଉଓଝଉ) ଆୱାର୍ଡ ରେ ସମ୍ବର୍ଦ୍ଧିତ କରା ଯାଇଥିବା ବିଷୟ ଜିଲ୍ଲା ପୋଲିସ୍ ବିଭାଗ ରୁ ସୁଚନା ମିଳିଛି। ପୋଲିସ କନେଷ୍ଟବଳ ସଂଘ ସଭାପତି କୁମୁଦ ରଂଜନ ମେହେର, ସଂପାଦକ ରଞ୍ଜିତ କୁମାର ପଧାନ ଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଗୌରବ ଆଣିଲେ ହାବିଲଦାର ଗଙ୍ଗାଧର



ଧାମନଗର,୨।୪(ସଂଚାର ବ୍ୟୁରୋ)ଃ ୯୧ ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଭଦ୍ରକ ଚରମ୍ପା ସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ପାଳିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷ ମନୋଜ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ପେରେଡ୍ ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ କର୍ତ୍ତବ୍ୟ ପରାୟଣ ପୋଲିସ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କର୍ମଚାରୀଙ୍କୁ ବିଭାଗ ପକ୍ଷରୁ ଏସ୍ପି ଶ୍ରୀ ରାଉତଙ୍କ ଦ୍ୱାରା ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ଜଣେ ସଚ୍ଚୋଟ, ନିର୍ଭୀକ ଓ କର୍ତ୍ତବ୍ୟନିଷ୍ଠା ପୋଲିସ କର୍ମଚାରୀ ଧାମନଗର ମାଟିର ପୁଅ ତଥା ଚାନ୍ଦବାଲି ଥାନାର କାର୍ଯ୍ୟରତ ହାବିଲଦାର ଗଙ୍ଗାଧର ବିଶ୍ୱାଳଙ୍କୁ ଆରକ୍ଷୀ ଅଧିକ୍ଷ ମନୋଜ ରାଉତ ଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି ଦୁଇ ଜଣ ଅଂଶୁମାନ ଦ୍ୱିବେଦୀ, ସମ୍ବିତ କୁମାର ମାଝୀ, ଅରୁପ ଅଭିଷେକ ବେହେରାଙ୍କ ସମେତ ସଭାରେ ଜିଲ୍ଲାସ୍ତରୀୟ ବରିଷ୍ଠ ପୋଲିସ ଅଧିକାରୀମାନେ ଯୋଗ ଦେଇଥିବା ବେଳେ ଜିଲ୍ଲାର ବିଭିନ୍ନ ଥାନାର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପୁରସ୍କାର ଓ ସମ୍ମାନିତ ହେବା ପରେ ଏସପି ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ଶ୍ରୀ ବିଶ୍ୱାଳ କୃତଜ୍ଞତା ଜ୍ଞାପନ କରିଛନ୍ତି।

## କଲେଜ ୱାର୍ଡେନ୍ଙ୍କ ଆକସ୍ମିକ ମୃତ୍ୟୁ



ବୈଶିଙ୍ଗା,୨।୪(ସଂଚାର ବ୍ୟୁରୋ)ଃ ବୈଶିଙ୍ଗା ସ୍ଥିତ ପ୍ରିୟଂଶୀରାଧେ ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟରେ ୱାର୍ଡେନ ଭାବେ ଚାକିରୀ କରୁଥିବା ଯୋଗେନ୍ଦ୍ର ସେନାପତି (୫୮) ଙ୍କ ଆକସ୍ମିକ ମୃତ୍ୟୁ ହୋଇଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଶ୍ରୀ ସେନାପତି ଔଷଧ ନେବା ପାଇଁ ନିଜ ସ୍କୁଟର ରେ ବୈଶିଙ୍ଗା ଡାକ୍ତରଖାନାରେ ପହଞ୍ଚି ଧାଡିରେ ଛିଡା ହୋଇଥିଲେ। କିଛି ସମୟ ପରେ ହଠାତ୍ ସେ ଟଳି ପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ବେଡ଼ରେ ଶୁଆଇ ଅକ୍ସିଜେନ ଦେବା ସହିତ ଆବଶ୍ୟକ ଚିକିତ୍ସା କରାଯାଇଥିଲେ ହେଁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା ବୋଲି ଡାଃ ତ୍ରିନାଥ ହାଁସଦା ପ୍ରକାଶ କରିଥିଲେ। ମୃତ ସେନାପତି ଙ୍କ ଘର ନୀଳଗିରି ଅଞ୍ଚଳରେ ବୋଲି ଜଣାପଡ଼ିଛି। ସେ ସୈନ୍ୟ ବିଭାଗରେ ଚାକିରୀ କରି ଅବସର ନେବା ପରେ ୫/୬ ହେବ ପ୍ରିୟଂଶୀ ରାଧେ ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟରେ ୱାର୍ଡେନ୍ ଭାବେ ଚାକିରୀ କରିଥିଲେ। ଟଳିପଡ଼ିବା ଖବର ପାଇ କଲେଜ ମୁଖ୍ୟ ପରିଚାଳକ ଶୁଶାନ୍ତ କୁମାର ନାୟକ ଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ବୈଶିଙ୍ଗା ଡାକ୍ତରଖାନାରେ ପହଞ୍ଚିଥିଲେ। ଡାକ୍ତର ଖାନା ରୁ ଖବର ପାଇ ବୈଶିଙ୍ଗା ପୁଲିସ ମୃତ ସେନାପତିଙ୍କ ମର ଶରୀରକୁ ଶବ ଗୃହ ରେ ରଖିଥିଲେ। ଶୁକ୍ରବାର ସକାଳେ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୁଲିସ ଏ ନେଇ ୧୪/୨୬ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ



ସୁବର୍ଣ୍ଣପୁର, ୨।୪(ସଂଚାର ବ୍ୟୁରୋ)ଃ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ଓ ୩୩ତମ ସୁବର୍ଣ୍ଣପୁର ଜିଲ୍ଲା ପ୍ରତିଷ୍ଠା ଦିବସ - ୨୦୨୬ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାତଃ ୪.୦୦ ଘଟିକା ସମୟରେ ଡ଼ାକବାଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ସହ ସହର ପରିକ୍ରମା କରାଯାଇଥିଲା। ସକାଳ ୭.୩୦ ଘଟିକା ସମୟରେ ସୁବର୍ଣ୍ଣପୁର ସହରରେ ଅବସ୍ଥାପିତ ମହାପୁରୁଷ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତୀରେ ଜିଲ୍ଲା ପ୍ରଶାସନ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା। ଦିବା ୮.୦୦ ଘଟିକା ଠାରୁ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ୍ ସାହୁଙ୍କ ଦ୍ୱାରା ସୁବର୍ଣ୍ଣପୁର ସହର ସ୍ଥିତ ସ୍ୱଧାର ଗୃହ ଠାରେ ଅନ୍ତେବାସୀ ମାନଙ୍କୁ ବସ୍ତ୍ର ଓ ମିଷ୍ଟାନ ବଣ୍ଟନ, ଉତ୍କଳ ବାଲାଶ୍ରମ୍ ଠାରେ ଅନ୍ତେବାସୀ ମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କୁଷ୍ଠାଶ୍ରମ୍ ଠାରେ ଅନ୍ତେବାସୀ ମାନଙ୍କୁ ବସ୍ତ୍ର ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ତାପରେ ଦିବା ୯.୩୦ ଘଟିକା ସମୟରେ ଜିଲ୍ଲା ସ୍ତରୀୟ ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ସମାରୋହ ୨୦୨୬ ଉପଲକ୍ଷେ ସୁବର୍ଣ୍ଣପୁର ଟାଉନ ହଲ ଠାରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଅଞ୍ଜଳୀନା ପ୍ରଧାନଙ୍କ ସଭାପତିତ୍ୱ ରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭା ରେ ଜିଲ୍ଲାପାଳ, ଡ଼. ନୃପରାଜ୍ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ କୁମାର ମେହେର, ସୋନପୁର ପୌର ପରିଷଦ ଅଧ୍ୟକ୍ଷା, ଶ୍ରୀମତି ତାମସି ତାମସ୍ମିତା ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସାସ୍ଥ୍ୟ ଅଧିକାରୀ, ଡ଼ା .ଉଷାରାଣୀ ଦାଶ ଓ ଉପ ଜିଲ୍ଲାପାଳ, ସୋନପୁର, ଡ଼. ସୌମ୍ୟାରୁପା ରଥ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

# ୯୦ ବର୍ଷ ବୟସରେ ବି ବୃଦ୍ଧାଙ୍କୁ ମିଳୁନି ଭତ୍ତା



### ଅସହାୟ ଅବସ୍ଥାରେ ଭାଲୁର ଗାଁର ତୁଳା କହଁର

କନ୍ଧମାଳ,୨।୪(ସଂଚାର ବ୍ୟୁରୋ)ଃ ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଅସହାୟ ଲୋକ ମାନଙ୍କ ପାଇଁ ରାଜ୍ୟ ରାଜକୋଷ ରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଯୋଜନା ମାଧ୍ୟମରେ ସହାୟତା ଯୋଗାଇ ଦେଉଥିବା କହୁଥିବା ବେଳେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏହି ଯୋଜନା ପ୍ରକୃତ ହିତାଧିକାରୀ ମାନଙ୍କ ପାଖରେ ପହଂଚି ପାରୁନାହିଁ । ଯାହା ପାଇଁ ଏହି ସବୁ ଯୋଜନା ରୁ ଅନେକ ହିତାଧିକାରୀ ବାଦ ପଡୁଥିବା ବେଳେ ଏହି ସବୁ ଯୋଜନା ର ସଫଳ ରୂପାୟନ ଉପରେ ଏବେ ପ୍ରଶ୍ନବାଚି ସୃଷ୍ଟି ହେଉଛି । ଏଭଳି ଏକ ସରକାର ଙ୍କ ବିଫଳତା ଓ ଯୋଜନା ଫେଲ ମାରିଥିବାର ଜ୍ୱଳନ୍ତା ଉଦାହରଣ ଦେଖିବାକୁ ମିଳିଛି ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲା ର ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା କାଶିନୀପଦର ପଞ୍ଚାୟତ ର ଭାଲୁରଗାଁ ରେ । କିଛିଦିନ ତଳେ ଏହି କନ୍ଧମାଳ ଜିଲ୍ଲା ମୁଖ୍ୟାଳୟ ରେ ତୁଳା ବେହେରା ନାମକ ଜଣେ ମହିଳା ଭିକ୍ଷୁକ ତାଙ୍କର ବର୍ଷବର୍ଷ ଧରି ଭିକ୍ଷା କରିଥିବା ସବୁତକବର୍ଥ ଫୁଲବାଣୀ ସହରରେ ଥିବା ଜଗନ୍ନାଥ ମନ୍ଦିର କୁ ଦାନ କରି ବେଶ ଚର୍ଚ୍ଚା ର ପରିସର କୁ ଆସିଥିଲେ । ଜିଲ୍ଲା ମୁଖ୍ୟାଳୟ ରେ ଅନୁଷ୍ଠିତ ହୋଇଥିବା ଏକ ମର୍ଯ୍ୟକ୍ରମ ରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସମ୍ବର୍ଦ୍ଧନା ମଧ୍ୟ ଜ୍ଞାପନ କରିଥିଲେ । ସେତେବେଳେ ତୁଳା ବେହେରା ଙ୍କ ଏହି ମହାନ କାର୍ଯ୍ୟ ସାରା ଓଡ଼ିଶାର ଗଣମାଧ୍ୟମ ମାନଙ୍କ ର ଶିରୋନାମା ପାଲଟିଥିଲା । ତେବେ ଗୋଟେ ତୁଳା ସବୁକିଛି ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିବା ବେଳେ ଏହି ଭାଲୁର ଗାଁର ଅସହାୟ ୯୦ ବର୍ଷୀୟା ତୁଳା କହଁର ଙ୍କୁ ସରକାର ସମ୍ପୂର୍ଣ୍ଣ ଭାବରେ ଉପେକ୍ଷା କରିଛନ୍ତି । ତେବେ ଭାଲୁର ଗାଁ ର ଏହି ତୁଳା କହଁର । ବୟସ ୯୦ ବର୍ଷ । ଆଖିକୁ ଭଲଭାବରେ ଦେଖାଯାଉନି କି ଚାଲିବାକୁ ଆଉ ଶକ୍ତି ନାହିଁ । ନା ତାଙ୍କ ପାଖରେ ଅଛି ରାସନ କାର୍ଡ ନା ସେ ପାଉଛନ୍ତି ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା । କେବଳ ସେତିକି ନୁହଁ ବୃଦ୍ଧା ଜଣକ ଅବିବାହିତ ହୋଇଥିବା ବେଳେ ତାଙ୍କର କୌଣସି ପରିବାର ଲୋକ ମଧ୍ୟ ତାଙ୍କ ପାଖରେ ନାହାନ୍ତି ଓ ଗାଁ ରେ ତାଙ୍କର କୌଣସି ଘର ମଧ୍ୟ ନାହିଁ । ଯାହାଫଳରେ ବର୍ଷବର୍ଷ ଧରି ସେ କେତେବେଳେ ଗାଁ ମଣ୍ଡପ ରେ ତ ଆଉ କେତେବେଳେ ଗାଁ ସ୍କୁଲ ସାଜିଛି ବୃଦ୍ଧା ଙ୍କ ଆଶ୍ରୟ ସ୍ଥଳୀ । ଗାଁରେ ବୁଲିବୁଲି ଯେ ଯାହା ଦେଲା ମୁଠାଏ ଖାଇ ଦେଇ ଜୀବନ ବିତାଉଛନ୍ତି ବୃଦ୍ଧା ଜଣକ । ତେବେ ବର୍ତ୍ତମାନ ଯାଏ ତାଙ୍କର ଆଧାର କାର୍ଡ ଖଣ୍ଡିଏ ହୋଇପାରିନଥିବାରୁ ତାଙ୍କୁ ଏପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା କିମ୍ବା ରାସନ ଚାଉଳ ମିଳିପାରିନଥିବ କହିଛନ୍ତି କାଶିନୀପଦର ପଞ୍ଚାୟତ ର ନାଏବ ସରପଞ୍ଚ ରୁଷି ଦିଗାଲ ।